# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୫/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, February 5/2026 | Page 14 | ₹ 7.00

୫୨ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 73 | ମୂଲ୍ୟ ₹୭/-



**ଫାଇନାଲରେ ଭାରତ**

ଆରୋନ ଜର୍ଜଙ୍କ ଶତକ ବଳରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। **୧୩**

**୧୦** **ସହ ନିର୍ଦ୍ଦେଶନାରୁ ଅଭିନୟ**

ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ 'ମାଇଁ ନେମ୍ ଇଜ୍ ଖାନ୍' ଫିଲ୍ମର ସହ-ନିର୍ଦ୍ଦେଶକ ସାଜିଥିବାବେଳେ ପରବର୍ତ୍ତୀ ସମୟରେ ଅଭିନୟ କ୍ଷେତ୍ରରେ ପାଦ ଦେଇଥିଲେ।




ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ଏସ୍‌ଟି ଏସ୍‌ସି ଡେଭଲପମେଣ୍ଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍କୁଲ୍ ପରିସରରେ ସ୍ଥାପିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ।

# ଓଡ଼ିଶା ଚାହୁଁଛି କେନ୍ଦ୍ର ମଧ୍ୟସ୍ଥତା କରୁ

## ମହାନଦୀ ଜଳ ବିବାଦ

ଛତିଶଗଡ଼ ସରକାରଙ୍କ ପକ୍ଷରୁ ମହାନଦୀର ଉପରମୁଣ୍ଡରେ ୬୦ରୁ ଊର୍ଦ୍ଧ୍ୱ ବ୍ୟାରେଜ୍ କରାଯିବା ଯୋଗୁ ତଳମୁଣ୍ଡ ଓଡ଼ିଶାରେ ଏହି ନଦୀରେ ଜଳସଙ୍କଟ ଦେଖାଦେଉଛି। ଏନେଇ ୨୦୧୬ରୁ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ଆରମ୍ଭ ହୋଇଥିବାବେଳେ ଏହାର ସମାଧାନ ପାଇଁ ୨୦୧୮ ମାର୍ଚ୍ଚରୁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଏଯାଏ ଏହି ବିବାଦର ଅନ୍ତ ଘଟି ନ ଥିବାରୁ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟସ୍ଥ ସାଜିବାକୁ ଓଡ଼ିଶା ସରକାର ଅନୁରୋଧ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କେବଳ ଟ୍ରିବ୍ୟୁନାଲ ଉପରେ ନିର୍ଭର ନ କରି ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ। ଓଡ଼ିଶା ଏବଂ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାବେଳେ କେନ୍ଦ୍ରରେ ଏହି ଦଳ ନେତୃତ୍ୱରେ ସରକାର ଚାଲିଛି। ଏଭଳିସ୍ଥଳେ ଓଡ଼ିଶା ସରକାରଙ୍କ ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିନେଲେ ଖୁବ୍‌ଶୀଘ୍ର ସମାଧାନର ବାଟ ବାହାରି ପାରନ୍ତା ବୋଲି ଆଶା କରାଯାଉଛି।

ଭୁବନେଶ୍ୱର,୪।୨
(ରବିନାରାୟଣ ଜେନା)

ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଟ୍ରିବ୍ୟୁନାଲ ମାଧ୍ୟମରେ ସମାଧାନ ହେବା ସମୟସାପେକ୍ଷ। ତେଣୁ ମଧ୍ୟସ୍ଥ ଜରିଆରେ ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅବଧି ଏପ୍ରିଲ ୧୩ରେ ଶେଷ ହେଉଥିବାରୁ ଏହାକୁ ଆଉ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଗଣତନ୍ତ୍ର ବ୍ୟବସ୍ଥାରେ ଆଲୋଚନା ମାଧ୍ୟମରେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ। ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ କନକ ବର୍ଦ୍ଧନ ସିଂଦେଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଆଲୋଚନା କରିଛନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ସମାଧାନରେ ବହୁ ସମୟ ବିତିଯାଉଥିବାରୁ କଥାବାର୍ତ୍ତା ମାଧ୍ୟମରେ ସମସ୍ୟାର ସମାଧାନ କରିବୁ। ପୂଜାରୀ ପୁଣି କହିଛନ୍ତି, ବିଧାନସଭାରେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ଯେଉଁ ଭୁଲ୍ ତଥ୍ୟ ଦେଇଥିଲେ, ତାହାକୁ ଅସ୍ତ୍ର ଭାବେ ଛତିଶଗଡ଼ ସରକାର ବ୍ୟବହାର କରୁଛନ୍ତି। ସେଥିପାଇଁ ମହାନଦୀ ଜଳ ବିବାଦର ସମାଧାନ ବିଳମ୍ବ ହେଉଛି।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ଲାଗି ମହାନଦୀ ଟ୍ରିବ୍ୟୁନାଲ ୨୦୧୮ ମାର୍ଚ୍ଚରେ ଗଠନ ହୋଇଥିଲା। ନିୟମ ଅନୁଯାୟୀ, ଏହି ବିବାଦର ଅନ୍ତ ୩ ବର୍ଷ ମଧ୍ୟରେ ହେବାକଥା। ମାତ୍ର ପ୍ରଥମ ପର୍ଯ୍ୟାୟରେ ଏହା ବଢ଼ି ୨୦୨୩ ମାର୍ଚ୍ଚରେ ଫଇସଲା ହେବାକୁ ଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହାର କାର୍ଯ୍ୟକାଳ ୨୦୨୬ ଏପ୍ରିଲ ୧୩ ଯାଏ ବଢ଼ାଯାଇଥିଲା। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଭାରତରେ ଇସ୍‌ଲାମ ପ୍ରବେଶ


# ଆମେରିକୀୟ କୃଷି ଉତ୍ପାଦ ଉପରେ ଭାରତ କଷିବନି ଟାରିଫ୍

ଆମେରିକା ଭାରତକୁ ରପ୍ତାନି କରିବାକୁ ଥିବା ବିବିଧ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ନୂଆଦିଲ୍ଲୀ ୦% ଟାରିଫ୍ କଷିବ। ଅର୍ଥାତ୍ ଆମେରିକୀୟ ସାରାୟନିକ ସାମଗ୍ରୀ, ବିମାନ ଯନ୍ତ୍ରାଂଶ ଓ ଆଣବିକ ଉପକରଣ ସହ ଫଳ, ପନିପରିବା ଆଦି ଉପରେ ଭାରତ ପକ୍ଷରୁ ଆଦୌ କୌଣସି ଟାରିଫ୍ ଲଗାଯିବ ନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ଭାରତରେ ବଡ଼ ବିତର୍କ ମୁଣ୍ଡ ଟେକିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଣ୍ଡ ନୁଆଇ ଏଥିରେ ସହମତି ପ୍ରକାଶ କରିଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ସଂସଦରେ ମଧ୍ୟ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି।

- **ୟୁଏସ୍‌ଟିଆର୍‌ଙ୍କ ମନ୍ତବ୍ୟକୁ ନେଇ ମୁଣ୍ଡ ଟେକିଲା ବିତର୍କ**
- **ଟ୍ରମ୍ପ୍‌ଙ୍କ ଚାପରେ ମୁଣ୍ଡ ନୁଆଁଇଛନ୍ତି ମୋଦି: କଂଗ୍ରେସ**

ନ୍ୟୁୟର୍କ/ୱାଶିଂଟନ/ନୂଆଦିଲ୍ଲୀ,୪।୨

ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ କିଛି ମାସର ବାଣିଜ୍ୟିକ ଅନିଶ୍ଚିତତା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫେବୃଆରୀ ୨ରେ ଐତିହାସିକ ଟ୍ରେଡ୍ ଡିଲ୍ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏହି ବାଣିଜ୍ୟିକ ଚୁକ୍ତି ଭାରତୀୟ ବଜାର ଓ ଅର୍ଥନୀତି ପାଇଁ କାଳ ହୋଇପାରେ, ଯାହାକି ଆମେରିକାର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି। ☞ପୃଷ୍ଠା-୪




# ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ

## ଲୋକଙ୍କୁ ହତ୍ୟା କରୁଛି ଏସ୍‌ଆଇଆର୍‌: ମମତା

ନୂଆଦିଲ୍ଲୀ,୪।୨

ନିର୍ବାଚନ କମିଶନ(ଇସି) ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଚଳାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍‌) ଯୋଗୁ ପଶ୍ଚିମବଙ୍ଗରେ ୧୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏସ୍‌ଆଇଆର୍‌ ଜରିଆରେ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥିସହ ସୁପ୍ରିମକୋର୍ଟ ଗଣତନ୍ତ୍ରର ସୁରକ୍ଷା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ମମତାଙ୍କ ଏଭଳି ଯୁକ୍ତି ପରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ କରିଛନ୍ତି। ଆସନ୍ତା ୯ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଶୀର୍ଷ ଅଦାଲତ ଧାର୍ଯ୍ୟ କରିଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଛନ୍ତି। ଏପରି କରିବାରେ ମମତା ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍‌ ଜୟମାଲା ବାଗ୍‌ଚୀ ଓ ବିପୁଲ ଏମ୍‌. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ମମତାଙ୍କ ଆବେଦନକୁ ଗ୍ରହଣ କରି କହିଛନ୍ତି, ଉପଯୁକ୍ତ ବ୍ୟକ୍ତିମାନେ ଭୋଟର ତାଲିକାରେ ରହିବା ଜରୁରୀ। ଶୁଣାଣି ବେଳେ ମମତା କହିଥିଲେ, ଏସ୍‌ଆଇଆର୍‌ ପ୍ରକ୍ରିୟାରେ ଅବ୍ୟବସ୍ଥା ନେଇ ସେ ଇସିଙ୍କୁ ୬ ଥର ଚିଠି ଲେଖିଲେଣି। କିନ୍ତୁ ଇସିଙ୍କ ପକ୍ଷରୁ ଏ ଯାଏ ଉତ୍ତର ଦିଆଯାଇନାହିଁ। ସେମାନଙ୍କ ଏସ୍‌ଆଇଆର୍‌ ପ୍ରକ୍ରିୟା କେବଳ ନାମ ହଟାଇବା ପାଇଁ ଉଦ୍ଦିଷ୍ଟ, ନାଗରିକଙ୍କୁ ସାମିଲକରିବା ଲାଗି ନୁହେଁ। ଆସାମରେ ଯେଉଁ ମାପଦଣ୍ଡ ଆପଣାଯାଇଛି, ପଶ୍ଚିମବଙ୍ଗରେ ତାକୁ କାହିଁକି ଲାଗୁ କରାଯାଉନାହିଁ? କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନିର୍ବାଚନ କମିଶନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆଧାର କାର୍ଡକୁ ଦସ୍ତାବିଜ ରୂପେ ଗ୍ରହଣ କରୁନାହାନ୍ତି। ମମତା ବରିଷ୍ଠ ଓକିଲ କପିଲ ସିବଲ ଓ ଶ୍ୟାମ ଦିୱାନ୍‌ଙ୍କ ଜରିଆରେ ଆହୁରି କହିଥିଲେ, ଏସ୍‌ଆଇଆର୍‌ ଜରିଆରେ କମିଶନ ଜୀବିତ ନାଗରିକମାନଙ୍କୁ ମୃତ ଦର୍ଶାଉଛନ୍ତି। ତେଣୁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଗଣତନ୍ତ୍ରକୁ ରକ୍ଷା କରନ୍ତୁ। ତାଙ୍କ ଯୁକ୍ତି ଉପରେ ବିଚାର ଲାଗି ସିଜେଆଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଉ। ଖଣ୍ଡପୀଠ ସବୁ ଶୁଣିବା ପରେ ଇସି ଏବଂ ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଏହା ଉପରେ ସୋମବାର ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ସୁପ୍ରିମକୋର୍ଟକୁ ଯିବାବେଳେ ପାରମ୍ପରିକ ଧଳା ଶାଢ଼ି ଉପରେ କଳାରଙ୍ଗର ସ୍କାର୍ଫ ପିନ୍ଧିଥିଲେ। ତାଙ୍କ ସହ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ଉପସ୍ଥିତ ଥିଲେ।



ସୁପ୍ରିମକୋର୍ଟ ପରିସରରେ ଓକିଲମାନଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ମୃତ

ଜମ୍ମୁ(ପି.ଟି),୪।୨

ଜମ୍ମୁ କଶ୍ମୀରର ଉଦ୍ଧମପୁର ଜିଲାରେ ବୁଧବାର ଭାରତୀୟ ସେନା ଗୁଳିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ରହିଥିଲା ବେଳେ ଅନ୍ୟ ଆତଙ୍କବାଦୀ ଜଣକ ଜୈଶ୍‌-ଇ-ମହମ୍ମଦ ସଂଗଠନର ଜଣେ ଟପ୍‌ କମାଣ୍ଡର ବୋଲି ଜଣାପଡ଼ିଛି। ତାଙ୍କ ନାମ ରୁବାନି ଓରଫ ଅବୁ ମାଭିଆ। ସେ ଗତ କିଛି ବର୍ଷ ଧରି ଉଦ୍ଧମପୁର ଜିଲା ସମେତ ଜମ୍ମୁ କଶ୍ମୀରର ଅନ୍ୟ କିଛି ଇଲାକାରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ରାମନଗର-ବସନ୍ତଗଡ଼ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଥିଲା ବେଳେ ଏକ ଗୁମ୍ଫା ମଧ୍ୟରୁ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା ଏହାପରେ ସେନା, ଜମ୍ମୁ କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍‌ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋର୍‌ଦାର୍‌ କରାଯାଇଥିଲା। ଉକ୍ତ ଗୁମ୍ଫା ମଧ୍ୟରେ ଲୁଚି ରହିଥିବା ଦୁଇ ଆତଙ୍କବାଦୀଙ୍କୁ ସେନା ଏନ୍‌କାଉଣ୍ଟର କରିଥିବା ସେନା ପକ୍ଷରୁ କୁହାଯାଇଛି।

## କୋଲକାତାରେ ତୁର୍କୀ ବିମାନ ଜରୁରୀ ଅବତରଣ

ନୂଆଦିଲ୍ଲୀ,୪।୨

କାଠମାଣ୍ଡୁରୁ ଇସ୍ତାନବୁଲ୍‌ ଯାଉଥିବା ତୁର୍କୀ ଏୟାରଲାଇନ୍ସ ବିମାନ ବୁଧବାର ଅପରାହ୍ନରେ କୋଲକାତା ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନଟି ୨୩୬ ଯାତ୍ରୀଙ୍କୁ ନେଇ କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦିନ ପ୍ରାୟ ୧.୩୦ ମିନିଟ୍‌ରେ ଉଡ଼ାଣ କରିଥିଲା। କିନ୍ତୁ ଉଡ଼ାଣ କରିବାର ମାତ୍ର ୪ ମିନିଟ୍‌ ପରେ ଏହାର ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିବା ପାଇଲଟ୍‌ କକ୍‌ପିଟ୍‌ ସତର୍କତା ବ୍ୟବସ୍ଥାରୁ ଅବଗତ ହୋଇଥିଲେ। ନିଆଁ ଲାଗିଥିବା ଇଞ୍ଜିନ୍‌କୁ ବନ୍ଦ କରିଦେଇ ପାଇଲଟ୍‌ ତୁରନ୍ତ ଫେରିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ କାଠମାଣ୍ଡୁ ବିମାନ ବନ୍ଦରରେ ଅବତରଣ ପାଇଁ ସମୟ ଲାଗିବ ବୋଲି କୁହାଯାଇଥିଲା। ଏହାପରେ ପାଇଲଟ୍‌ କୋଲକାତା ବନ୍ଦରରେ ବିମାନଟିକୁ ଅବତରଣ କରାଇଥିଲେ। ଅବତରଣ ପର୍ଯ୍ୟନ୍ତ ବିମାନଟି ଗୋଟିଏ ଇଞ୍ଜିନ୍‌ ଦ୍ୱାରା ଉଡ଼ାଣ କରିଥିଲା। ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି।

## ଖେମ୍‌ଚନ୍ଦ ସିଂ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୪।୨

ମଣିପୁରରେ ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ବୁଧବାର ହଟିବା ପରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ନେତା ୟୁମନାମ୍‌ ଖେମ୍‌ଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଅଜୟ କୁମାର ଭାଲା ଖେମ୍‌ଚନ୍ଦ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏଥିସହିତ ନାଗା ପିପୁଲ୍ସ ଫ୍ରଣ୍ଟ ନେତା ଏଲ୍‌ ଦିଖୋ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୨୦୨୫ ଫେବୃଆରୀରେ ଭାଜପା ନେତା ଏନ୍‌.ବୀରେନ୍‌ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ରାଜ୍ୟରେ ଲାଗି ରହିଥିବା ହିଂସା ନ ଥମିବା ଏବଂ ବିଭିନ୍ନ ଇଲାକାରେ ସ୍ଥିତି ଖରାପ ହେବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ହଟାଇବା ନେଇ ବିଭିନ୍ନ ମହଲରେ ସ୍ୱର ଉଠିଥିଲା। ଏହି କାରଣରୁ ୨୦୨୫ ଫେବୃଆରୀ ୯ରେ ବୀରେନ୍‌ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।



ୟୁମନାମ୍‌ ଖେମ୍‌ଚନ୍ଦ ସିଂ

# ଅନ୍‌ଲାଇନ ଗେମ୍‌ ନେଉଛି ଜୀବନ

## ପିଲାଙ୍କ ମାନସିକ ଅବସାଦ ବଢୁଛି

ନୂଆଦିଲ୍ଲୀ,୪।୨

'କୋରିଆନ୍‌ ଗେମ୍‌' ଭଳି ଅନ୍‌ଲାଇନ ଗେମ୍‌ ଆପ୍‌ ଜାଲରେ ପଡ଼ି ଉତ୍ତରପ୍ରଦେଶ ଗାଜିଆବାଦ ସହରର ସାହିବାବାଦ ଅଞ୍ଚଳରେ ୩ ନାବାଳିକା ଭଉଣୀ ୯ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଦେଇଛି। ବୁଧବାର ପ୍ରତ୍ୟୁଷରେ ଏଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ମଣିଷ ଉପରେ ଅନ୍‌ଲାଇନ ଗେମିଂ ଆପ୍‌ର କୁପ୍ରଭାବକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଛି। କେବଳ ଏହି କୋରିଆନ୍‌ ଗେମ୍‌ ନୁହେଁ, ଏହାପୂର୍ବରୁ ଅନେକ ଅନ୍‌ଲାଇନ ଗେମ୍‌ ପ୍ଲାଟଫର୍ମ ଜାଲରେ ପଡ଼ି ବହୁ ଜୀବନ ଯିବାର ମଧ୍ୟ ନଜିର ରହିଛି। ଏହାସତ୍ତ୍ୱେ ଦିନକୁ ଦିନ ପିଲାଙ୍କଠାରୁ ଆରମ୍ଭ କରି ସ୍ୱଳ୍ପ ବୟସ୍କ ଯୁବକମାନେ ଅନ୍‌ଲାଇନ ଗେମ୍‌ ଜାଲରୁ ମୁକୁଳି ପାରୁନାହାନ୍ତି। ବରଂ ଅନ୍‌ଲାଇନ୍‌ ଗେମ୍‌ ଏବଂ ଏଥିସହିତ ଜଡ଼ିତ ଡିଜିଟାଲ୍‌ ଚ୍ୟାଲେଞ୍ଜ ଛୋଟ ପିଲାଙ୍କ ଜୀବନଶୈଳୀର ଅଙ୍ଗ ପାଲଟିଯାଇଛି।

ଗାଜିଆବାଦ ଘଟଣା ସମ୍ପର୍କରେ ବିଶେଷଜ୍ଞମାନେ ତର୍ଜମା ଆରମ୍ଭ କରିଛନ୍ତି। ପ୍ରକୃତରେ କୋରିଆନ୍‌ ଗେମ୍‌ର ଅର୍ଥ ଏହା କୋରିଆ ଦେଶର ଖେଳ ନୁହେଁ। ଏହି ଶବ୍ଦକୁ ଅନ୍ୟ ଅର୍ଥରେ ବ୍ୟବହାର କରାଯିବା ସହିତ ସମ୍ପୃକ୍ତ ଆପ୍‌ରେ ଖେଳୁଥିବା ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ କିଛି କାର୍ଯ୍ୟ ଶେଷ କରିବାକୁ କୁହାଯାଇଥାଏ। ସାଧାରଣତଃ ପ୍ରତ୍ୟେକ ଅନ୍‌ଲାଇନ ଗେମ୍‌ରେ ରିୱାର୍ଡ, ପଏଣ୍ଟ, ଲେବଲ ବ୍ୟବସ୍ଥା ରହିଥିଲାବେଳେ ଏହାକୁ ଖେଳୁଥିବା ପିଲାଙ୍କୁ ସବୁ ଦିଗରୁ ଆଗକୁ ଯିବାକୁ ପ୍ରୋତ୍ସାହିତ କରାଯାଇଥାଏ। କୋରିଆନ୍‌ ଗେମ୍‌ ଆପ୍‌ରେ ମଧ୍ୟ ସମାନ ବ୍ୟବସ୍ଥା ସହିତ ଏହାକୁ ଖେଳୁଥିବା ପିଲାଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୋଟିଏ ସ୍ତରରୁ ଉପର ସ୍ତରକୁ ଯିବାକୁ କୁହାଯାଇଥାଏ। କିନ୍ତୁ ଏହି ପ୍ରକ୍ରିୟାରେ ଏଭଳି ବ୍ୟବସ୍ଥା ଥାଏ ଯେ, ଜଣେ ଖେଳୁଥିବା ସମୟରେ ଅତ୍ୟନ୍ତ ଉତ୍ସାହିତ ହେବା ସହ ଉତ୍କଣ୍ଠା ମଧ୍ୟ ବହୁଗୁଣ ବଢ଼ି ଯାଇଥାଏ। ଏହି ସମୟରେ ମସ୍ତିଷ୍କର ଡୋପାମାଇନ୍‌ ସ୍ତର ବଢ଼ି ଯାଇଥାଏ ଏବଂ ଖେଳୁଥିବା ଯୁବକ କିମ୍ବା ପିଲା ଆଗକୁ ଆଗକୁ ବଢିବା ଲାଗି ବ୍ୟାକୁଳ ହେବା ସହିତ ଯେକୌଣସିମତେ ସଫଳ ହେବାକୁ ଚାହେଁ ବୋଲି ମନସ୍ତାତ୍ତ୍ୱିକ ବିଶେଷଜ୍ଞ ଡ. ପ୍ରଶାନ୍ତ ଗୋଏଲ କହିଛନ୍ତି।



9001/3/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଲୋକସେବା ଅଧିକାର

ଆମ ସାଥୀ
ସରକାରୀ ସେବା, ଏବେ ଆପଣଙ୍କ ହାତ ମୁଠାରେ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
୫୭ଟି ଉପନିବନ୍ଧନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ
ଓ
"ଆମ ସାଥୀ ୟୁନିଫାଏଡ୍‌ ହ୍ୱାଟ୍ସଆପ୍‌ ବଟ୍‌"
ମାଧ୍ୟମରେ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର
ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକର ଲୋକାର୍ପଣ

ଏହି QR Code କୁ ସ୍କାନ୍‌ କରି "ଆମ ସାଥୀ" ସହାୟକ ୟୁନିଫାଏଡ୍‌ ହ୍ୱାଟ୍ସଆପ୍‌ ବଟ୍‌ ସହ ଯୋଡ଼ି ହୋଇଯାଆନ୍ତୁ

ଗରିମାମୟ ଉପସ୍ଥିତି
ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଓଡ଼ିଶା ସରକାର




୯୪୩୭୨୯୨୦୦୦
ଏହି ହ୍ୱାଟ୍ସଆପ୍‌ ନମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକ ସହ ୧୭୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀ ସେବା ଗୁଡ଼ିକ ପାଇ ପାରିବେ।

OIPR-9001/9008/2/25-26/0003

ଧରିତ୍ରୀ
DHARITRI
ଧରିତ୍ରୀ 52 Years








କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ରେ ଦୁଇ ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। **(ଫଟୋ: ରାଜକିଶୋର ମହାନ୍ତି)**

# ୯ ମହଲାରୁ ଡେଇଁ ୩ ଭଉଣୀଙ୍କ ଆତ୍ମହତ୍ୟା

## ଅନ୍‌ଲାଇନ ଗେମ୍ ନିଶା

**ଅନ୍‌ଲାଇନ ଗେମ୍ ପ୍ରତି ଆସକ୍ତିର ଏକ ଭୟଙ୍କର ପରିଣାମ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଗାଜିଆବାଦରେ। ମା'ବାପା ଉକ୍ତ ଗେମ୍ ଖେଳିବାକୁ ବାରଣ କରିବା ଏବଂ ମୋବାଇଲ ଫୋନ ଛଡ଼ାଇନେବାରୁ ୩ ନାବାଳିକା ଭଉଣୀ ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଆପାର୍ଟମେଣ୍ଟର ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୂର୍ବରୁ ଏଭଳି ଘଟଣା ବହୁଥର ଦେଖିବାକୁ ମିଳିଛି, ଯାହାକି ଏବେ ଏକ ସାମାଜିକ ସଙ୍କଟ ଭାବେ ଉଭାହୋଇଛି। ଗତ ୨୯ ତାରିଖରେ କେନ୍ଦ୍ର ସରକାର ଆଣିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ 'ଡିଜିଟାଲ ଆଡିକ୍ସନ' ବା ମୋବାଇଲ ନିଶାକୁ ଏକ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟ ଭାବେ ଦର୍ଶାଯାଇଛି। ଏଭଳିସ୍ଥଳେ ସରକାର 'ଟାସ୍କ-ଭିତ୍ତିକ' ଗେମ୍ ଏବଂ ଆପ୍‌ଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ପିଲାମାନଙ୍କ ପାଇଁ ଡିଜିଟାଲ ଗେଜେଟ୍ ବ୍ୟବହାରର ଏକ ସୀମା ନିର୍ଦ୍ଧାରଣ କରି ସେମାନଙ୍କୁ ସୁରକ୍ଷିତ ରଖିବା ଭଳି ବ୍ୟବସ୍ଥା ଆପଣାଇବା ଜରୁରୀ ହୋଇପଡ଼ିଥିବା ଅନେକେ ମନେକରୁଛନ୍ତି। ଗତ ଶନିବାର କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ସହଯୋଗୀ ଦଳ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏମ୍‌ପି ଏଲ୍.ଏସ୍.କେ. ଦେବରାୟଲୁ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ନିଷିଦ୍ଧ କରିବା ପାଇଁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିବାକୁ ଯାଉଥିବା କହିଥିଲେ, ଯାହାକି ଚଳିତ ବଜେଟ ଅଧିବେଶନରେ ଆଗତ ହୋଇପାରେ।**




ନାବାଳିକାମାନେ ଲେଖିଥିବା ସୁଇସାଇଡାଲ୍ ନୋଟ୍।

**ଗାଜିଆବାଦ,୪।୨ (ପି.ଟି.)**

ଗାଜିଆବାଦର ଟିଲା ମୋଡ଼ ଥାନା ଅନ୍ତର୍ଗତ 'ଭାରତ ସିଟି ସୋସାଇଟି'ର ଏକ ଆପର୍ଟମେଣ୍ଟର ୯ ମହଲାରେ ପରିବାର ସହ ରୁହନ୍ତି ଚେତନ କୁମାର। ତାଙ୍କ ୩ ନାବାଳିକା ଝିଅ ମଙ୍ଗଳବାର ରାତି ପ୍ରାୟ ୨.୧୫ ମିନିଟ୍‌ରେ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ନିଶିକା (୧୬), ପ୍ରାଚୀ (୧୪) ଏବଂ ପାଖୀ (୧୨)। ୩ ଭଉଣୀ ଏକ କୋରିଆନ ଅନ୍‌ଲାଇନ ଗେମ୍ (କୋରିଆନ ଲଭ୍ ଗେମ୍)) ପ୍ରତି ଅତ୍ୟଧିକ ଆସକ୍ତ ଥିଲେ। ମା'ବାପା ସେମାନଙ୍କୁ ଉକ୍ତ ଗେମ୍ ଖେଳିବାକୁ ବାରଣ କରିବାରୁ ସେମାନେ ଅବସାଦଗ୍ରସ୍ତ ହୋଇ ଏହି ଚରମ ☞ପୃଷ୍ଠା-୪

# ମାର୍ଚ୍ଚ ଯାଏ ବଢ଼ିଲା ଇଭି ଗାଡ଼ି ଉପରେ ସୁଧ ଛାଡ଼ ଅବଧି

**ଭୁବନେଶ୍ୱର,୪।୨(ରବିନାରାୟଣ ଜେନା)**

ରାଜ୍ୟରେ ବୈଦ୍ୟୁତିକ ଯାନ(ଇଭି)ର ବହୁଳ ବ୍ୟବହାର ତଥା ପ୍ରଦୂଷଣକୁ ରୋକିବା ଲାଗି ଅର୍ଥ ବିଭାଗ ପକ୍ଷରୁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧ରେ ସ୍ୱତନ୍ତ୍ର ଭାବେ 'ଇଭି' ନୀତି ଅଣାଯାଇଥିଲା। ସରକାରୀ କର୍ମଚାରୀଙ୍କୁ ଇଭି ଗାଡ଼ି କିଣିବା ଉପରେ ସେବେଠାରୁ ସୁଧ ଛାଡ଼ ପ୍ରଦାନ କରାଯାଇଆସୁଛି। ପ୍ରଥମେ ଏନେଇ ୨୦୨୩ ମାର୍ଚ୍ଚ ୧୭ରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଏହାର ଅବଧି ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ଏହାର ପୁନର୍ବିଚାର କରାଯାଇ ଏହି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଫେବୃଆରୀ ୨୮ ମଧ୍ୟରେ ଏଥିପାଇଁ ସରକାରୀ କର୍ମଚାରୀମାନେ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ମାର୍ଚ୍ଚ ୧୦ ମଧ୍ୟରେ ଆବେଦନପତ୍ରଗୁଡ଼ିକୁ ଯାଞ୍ଚକରି ମଞ୍ଜୁର କରିବାକୁ ପ୍ରମୁଖ ଶାସନ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ତେବେ କେଉଁ ବର୍ଗର ସରକାରୀ କର୍ମଚାରୀ ଏହି ଛାଡ଼ ସୁବିଧା ପାଇପାରିବେ, ତାହା ପୂର୍ବ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

# ମାଲକାନଗିରି ମାଓବାଦୀମୁକ୍ତ: ଏସ୍‌ପି

**ମାଲକାନଗିରି,୪।୨ (ଦୁର୍ଯ୍ୟୋଧନ ପାତ୍ର)**

## ମାଓବାଦୀ ନେତା ସୁଖରାମଙ୍କ ଆତ୍ମସମର୍ପଣ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ମାଓବାଦୀ ନେତା ସୁଖରାମ ମରକମ୍ ଓରଫ ସୁରେଶ ଓରଫ ଯୋଗେଶ୍ ମାଲକାନଗିରି ପୋଲିସ ନିକଟରେ ଅସ୍ତ୍ରଶସ୍ତ୍ର ସହ ବୁଧବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ମାଲକାନଗିରି ଜିଲା ଏସ୍‌ପି ବିନୋଦ ପାଟିଲ ଖବରଦାତା ସମ୍ମିଳନୀକରି ଆଜିଠାରୁ ମାଲକାନଗିରି ଜିଲା ମାଓବାଦୀମୁକ୍ତ ହେଲା ବୋଲି ଘୋଷଣା କରିଛନ୍ତି। ଅନ୍ୟ ଜିଲା କିମ୍ବା ରାଜ୍ୟରେ ଥିବା ମାଓବାଦୀମାନେ ଏଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହି ମୁଖ୍ୟସ୍ରୋତରେ ସାମିଲହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୧୦ରେ ସୁଖରାମ ବାଲ୍ ସଙ୍ଗଠନ, ୨୦୧୪ରେ ପାର୍ଟି ମେମ୍ବର ଭାବେ ଓ ମାଲକାନଗିରି ଜିଲାର ବିଭିନ୍ନ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ସୁଖରାମ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତରହିବା ସହ ଗ୍ରାମବାସୀ, ପୋଲିସ ଉପରେ ଆକ୍ରମଣ କରିବା ଏବଂ ବିଭିନ୍ନ ଲ୍ୟାଣ୍ଡମାଇନ ବିସ୍ଫୋରଣ ଆଦିଘଟଣାରେ ଜଡ଼ିତ ରହିଥିଲେ। ସରକାରଙ୍କ ପକ୍ଷରୁ ସୁଖରାମଙ୍କ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି। ତାଙ୍କ ନାଁରେ ଜିଲାର ମାଥିଲି ଥାନା ସହ ଛତିଶଗଡ଼ର ବିଭିନ୍ନ ଥାନାରେ ମାମଲା ରହିଛି। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଉଥିବାରୁ ଏବଂ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି। ବର୍ତ୍ତମାନ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ସେ ଆତ୍ମସମର୍ପଣ କରିଥିବାରୁ ତାଙ୍କୁ ୨୫ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି, ୨୫ ହଜାର ଟଙ୍କା ଏକକାଳୀନ ବିବାହ ରାଶି, ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ସହ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଏସ୍‌ପି ପାଟିଲ କହିଛନ୍ତି।

# ସାତକୋଶିଆ ବିକାଶ ପାଇଁ ୧୦୦ କୋଟି

**ଭୁବନେଶ୍ୱର, ୪।୨(ସୁନିତ୍ ମିଶ୍ର)**

ସାତକୋଶିଆ ପାଲଟିବ ବିଶ୍ୱସ୍ତରୀୟ ଇକୋ ଟୁରିଜମ୍ ହବ୍। ପାଖାପାଖି ୧୦୦ କୋଟି ଟଙ୍କା ବ୍ୟୟରେ ସାତକୋଶିଆରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ବ୍ୟାଘ୍ର ଅଭୟାରଣ୍ୟର ୬ଟି ସ୍ଥାନ ଚିହ୍ନଟ କରାଯାଇଛି। ପୁରୁଣାକୋଟ, ଜଗନ୍ନାଥପୁର ଏବଂ ଟିକରପଡ଼ାଠାରେ ନୂଆ ପ୍ରବେଶ ପଥ ନିର୍ମାଣ ହେବ। ବାଲିଫୁଟ, କୁସଙ୍ଗ ଓ ଛାମୁଣ୍ଡିଆଠାରେ ମଧ୍ୟ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ୍ ଟାୱାର, ରିଭର ଭ୍ୟୁ ଡେକ୍ ରହିବ ବୋଲି ଜଣାପଡ଼ିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ ଗତ ଜାନୁଆରୀ ୨୯ରେ ଏନେଇ ୱାଇଲ୍ଡ ଲାଇଫ୍ ପିସିସିଏଫ୍‌ଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସାତକୋଶିଆରେ ଇଣ୍ଟିଗ୍ରେଟେଡ୍ ଇକୋ ଟୁରିଜମ୍ ବିକାଶକରିବା ପାଇଁ ୯୯ କୋଟି ୭୫ ଲକ୍ଷ ୮୮ ହଜାର ୯୨୦ ଟଙ୍କାର ଡିପିଆର୍(ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇଛି। ସ୍ପେଶାଲ ଆସିଷ୍ଟାଣ୍ଟସ୍ ଟୁ ଷ୍ଟେଟ୍‌ସ୍ ଫର୍ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ(ଏସ୍‌ଏଏସ୍‌ସିଆଇ) ଯୋଜନାରେ ଏହି ଅର୍ଥ ମଞ୍ଜୁର କରାଯାଇଛି। ତେଣୁ ଉକ୍ତ ପ୍ରକଳ୍ପ କାମ ଆଗକୁ କିପରି ହେବ ତା'ର ତଦାରଖ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# କୂଅରୁ ମିଳିଲା ଛାତ୍ରଙ୍କ ମୃତଦେହ, ହତ୍ୟା ଅଭିଯୋଗ



ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

**ଗଣିଆ, ୪।୨ (ସନ୍ତୋଷ କୁମାର ପ୍ରଧାନ)**



ଭୋଳାନାଥ ମଳିକ

ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ବେଲପଡ଼ା ପାଟଣା ସରକାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ମୃତଦେହ ବୁଧବାର ପୋଲିସ ଏକ କୂଅରୁ ଜବତ କରିଛି। ମୃତ ଛାତ୍ର ହେଲେ ହେଲେ ବିଜୟ ମଳିକଙ୍କ ପୁଅ ଭୋଳାନାଥ ମଳିକ(୧୦)। ମଙ୍ଗଳବାର ମଧ୍ୟାହ୍ନ ଭୋଜନ ପରେ ଭୋଳାନାଥ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ବୁଧବାର ଛାତ୍ରଙ୍କ ମୃତଦେହ କୂଅରୁ ମିଳିବା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏପରି କି ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ୍‌ରେ ତାଲା ପକାଇ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ଏହି ଘଟଣାରେ ସ୍କୁଲର ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଗଣିଆ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା କଲ୍‌ଚରାଲ୍ ସର୍କଲ ଏବଂ ଓଡ଼ିଶା ଆତ୍ମା ପକ୍ଷରୁ ମଧୁବାବୁଙ୍କ ଜୀବନୀ ଉପରେ ସ୍ୱତନ୍ତ୍ର ଯୁବ ସାଂସ୍କୃତିକ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ କ୍ଲାସିକାଲ୍ ମ୍ୟୁଜିକ୍ କନ୍‌ସର୍ଟ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୧୭ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମ, ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାର୍ଷିକ ଉତ୍ସବ, ସ୍ଥାନ: ରେଞ୍ଜସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା
- ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୋଚିଆକୋଇଲି, ଖଇରା, ସମୟ: ଅପରାହ୍ନ ୩ଟା।
- ଯୁବ ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ–ଉତ୍କର୍ଷ, ସ୍ଥାନ: ହରିପ୍ଲାଜା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା

## ଭଦ୍ରକ

- ବିଦ୍ୟାଳୟରେ ଖାଦ୍ୟ ମେଳା, ସ୍ଥାନ: ମଦନ ମୋହନ ଡିଏଭି ପବ୍ଲିକ ସ୍କୁଲ, ଇଚ୍ଛାପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାରିକପୁର ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଶିଶୁ ବିହାର ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଦହପାଣିଆ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଦହପାଣିଆ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ମହରମପୁର ନୋଡାଲ ସ୍କୁଲ ଓ ଉମାଚରଣ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ମହରମପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ବାସୁଦେବପୁର, ସମୟ :ଅପରାହ୍ନ ୪ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ଼, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଅଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଟଣା ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ ଅଫିସ ଅଶ୍ୱାନ ହଲ, ସମୟ: ମଧ୍ୟାହ୍ନ ୧୨ଟା ୪୫।

## ମୟୂରଭଞ୍ଜ

- ଏସ୍‌ଏଲ୍‌ଏସ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ, ସ୍ଥାନ: ପାହାଡ଼ପୁର, କୁସୁମୀ,ସମୟ: ସକାଳ ୯ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶିମିଳିପାଳ ପରିଦର୍ଶନ,ସ୍ଥାନ: ଯଶୀପୁର,ଗୁଡୁଗୁଡ଼ିଆ, କୁସୁମୀ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତିର ସମ୍ମିଳନୀ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବାରକୋଷ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଚକାପାଦ ବିରୂପାକ୍ଷ ମନ୍ଦିର ପଡିଆ, ସମୟ : ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ୫ ଦିନିଆ ଜଙ୍ଗଲ ନିଆଁ ନିବାରଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସାଇକେଲ ଯାତ୍ରା ଆରମ୍ଭ, ସ୍ଥାନ: ଅନୁଗୋଳ ପୁରୁଣାଗଡ଼, ସମୟ: ସକାଳ ୮ଟା।
- ସରକାରୀ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୫୦ତମ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନର ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା ।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଶୁଭାରମ୍ଭ, ସ୍ଥାନ : ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବ୍ୟାସସରୋବର ମେଳାର ୮ମ ଦିନରେ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସସରୋବର ପୀଠ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୩ୟ ଦିବସରେ ସୂର୍ଯ୍ୟପୂଜା ସହ ଶ୍ରୀରାମଙ୍କ ଜନ୍ମ ବାଲ୍ୟଲୀଳା, ତାଡକାବଦ୍ଧ ଓ ମିଥିଳା ଯାତ୍ରା, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସକାଳ ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- କଣ୍ଟିଲୋ ସରସ୍ୱତୀ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ,ସ୍ଥାନ: କଣ୍ଟିଲୋ ନୀଳମାଧବ ବିହାର, ସମୟ: ସକାଳ ୮ଟାରୁ ରାତ୍ର ୮ଟା ।
- ୨୦୨୭ ଜନଗଣନା ଉପରେ ଆଲୋଚନା ସମର୍ଥ ତାଲିମ କାର୍ଯ୍ୟକ୍ରମ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ମଧ୍ୟାହ୍ନ ୧୨ ଟା ୩୦ ।

## ରାୟଗଡ଼ା

- ଶ୍ରୀନିବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଆମ୍ବେଦକର କଲୋନୀ, ଡାଙ୍ଗସୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସମ୍ପୂର୍ଣ୍ଣତା ଅଭିଯାନ ଉନ୍ମୋଚନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ,ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୃପା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଡାବୁଗାଁ, ସମୟ : ସନ୍ଧ୍ୟା ୬ଟା।

## କୋରାପୁଟ

- ଭିନ୍ନକ୍ଷମ ବର୍ଗଙ୍କ ମଧ୍ୟରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା, ମିନି ଷ୍ଟାଡିୟମ, ବୈପାରୀଗୁଡ଼ା, ସମୟ: ସକାଳ ୯ଟା।
- ଆନ୍ତର୍ଜାତୀୟ ମହିଳା ଚାଷୀ ବର୍ଷ ଆଲୋଚନା ଚକ୍ର, ସ୍ଥାନ: ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲିମା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଭିବିଜିରାମଜି ସମ୍ମିଳନୀ, ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଦିଗାପୁର ମଣ୍ଡଳ ଘଷର ଛକ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଉତ୍ସର୍ଗ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରକଳ୍ପର ବୈଠକ, ସ୍ଥାନ : ଗେଇଟି ରୋଡ ସ୍ଥିତ ଉତ୍ସର୍ଗ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ରାତି ୭ଟା।
- କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ସ୍ୱରାଞ୍ଜଳି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର , ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା
- ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀର ସମୟ: ସକାଳ ୯ଟା ୩୦।
- –ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ କୃଷି ଯନ୍ତ୍ରପାତି ମେଳାରେ ଆଲୋଚନାଚକ୍ର
- ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୧ଟାରୁ ୫ଟା ।

## ରାଉରକେଲା

- ବାଲାଜୀ ମନ୍ଦିରରେ ବ୍ରହ୍ମୋତ୍ସବ, ସ୍ଥାନ: ପ୍ରଧାନପାଲୀ, ଛେଣ୍ଡ, ସମୟ: ସକାଳ ୯ଟା ୩୦।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର–୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଲଚରାଲ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୫, ଭଞ୍ଜଭବନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ରୁଦ୍ରେଶ୍ୱର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ରିଜର୍ଭ ପୋଲିସ, ପଥର୍ଲା, ବରଗଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଜୁନାଗଡ଼ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଶୁଭାରମ୍ଭ, ସ୍ଥାନ: ପଞ୍ଚାୟତ ସମିତି ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ବାବା କପ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ,ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ରରେ ଚନ୍ଦ୍ର କର୍ମଜଞ୍ଜାଳଜନିତ ବ୍ୟସ୍ତତା ବୃଦ୍ଧି କରାଇପାରନ୍ତି। ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟସିଦ୍ଧିରୁ ଯେତିକି ଖୁସି ହେବେ ଭ୍ରାତୃବିବାଦ ଓ ବନ୍ଧୁସମ୍ପର୍କହାନିରୁ ସେତିକି ଦୁଃଖୀ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା ସହ ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗ ପାଇଁ ଯୋଜନା କରିପାରନ୍ତି।

**ବୃଷ** ରବି ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କୁ ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ଘରୋଇ କାମରେ ନିୟୋଜିତ କରାଇବାର ସ୍ଥିତି ଆସିବ। ଅସ୍ଥିରମନ ନେଇ, ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ସମାଲୋଚିତ ହେବେ। ସନ୍ତାନ ହେତୁକ କିମ୍ବା ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରାଦିରେ ବିବାଦୀୟ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମିଥୁନ** ଧନିଷ୍ଠା ନକ୍ଷତ୍ରସ୍ଥ ବୁଧ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିପାରେ। ସ୍ନାୟବିକ ଦୁର୍ବଳତା କିମ୍ବା ଅସାବଧାନତାରୁ ଆଘାତପ୍ରାପ୍ତ ହେବେ। ସ୍ଥଗିତ ଫାଇଲ୍ କାମ କିମ୍ବା ଦାୟିତ୍ୱରେ ଅବହେଳାଜନିତ କର୍ମ କ୍ଷେତ୍ରରେ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟ ଓ ପରିବହନରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ।

**କର୍କଟ** ଶୁକ୍ର କର୍ମାଧିପତିଙ୍କ ନକ୍ଷତ୍ରରେ ଥିବାରୁ ପାରିବାରିକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କେତେକ କ୍ଷେତ୍ରରେ କ'ଣ କରିବେ କିମ୍ବା ନ କରିବେ ସ୍ଥିର କରିପାରିବେ ନାହିଁ। ଯାହାକୁ ନିଜର ଭାବିବେ ତାହା ଉପରେ ଭରସା ମଧ କରି ନ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ଅର୍ଥ ସମ୍ପର୍କ, ଆଲୋଚନାରେ ସଫଳତା ପାଇବା ଆଶା କରାଯାଇପାରେ।

**ସିଂହ** ମଙ୍ଗଳ ଉଚ୍ଚଭାବରେ ରହିଥିବାରୁ ଘରର ବାକିଆ କାମ ବନ୍ଧୁଙ୍କ ପରାମର୍ଶରେ ହାସଲ କରିପାରିବେ। ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ପାରିବାରିକ ଓ କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ଘଟିପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ଚୁକ୍ତିନାମା, ବିବାଦ ସମାଧାନ କ୍ଷେତ୍ରରେ ପାଦେ ଆଗକୁ ବଢ଼ିପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ଦେବଗୁରୁ କାର୍ଯ୍ୟହାସଲ ସକାଶେ ଅନୁକୂଳ ସାହାଯ୍ୟ, ସହଯୋଗ ଯୋଗାଇ ଦେବେ। କିଛି ଚିନ୍ତା ନ କରି ଯାହା କରିବା କଥା ଶୀଘ୍ର ଆରମ୍ଭ କଲେ ଭଲ। ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହେବ। ଅର୍ଥସଙ୍କଟକୁ ସୁଧାରିବା କିମ୍ବା ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ମନସ୍ଥ କରିପାରନ୍ତି।

**ତୁଳା** ଶନିଶ୍ଚର ଉତ୍ତରଭାଦ୍ରପଦ ନକ୍ଷତ୍ରରେ ଅବସ୍ଥାନ କରି ବନ୍ଧୁଙ୍କ ସହାୟତାରେ ଲକ୍ଷ୍ୟପୂରଣ କରିବେ। ଗୃହ ନିର୍ମାଣ, ଯାନ ମରାମତି ପ୍ରଭୃତି ପାଇଁ ଦିନଟି ଅନୁକୂଳ। ଯାତ୍ରା କାଳରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇବେ। ନୂଆ କମ୍ପାନୀରେ ଅଫର୍, ବିଦେଶ ଯାତ୍ରା ଅଥବା ତୀର୍ଥାଟନର ସୁଯୋଗ ଜୁଟିବ।

**ବିଛା** ଆତ୍ମୀୟଙ୍କ ସମ୍ପର୍କହାନି କିମ୍ବା ପର ଉପରେ ଅଭିମାନ କରି ବର୍ତ୍ତମାନର ସୁଯୋଗର ସଦ୍ ବ୍ୟବହାରକୁ ହରେଇପାରନ୍ତି। ବାଣିଜ୍ୟ, ପରିବହନ, ବନ୍ଧୁସମ୍ପର୍କରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ। ମଙ୍ଗଳଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ସ୍ଥଗିତ କାର୍ଯ୍ୟାରମ୍ଭ ଓ ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ଉନ୍ନତି ଘଟିବ।

**ଧନୁ** ଅଷ୍ଟମାଧିପତି କର୍ମଭାବସ୍ଥ ଯୋଗୁ ଆଜି ସବୁଥିରେ ସମସ୍ୟାର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ସଂକୁଚିତ ଅର୍ଥନୀତି, କାର୍ଯ୍ୟ ସାଧନରେ ଶିଥିଳତା ଓ ସହଯୋଗର ଅଭାବ ମନସ୍ତାପର କାରଣ ହେବ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଶିଳ୍ପ ବାଣିଜ୍ୟାଦିରୁ ପ୍ରତିବନ୍ଧକ ଦୂରେଇଯିବ।

**ମକର** ଚନ୍ଦ୍ରଙ୍କ କୋଣସ୍ଥାନରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ଅନେକ ଯୋଜନା, ଏକାଧିକ ଚିନ୍ତାରେ ନିମଗ୍ନ କରାଇପାରେ। ମାନସିକ ଅସ୍ଥିରତାରୁ ଯାହା କଲେ ମଧ ଅଗ୍ରଗତି ହୋଇ ପାରିବ ନାହିଁ। ସମ୍ପର୍କହାନି, ଅର୍ଥାଭାବ ଏବଂ ପିଲାଙ୍କ ସମସ୍ୟା ବ୍ୟଥିତ କରିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ସମସ୍ୟା ସମାଧାନ ହୋଇଯାଇପାରେ।

**କୁମ୍ଭ** କାର୍ଯ୍ୟହାନି, ବନ୍ଧୁଙ୍କ ପ୍ରତାରଣା ଓ ଅର୍ଥପ୍ରାପ୍ତିର ଅବରୁଦ୍ଧତା ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକକ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସାଙ୍ଗକୁ କାର୍ଯ୍ୟସାଧନ ଦିଗରେ ବନ୍ଧୁଙ୍କ ସହ ବିଚାରବିମର୍ଶ କରିବେ। ଯାତ୍ରାରେ ବିଘ୍ନ ଆସିଲେ ମଧ ବିଶେଷ କିଛି ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ।

**ମୀନ** ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ କର୍ମ ପରିସରକୁ ବୃଦ୍ଧି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ବ୍ୟବସାୟ, ଯାତ୍ରା ପାଇଁ ଦିନଟି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ରାଜନୀତି, ସଭାସମିତି, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ଫେବୃଆରୀ ୫ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୪ମି. ଗତେ ଘ.୦୭।୫୩ମି. ମଧ୍ୟେ, ଘ.୧୦।୫୩ମି. ଗତେ, ଘ.୦୧।୦୮ମି ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୪ମି. ଗତେ ଘ.୦୨।୪୮ମି. ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## କୂଅରୁ ମିଳିଲା...

ଥାନାରେ ଏକ ମାମଲା(ନଂ. ୧୫/୨୬) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ବେଲପଡ଼ାପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭୋଳାନାଥ ୫ମ ଶ୍ରେଣୀରେ ପଢ଼ନ୍ତି। ମଙ୍ଗଳବାର ସେ ସ୍କୁଲକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ପରେ ଶିକ୍ଷୟିତ୍ରୀ ମନୀଷା ସେନାପତିଙ୍କୁ କହି ବାହାରକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହେବାପରେ ଭୋଳାନାଥ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଗଣିଆ ପୋଲିସ ଓ ଅଗ୍ନିଶମ କର୍ମଚାରୀ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ଗ୍ରାମ ନିକଟ ଏକ କୂଅରେ ଚପଲ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଓ ପରିବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ କୂଅରୁ ଭୋଳାନାଥଙ୍କ ମୃତଦେହ ଜବତ କରିଥିଲେ। ତାଙ୍କ କାନପାଖରେ ଆଘାତ ଲାଗି ରକ୍ତ ବାହାରୁଥିବା ଦେଖି ହତ୍ୟା ସନ୍ଦେହକରି ଲୋକେ ଗଣିଆ ବଜାର ମୁଖ୍ୟରାସ୍ତାରେ ମୃତଦେହ ରଖି ଟାୟାର ଜାଳି ଅବରୋଧ କରିଥିଲେ। ଖବର ଜଣାପଡ଼ିବା ପରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ୍, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାପରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ କୂଅରୁ ପାଣି ଶୁଖାଇ ଛାତ୍ରଙ୍କ ପ୍ୟାଣ୍ଟ ପାଇଥିଲେ। ଖବରପାଇ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଓ ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲ୍‌ରେ ପହଞ୍ଚି ତଦନ୍ତ କରିବା ସହ ୨ ଜଣ ଶିକ୍ଷୟିତ୍ରୀ ମନୀଷା ସେନାପତି ଓ ଶୈଳବାଳା ଦେଇଙ୍କୁ ନିଲମ୍ବନ କରିଛନ୍ତି। ସ୍କୁଲ୍‌ରେ ଶୌଚାଳୟ ଥାଇ ସମ୍ପୃକ୍ତ ଶିକ୍ଷୟିତ୍ରୀ କିଭଳି ଛାତ୍ର ଜଣକୁ ବାହାରକୁ ଶୌଚ ହେବା ପାଇଁ ପଠାଇଲେ। ଏଥିରୁ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଏକ ଛାତ୍ରର ଜୀବନ ଗଲା ବୋଲି ଅଭିଯୋଗ ଆଣି ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ୍ ଫାଟକରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଧାନଙ୍କୁ ପଚାରିବାରୁ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଆମେରିକୀୟ କୃଷି ...

ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜେମିଏସନ ଗ୍ରିର୍ ଟ୍ରେଡ୍ ଡିଲ୍‌କୁ ତାଙ୍କ ଦେଶ ପାଇଁ ଏକ ବଡ଼ ବିଜୟ ଭାବେ ଅଭିହିତ କରିଛନ୍ତି। ସିଏନ୍‌ବିସିକୁ ସାକ୍ଷାତ୍‌କାର ଦେଇ ଗ୍ରିର୍ କହିଛନ୍ତି, ଆମେରିକାରୁ ଭାରତ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ବିବିଧ ଉତ୍ପାଦ ଉପରେ ୦% ଟାରିଫ୍ ଲଗାଇବାକୁ ସହମତି ପ୍ରକାଶ କରିଛି। ବର୍ତ୍ତମାନ ଟ୍ରେଡ୍ ଡିଲ୍ ପାଇଁ ଉପଯୁକ୍ତ ସମୟ ଆସିଯାଇଛି। ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୮% ଆମଦାନୀ ଶୁଳ୍କ ଲାଗିବ। କାରଣ ଭାରତ ସହିତ ଆମର ବାଣିଜ୍ୟିକ ନିଅଣ୍ଟ ଜାରି ରହିଛି। କିନ୍ତୁ ଆମେରିକାରୁ ଭାରତକୁ ରପ୍ତାନି ହେବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ଅନେକ ଉତ୍ପାଦ ଉପରେ ଆଦୌ ଆମଦାନୀ ଶୁଳ୍କ ନ ଲଗାଇବା ପାଇଁ ନୂଆଦିଲ୍ଲୀ ରାଜି ହୋଇଛି। ସେଗୁଡ଼ିକ ରହିଛି କୃଷି ଉତ୍ପାଦ, ମାନୁଫାକ୍ଚର୍ଡ ଗୁଡ୍ସ, କେମିକାଲ୍ସ, ଡାକ୍ତରୀ ଉପକରଣ ଇତ୍ୟାଦି ରହିଛି। ଏହା ଉଭୟ ଦେଶ ପାଇଁ ଏକ ଉତ୍ସାହଜନକ ସୁଯୋଗ। ଡିଲ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ ଯାଉ ଗ୍ରିର୍ କହିଛନ୍ତି, ଭାରତରେ ଶିଳ୍ପ ଉତ୍ପାଦଗୁଡ଼ିକ ଉପରେ ୧୩.୫% ଟାରିଫ୍ ରହିଛି, ଯାହାକି ବାସ୍ତବରେ ଶୂନ ହେବାକୁ ଯାଉଛି। ୯୮–୯୯% ଶିଳ୍ପ ସାମଗ୍ରୀ ଭାରତକୁ ପ୍ରବେଶ କରିବ, ଯାହା ଉପରେ ନୂଆଦିଲ୍ଲୀ ଆଦୌ ଶୁଳ୍କ ଲଗାଇବ ନାହିଁ। ସେହିପରି ୱାଇନ୍, ସ୍ପିରିଟ୍, ଫଳ, ପନିପରିବା ଭଳି ବିବିଧ କୃଷିଜାତ ସାମଗ୍ରୀଗୁଡ଼ିକ ଉପରେ ମଧ ଭାରତ ବିଲ୍‌କୁଲ ଆମଦାନୀ ଶୁଳ୍କ କଷିବ ନାହିଁ। ଏହା ଏକ ବଡ଼ ବିଜୟ। ଏଥିଯୋଗୁ ଆମେରିକୀୟ ଚାଷୀ ଓ ଉତ୍ପାଦକମାନେ ଭାରତୀୟ ବଜାରକୁ ଅନାୟାସରେ ପ୍ରବେଶ କରିପାରିବେ।

ସେହିପରି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲିଏଭିଟ୍ଟ କହିଛନ୍ତି, ଭାରତ ଆଉ ରୁଷୀୟ ତୈଳ କ୍ରୟ ନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆମେରିକାର କେତେକ ପ୍ରମୁଖ ସେକ୍ଟରରେ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଙ୍ଗଳବାର ୱାଶିଂଟନ୍ ବୈଠକରେ ଟ୍ରେଡ୍ ଡିଲ୍‌କୁ ସ୍ୱାଗତ କରିବା ସହ ମୂଲ୍ୟବାନ୍ ଖଣିଜ ସମ୍ପଦ ଅନ୍ୱେଷଣ ଏବଂ ଖନନ ଉପରେ ଦ୍ୱିପାକ୍ଷିକ ସହଯୋଗ ଆଗକୁ ବଢ଼ାଇବା ଉପରେ ଆଲୋଚନା କରିଛନ୍ତି। ନୂଆ ଅର୍ଥନୈତିକ ସୁଯୋଗ ସୃଷ୍ଟି ଓ ଶକ୍ତି ନିରାପତ୍ତା ସହଯୋଗ ବୃଦ୍ଧି ନେଇ ଉଭୟ ଦେଶ ଆଗକୁ ବଢ଼ିବା ନେଇ ଉଭୟ ଦେଶ ଗୁରୁତ୍ୱ ଦେଉଛନ୍ତି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ଟ୍ରମ୍ପ ସୋମବାର ରୁଥ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଫୋନ୍‌ରେ ଆଲୋଚନା ପରେ ସୋସିଆଲରେ ଏକ ପୋଷ୍ଟ କରି କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସହମତି ପ୍ରକାଶ ପାଇଛି। ତଦନୁଯାୟୀ ଆମେରିକା ଭାରତରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ପାରସ୍ପରିକ ଟିକସକୁ ୨୫%ରୁ ୧୮%କୁ ଖସାଇଦେଇଛି। ଅପରପକ୍ଷେ ଭାରତ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୦% ଟାରିଫ୍ ଲଗାଇବାକୁ ରାଜି ହୋଇଛି। ଆମେରିକାର ଶକ୍ତି, ପ୍ରଯୁକ୍ତି, କୃଷି, କୋଇଲା ସମେତ ଅନେକ କ୍ଷେତ୍ରରେ ଉତ୍ପାଦନ ନିମନ୍ତେ ଭାରତ ପକ୍ଷରୁ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ମୋଦି ପ୍ରତିଶ୍ରୁତିବଦ୍ଧ ହୋଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଥିଲେ।

ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର କହିଛନ୍ତି, ସଂସଦର ବଜେଟ ଅଧିବେଶନ ଚାଲିଥିବାବେଳେ ଯେପରି ଭାବେ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ନେଇ ଘୋଷଣା କରାଗଲା, ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଆମେରିକାର ଚାପରେ ପଡ଼ି ଭାରତ ମୁଣ୍ଡ ନୁଆଁଇଛି କି? ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ଆଦୌ ଟାରିଫ୍ ନ ଲଗାଇବାକୁ ରାଜି ହୋଇଛି କି, ଯାହାକି ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ଦାବି କରିଆସୁଛନ୍ତି? ଭାରତ କୃଷି କ୍ଷେତ୍ରକୁ ଆମେରିକୀୟ ବଜାର ପାଇଁ ଖୋଲିଦେଲେ ଦେଶର କୃଷକମାନେ କ୍ଷତିଗ୍ରସ୍ତ ହେବେ। ସେହିପରି କଂଗ୍ରେସ ନେତା ଆନନ୍ଦ ଶର୍ମା ମଧ ଅନୁରୂପ ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିଛନ୍ତି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଏହାର ଜବାବ ରଖି କହିଛନ୍ତି, ସରକାର ଖାଦ୍ୟ ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରକୁ ନେଇ ସମ୍ବେଦନଶୀଳ। ଟ୍ରେଡ୍ ଡିଲ୍ ଆମେରିକୀୟ ବଜାରରେ ଭାରତୀୟ ରପ୍ତାନି ପ୍ରତିଦ୍ୱନ୍ଦ୍ୱିତାକୁ ଗତିଶୀଳ କରିବ। ତେବେ ଗୋୟଲଙ୍କ ବିବୃତିକୁ ନେଇ ଅସନ୍ତୁଷ୍ଟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ି ହଟ୍ଟଗୋଳ କରଥିଲେ।

## ଓଡ଼ିଶା ଚାହୁଁଛି ...

ଆନ୍ତଃରାଜ୍ୟ ନଦୀଜଳ ବିବାଦ ଆଇନ–୧୯୫୬ର ଧାରା–୫(୨) ଅନୁସାରେ ଟ୍ରିବ୍ୟୁନାଲର ରିପୋର୍ଟ ଓ ନିଷ୍ପତ୍ତି ୩ ବର୍ଷ ମଧ୍ୟରେ ଦାଖଲ କରାଯିବା କଥା। ମାତ୍ର ୨୦୨୧ ମାର୍ଚ୍ଚ ୧୧ର ଧାର୍ଯ୍ୟ ସମୟସୀମା ଶେଷ ହେଉଥିଲେ ମଧ ଟ୍ରିବ୍ୟୁନାଲ ରିପୋର୍ଟ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରି ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା। ତେବେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ପ୍ରାୟ ୧୬ଟି ଜିଲାର ଲୋକେ ପାନୀୟଜଳ, କୃଷିକାର୍ଯ୍ୟ ସହ ଶିଳ୍ପ ପାଇଁ ନିର୍ଭରଶୀଳ। ମାତ୍ର ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ୬୦ରୁ ଊର୍ଦ୍ଧ୍ୱ ବନ୍ଧ ନିର୍ମାଣକରି ଜଳବିବାଦ ସୃଷ୍ଟି କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ୨୦୧୮ ମାର୍ଚ୍ଚ ୧୨ରେ ୩ ଜଣିଆ ଖଣ୍ଡପୀଠଙ୍କୁ ନେଇ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ଉଭୟ ରାଜ୍ୟର ବୈଷୟିକ କମିଟି ବାରମ୍ବାର ଗସ୍ତ କରିଥିଲେ ମଧ ତାହା ସମାଧାନ ଦିଗରେ ଅଗ୍ରସର ହୋଇ ନ ଥିଲା। ୨୦୨୩ ମେ'୧୯ରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବିଚାରପତି ଏ.ଏମ୍. ଖାନୱିଲକରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୦ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲା। ଏହାପୂର୍ବରୁ ଛତିଶଗଡ଼ର ବ୍ୟାରେଜ୍ ଅଞ୍ଚଳକୁ କେନ୍ଦ୍ରୀୟ ଟ୍ରିବ୍ୟୁନାଲ ଦଳ ପରିଦର୍ଶନ କରିଥିଲା। ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ଜଳସମ୍ପଦ ବିଭାଗ ତତ୍ପରତା ଦେଖାଇଥିଲା।

## ୯ ମହଲାରୁ...

ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାଟି ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଅନ୍‌ଲାଇନ ଗେମିଂର କୁପ୍ରଭାବ ବିଷୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୋଲିସ ତଦନ୍ତରୁ ଜଣାପଡିଛି ଯେ, ୩ ଭଉଣୀ କୋରିଆନ ସଂସ୍କୃତି ଦ୍ୱାରା ଏତେ ପ୍ରଭାବିତ ଥିଲେ ଯେ ସେମାନେ ନିଜର କୋରିଆନ ନାମ ମଧ ରଖିଥିଲେ। ସେମାନେ ନିଜକୁ 'କୋରିଆନ ରାଜକୁମାରୀ' ବୋଲି ଭାବୁଥିଲେ ଏବଂ ଭବିଷ୍ୟତରେ କୋରିଆ ଯିବାକୁ ଚାହୁଁଥିଲେ। ଉକ୍ତ ଗେମ୍‌ରେ ୩ ଭଉଣୀଙ୍କୁ ନିୟମିତ କିଛି 'ଟାସ୍କ' ଦିଆଯାଉଥିଲା, ଯାହା ସେମାନଙ୍କୁ ମାନସିକ ସ୍ତରରେ ଗଭୀର ଭାବେ ପ୍ରଭାବିତ କରିଥିଲା। ଏନେଇ ତଦନ୍ତ କରାଯାଉଥିବା ଏସିପି ଅତୁଲ କୁମାର ସିଂ କହିଛନ୍ତି। ପୋଲିସକୁ ସେମାନଙ୍କ ଘରୁ ଏକ ଡାଏରୀ ମିଳିଛି। ସେଥିରେ ସେମାନେ ଲେଖିଛନ୍ତି, 'ସରି ପାପା... ଆମେ କୋରିଆକୁ ଛାଡ଼ି ରହିପାରିବୁ ନାହିଁ। କୋରିଆ ହିଁ ଆମର ଜୀବନ। ଆପଣ ଆମକୁ ସେଠାରୁ ଅଲଗା କରିପାରିବେ ନାହିଁ, ସେଥିପାଇଁ ଆମେ ଆତ୍ମହତ୍ୟା କରୁଛୁ।'

ପିଲାମାନଙ୍କ ବାପା ଚେତନ କୁମାର କହିଛନ୍ତି, ତାଙ୍କ ଝିଅମାନେ ଗତ ୨/୩ ବର୍ଷ ହେବ ଏହି ଗେମ୍ ଖେଳୁଥିଲେ। ସେ ଭାବିଥିଲେ ଏହା ସାଧାରଣ ଗେମ୍ ଭଳି, ଯାହା ପିଲାମାନେ ଖେଳନ୍ତି। ଝିଅମାନେ ସବୁବେଳେ କହୁଥିଲେ ଯେ ସେମାନେ କୋରିଆ ଯିବାକୁ ଚାହାନ୍ତି। ମଙ୍ଗଳବାର ରାତିରେ ସମସ୍ତେ ଶୋଇଥିବାବେଳେ ଝିଅମାନେ ପାଣି ପିଇବା ବାହାନାରେ ଉଠିଥିଲେ। ସେମାନେ ଭିତରୁ କବାଟ ବନ୍ଦ କରିଦେଇଥିଲେ ଏବଂ ନିଜର ଫୋନଗୁଡ଼ିକୁ ବାହାରକୁ ଫିଙ୍ଗିଦେଇଥିଲେ। ଏହାପରେ ସେମାନେ ବାଲ୍‌କୋନିରୁ ଡେଇଁ ପଡ଼ିଥିଲେ।

ଡିସିପି ନିମିଶ ପାଟିଲ କହିଛନ୍ତି, ଚେତନ ୨ ଥର ବିବାହ କରିଥିବାବେଳେ ତାଙ୍କର ୪ ଝିଅ ଓ ଗୋଟିଏ ପୁଅ ଥିଲେ। ସବୁ ପରିବାର ସଦସ୍ୟ ଏକାଠି ରହୁଥିଲେ। ଆତ୍ମହତ୍ୟା କରିଥିବା ୩ ଭଉଣୀ ୨୦୨୦ କରୋନା କାଳରୁ ପ୍ରାୟତଃ ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ୧୬ ବର୍ଷର ବଡ଼ ଭଉଣୀ ଏବେ ମଧ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ପାଠପଢ଼ାରେ ଖରାପ ଫଳାଫଳ ଯୋଗୁ ସେମାନେ ଲଜ୍ଜିତ ଅନୁଭବ କରୁଥିଲେ ଏବଂ ସବୁବେଳେ ଘର ଭିତରେ ବନ୍ଦ ହୋଇ ରହୁଥିଲେ। ମଝିଆ ଭଉଣୀ ପ୍ରାଚୀ ନିଜକୁ 'ବସ୍' ବୋଲି କହୁଥିଲେ ଏବଂ ଅନ୍ୟ ଦୁଇ ଭଉଣୀ ତାଙ୍କ ନିର୍ଦ୍ଦେଶ ମାନୁଥିଲେ। ସେମାନେ ଖାଇବା, ପିଇବା ଏବଂ ଗାଧୋଇବା ସବୁକିଛି ଏକାଠି ହିଁ କରୁଥିଲେ। ଯେତେବେଳେ ମା'ବାପା ସେମାନଙ୍କୁ ମୋବାଇଲ ବ୍ୟବହାର କରିବାକୁ ମନାକଲେ, ସେମାନେ ଏହାକୁ ସହ୍ୟ କରିପାରିଲେ ନାହିଁ। ସେମାନଙ୍କ ପାଇଁ କୋରିଆନ ଡ୍ରାମା ଏବଂ ଗେମ୍‌ରୁ ଦୂରେଇରହିବା ଜୀବନ ହାରିବା ସହିତ ସମାନ ଥିଲା। ଏହି ତିନି ଭଉଣୀ ବାହାର ଦୁନିଆରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲେ। ସେମାନେ ସବୁବେଳେ ଏକାଠି ରହୁଥିଲେ ଏବଂ ଏକାଠି ହିଁ କୋରିଆନ କଣ୍ଟେଣ୍ଟ ଦେଖୁଥିଲେ। ଯେଉଁ ଅନ୍‌ଲାଇନ ଗେମ୍ ଭିତରେ ନିଜକୁ ହଜାଇ ଦେଇଥିଲେ ସେହି ଗେମ୍ ହିଁ ୩ ଭଉଣୀଙ୍କ ପାଇଁ ଶେଷରେ ଘାତକ ସାଜିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ପଡ଼ିଲା କୁରାଢ଼ି ପଶା।**

ବେପାର ବଣିଜରେ ସାଧାରଣତଃ ଲାଭ ମିଳୁଥିବାର ଦେଖିବାକୁ ମିଳୁଥିବା ବେଳେ ଅର୍ଥ ଉପାର୍ଜନ କରିବା ଆଶାରେ କିଛି ବ୍ୟକ୍ତି ଏଭଳି ବୃତ୍ତିକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। କିନ୍ତୁ ବ୍ୟବସାୟ କରିବାର କୌଶଳ ଜାଣି ନ ଥିବା ବ୍ୟକ୍ତି ହଠାତ୍ ବ୍ୟବସାୟ କରିବସିଲେ ଲାଭ ବଦଳରେ ତାଙ୍କୁ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ଧାରି ମୁଲକେ ଭକୁଆ ରାଜା**
**ଟଙ୍କେ ସେର ଭାଜି ଟଙ୍କେ ସେର ଖଜା।**

ନୀତିନିୟମ ତଥା ଭଲ ଖରାପ ମଧ୍ୟରେ କୌଣସି ବାଛବିଚାର ନ ରହିଲେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ଯାଇଥାଏ। ଫଳସ୍ୱରୂପ ନାନା ବିଶୃଙ୍ଖଳା ମଧ ସୃଷ୍ଟି ହୋଇଥାଏ। ଅନ୍ଧ ରାଇଜରେ ଜିନିଷ ମଧ୍ୟରେ କିଛି ବି ବାଛ ବିଚାର ରହି ନ ଥିବା ଭଳି ମୂର୍ଖ ଲୋକଙ୍କୁ ଓଲୁ ବା ବୋକା ବନାଇବା ଅତି ସହଜ କାର୍ଯ୍ୟ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ଓଡ଼ିଶାରୁ ଯିବେ ୩୨ ଆଇଏଏସ୍, ୫ ଆଇପିଏସ୍ ଅଫିସର

ଭୁବନେଶ୍ୱର,୪।୨
(ରବିନାରାୟଣ ଜେନା)

ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ହେବାକୁଥିବା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଆୟୋଗଙ୍କ ପକ୍ଷରୁ ଅନୁସଚିବ ଏମ୍.ଏଲ୍. ମୀନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଜାନୁଆରୀ ୨୭ରେ ମୀନା ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଗୁରୁବାରଠାରୁ ନୂଆଦିଲ୍ଲୀସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜ୍‌ମେଣ୍ଟ ପରିସରରେ ୩ଟି ପର୍ଯ୍ୟାୟରେ ଦୁଇଦିନ ଧରି ବୈଠକ ହେବ। ତେଣୁ ଓଡ଼ିଶାରୁ ସଂପୃକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୂର୍ବରୁ ସ୍ଥିର ହୋଇଥିବା ୩୨ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ୫ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଯୋଗଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨୦୦୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତେମଜେୱାପଙ୍ଗ ଆଓଙ୍କ ସହିତ ମୃଣାଳିନୀ ଦର୍ଶାୱାଲ, ଗିରିଶ୍ ଏସ୍. ଏନ୍., ଅଶ୍ୱଥୀ ଏସ୍., ରାଜେଶ ପ୍ରଭାକର ପାଟିଲ, ସଚିନ ରାମଚନ୍ଦ୍ର ଯାଦବ, ଯାମିନୀ ଷଡ଼ଙ୍ଗୀ, ଗୁହା ପୁନମ୍ ତାପସ କୁମାର, ଭୂପେନ୍ଦ୍ର ସିଂ ପୁନିଆ, ବି. ପରମେଶ୍ୱରନ୍, ଏନ୍. ଥିରୁମାଲା ନାୟକ, ବିଜୟ କେତନ ଉପାଧ୍ୟାୟ, ଏମ୍‌ଡି ସିଦ୍ଦିକ୍ ଆଲାମ, ବୃନ୍ଦା ଡି., ସୁଧାଂଶୁ ମୋହନ ସାମଲ, କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅରିନ୍ଦମ ଡାକୁଆ, ଗଣେଶ୍ୱର ଜେନା, ବଜୟ କୁମାର ଦାଶ, ଲକ୍ଷ୍ମୀକାନ୍ତ ପ୍ୟାରୀଲାଲ ପ୍ରଧାନ, ଦେବେନ୍ କୁମାର ପ୍ରଧାନ, ପୁମା ଗୁଡୁ, ବିନିତ ଭରଦ୍ୱାଜ, ବିଜୟ ଅମୃତା କୁଲାଙ୍ଗେ, ଶୁଭମ୍ ସକ୍ସେନା, ମଧୁସ୍ମିତା ସାହୁ, ମୃଣାଳକାନ୍ତି ଦାସ, ପ୍ରଦୀପ କୁମାର ନାୟକ, ଧର୍ମା ହାଁସ୍‌ଦା, ୟେଦୁଲ୍ଲା ବିଜୟ, ମୋନିକା ପ୍ରିୟଦର୍ଶିନୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ରହିଛନ୍ତି। ଏହାସହିତ ଆଇପିଏସ୍‌ଙ୍କ ମଧ୍ୟରେ ଗଜଭିୟେ ସତିଶ୍ କୁମାର ଆଇ., ଅବିନାଶ କୁମାର, ସତ୍ୟଜିତ୍ ନାୟକ, ବାତୁଲ ଗଙ୍ଗାଧର ଓ ଯୁଗଳ କିଶୋର କୁମାର ବନଥ ପ୍ରମୁଖ ରହିଛନ୍ତି।

ଏହି ଅବସରରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସଂପୃକ୍ତ ୫ ରାଜ୍ୟରେ ହେବାକୁଥିବା ବିଧାନସଭା ନିର୍ବାଚନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। ଆଦର୍ଶ ଆଚରଣବିଧି ଲାଗୁଠାରୁ ଆରମ୍ଭକରି ଇଭିଏମ୍, ଭିଭିପିଏଟିର ସୁପରିଚାଳନା ଏବଂ ସୂଚନା ପ୍ରଯୁକ୍ତି ସହିତ ଗଣମାଧ୍ୟମ ପରିଚାଳନା ଉପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ତଥ୍ୟ ପ୍ରଦାନ କରାଯିବ।




# ଆରମ୍ଭ ହେଲା କାରାଭାନ୍ ଟୁରିଜମ୍



'କାରାଭାନ୍ ଟୁରିଜମ୍' ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗାଡି।

## ଲୋକାର୍ପଣ କଲେ ଉପମୁଖ୍ୟମନ୍ତ୍ରୀ

### ଖାଦ୍ୟପେୟ, ସଂସ୍କୃତି ଜାଣିବା ସହ ପର୍ଯ୍ୟଟନ ସ୍ଥଳୀ ଭ୍ରମଣର ସୁଯୋଗ

ଭୁବନେଶ୍ୱର,୪।୨(ସୌମ୍ୟରଞ୍ଜନ ରାଉତ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହେଲା 'କାରାଭାନ୍ ଟୁରିଜମ୍'। ଏଣିକି ନିଜେ କିମ୍ବା ପରିବାର ଓ ବନ୍ଧୁପରିଜନଙ୍କ ସହ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଯାନରେ ପର୍ଯ୍ୟଟନସ୍ଥଳ ବୁଲିବାର ସୁଯୋଗ ପାଇବେ। ବିଭିନ୍ନ ସ୍ଥାନର ଖାଦ୍ୟପେୟ, ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସ୍ଥଳୀର ନିଆରା ମଜା ନେଇପାରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱରସ୍ଥିତ ଶାନ୍ତିସ୍ତୂପ ଧଉଳିଠାରେ ଏହି 'କାରାଭାନ୍ ଟୁରିଜମ୍'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଲେ, କାରାଭାନ୍ ଟୁରିଜମ୍ ୟୁରୋପୀୟ ଦେଶରେ ଖୁବ୍ ଲୋକପ୍ରିୟ। ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ବିଶେଷକରି ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟନପ୍ରେମୀଙ୍କୁ ଆକର୍ଷିତ କରିବ। କାରାଭାନ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଲେ, 'କାରାଭାନ୍ ଟୁରିଜମ୍' ଭଳି ନୂଆ ବ୍ୟବସ୍ଥା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ପରିବ୍ୟାପ୍ତ କରିବା ସହ ପର୍ଯ୍ୟଟକଙ୍କୁ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସ୍ୱାଗତ ଭାଷଣରେ କହିଲେ, ପର୍ଯ୍ୟଟକମାନେ ନିଜ ସ୍ୱଚ୍ଛନ୍ଦରେ ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଭିନ୍ନ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡି, ଜିରାଙ୍ଗ ଓ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ ଟୁରିଜମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ଅଧୀନରେ ସ୍ୟାଣ୍ଡ ପେବଲ୍ସ ଟୁର୍‌ସ ଆଣ୍ଡ୍ ଟ୍ରାଭେଲ୍ସ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି।

କାରାଭାନରେ ହୋଟେଲ ଭଳି ସବୁ ସୁବିଧା ମିଳିବ। ଏଥିରେ ବେଡ୍‌ରୁମ୍‌ଠାରୁ ଆରମ୍ଭ କରି କିଚେନ୍, ଶୌଚାଳୟ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣ ସମୟରେ ପଞ୍ଚତାରକା ହୋଟେଲର ଅନୁଭୂତି ଦେବ। ପ୍ରଥମେ ଏହି କାରାଭାନ୍‌ରେ ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀ ଧଉଳିରୁ ବାଲେଶ୍ୱର ଜିଲାର ତାଳସାରି ପର୍ଯ୍ୟଟନସ୍ଥଳକୁ ଭ୍ରମଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସେମାନଙ୍କୁ ଟିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟକ ଦମ୍ପତି ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀଙ୍କୁ ପ୍ରଥମ ଯାତ୍ରାର ଟିକେଟ ପ୍ରଦାନ କରୁଛନ୍ତି।

# ଜଙ୍ଗଲ ନିଆଁ ରୋକିବାକୁ ୨୦,୪୬୧ କି.ମି. ଫାୟାର ଲାଇନ ସୃଷ୍ଟି

## ଜାନୁଆରୀରେ ୩୪୧ ବନାଗ୍ନି ସ୍ଥଳ ଚିହ୍ନଟ

- ବିଭିନ୍ନ ରେଞ୍ଜ, ବିଟ୍ ସ୍ତରରେ ୩୩୪ ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ
- ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୨(ବନ୍ଦନା ସେଠୀ)

ଓଡ଼ିଶାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ସାଧାରଣତଃ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ସେହିପରି ମାର୍ଚ୍ଚ-ଏପ୍ରିଲରେ ସବୁଠାରୁ ଅଧିକ ନିଆଁ ଲାଗିଥାଏ। ତେଣୁ ଆସନ୍ତା ବନାଗ୍ନି ଋତରେ ଜଙ୍ଗଲ ନିଆଁକୁ ସଫଳତାର ସହ ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ବୈଷୟିକ କୌଶଳ ସହ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୦୨୫ରେ ରାଜ୍ୟରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। କେବଳ ଜାନୁଆରୀରେ ୬୭୦ଟି ଜଙ୍ଗଲରେ ନିଆଁ ଲାଗିଥିଲା। ତେବେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ୨୦୨୬ ଜାନୁଆରୀରେ ୩୪୧ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଛି। ପୂର୍ବବର୍ଷର ସଫଳତାକୁ ଆଧାର କରି ଚଳିତବର୍ଷ ରାଜ୍ୟର ସମସ୍ତ ଜିଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷକରି ଜଙ୍ଗଲ ମଧ୍ୟରେ ନିଆଁ ବ୍ୟାପିବାକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଦୈର୍ଘ୍ୟର ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁ ଲାଗିଥିବା ସ୍ଥାନକୁ ଚିହ୍ନଟ ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ପିସିସିଏଫ୍ କେ.ମୁରୁଗେଶନ୍ ସୂଚନା ଦେଇଛନ୍ତି।

ବୁଧବାର ଅରଣ୍ୟ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପିସିସିଏଫ୍ କହିଛନ୍ତି, ବନାଗ୍ନି ରୋକିବା ପାଇଁ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି। ସେମାନଙ୍କୁ ୫,୦୦୦ରୁ ଅଧିକ ଲିଫ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ ପ୍ରାୟ ୨୦୦ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କୁ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏଥିସହ ବନ ସୁରକ୍ଷା ସମିତି ଏବଂ ଇକୋ-ଡେଭଲପ୍‌ମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୬ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି। ବନ୍ୟଜନ୍ତୁ ଶିକାର ଲକ୍ଷ୍ୟରେ ନିଆଁ ଲଗାଉଥିବା ଶିକାରୀ ଓ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି। ସେହିପରି ବିଡ଼ି, ସିଗାରେଟ୍ ଟାଣିବା ପରେ ଏହାର ଅଂଶକୁ ଜଙ୍ଗଲରେ ନ ପକାଇବା, ପୋଡୁଚାଷ ପାଇଁ ଜଙ୍ଗଲ ମଧ୍ୟରେ ଥିବା ଜମିରେ ନିଆଁ ନ ଲଗାଇବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ନିଆଁ ନେଇ ସୂଚନା ଦେବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୭୧୫୮ ଜାରି କରାଯାଇଛି। ଅପରପକ୍ଷେ ଏବେ ଶିମିଳିପାଳ ଓ ରାଉରକେଲା ଜଙ୍ଗଲରେ ସାଟେଲାଇଟ୍ କ୍ୟାମେରା ଲଗାଯାଇଥିବାବେଳେ ଅଧିକ ସଂଖ୍ୟକ ସାଟେଲାଇଟ୍ କ୍ୟାମେରା ଲଗାଯିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ମଞ୍ଜୁର ହେଲେ ଆଉ ୧୦ରୁ ୧୨ ଟି ସ୍ଥାନରେ ସାଟେଲାଇଟ୍ କ୍ୟାମେରା ଲଗାଯିବ ବୋଲି କଞ୍ଜରଭେଟର ଅଫ୍ ଫରେଷ୍ଟ କାର୍ତ୍ତିକ୍ ଭି. ସୂଚନା ଦେଇଛନ୍ତି।

# ୧୦ ଦିନରେ ୫,୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

## ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ-୨

କଟକ,୪।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ-୨ ଅଭିଯାନରେ ୧୦ ଦିନ ମଧ୍ୟରେ ରେକର୍ଡ ସଂଖ୍ୟକ ୫,୪୫୧ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତନ୍ମଧ୍ୟରେ ୭୭ଜଣ ନାବାଳକ, ୭୦୯ ନାବାଳିକା ଓ ୪,୬୬୫ଜଣ ମହିଳା ରହିଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଚଳିତ ଜାନୁଆରୀ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେଶନ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା। ରାଜ୍ୟର ସମସ୍ତ ଜିଲା ଓ ସହରାଞ୍ଚଳ ପୋଲିସ ଅଭିଯାନରେ ସାମିଲ ହୋଇଥିଲେ।

ସୂଚନାନୁସାରେ, ପୁରୀ ଜିଲା ପୋଲିସ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲା ୫୦୧, ଭଦ୍ରକ ଜିଲା ପୋଲିସ ୪୨୯ଜଣଙ୍କୁ ଉଦ୍ଧାର କରିଛନ୍ତି। ଗଞ୍ଜାମ ଜିଲା ୪୧୩, କେନ୍ଦ୍ରାପଡ଼ା ୩୪୬, ଯାଜପୁର ୨୭୧, ବରଗଡ଼ ୨୩୬, ଅନୁଗୋଳ ୨୧୦, ଢେଙ୍କାନାଳ ୨୦୬, ଜଗତ୍‌ସିଂହପୁର ୧୭୭, ନୂଆପଡ଼ା ୧୭୩, ବ୍ରହ୍ମପୁର ୧୭୦, କେନ୍ଦୁଝର ୧୬୧, ସୁନ୍ଦରଗଡ଼ ୧୩୫, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩, ନୟାଗଡ଼ ୧୨୭, ବାଲେଶ୍ୱର ୧୨୫, ମୟୂରଭଞ୍ଜ ଜିଲା ପୋଲିସ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସେହିପରି ବାକି ଜିଲାଗୁଡ଼ିକରୁ ୭୭୨ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି।

# ୪୯ ଜଣ ପାଇଲେ 'ବିଶିଷ୍ଟ ରେଳ ସେବା ପୁରସ୍କାର'

## ବିଭିନ୍ନ ରେଳ ମଣ୍ଡଳ ଓ ରେଳ ୟୁନିଟ୍‌କୁ ଦକ୍ଷତା ସିଲ୍ଡ ପ୍ରଦାନ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୯ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ଏଥିସହ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ୍‌କୁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି।

ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଓ ବୃତ୍ତିଗତ ଉତ୍କର୍ଷତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ 'ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗ୍‌ନାଲ ଏବଂ ଟେଲିକମ୍ୟୁନିକେଶନ, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ରହିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ସେହିପରି ୱାଲଟିୟର ଓ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ଉନ୍ନତ ପ୍ରଦର୍ଶନ ପାଇଁ ମିଳିତ ଭାବରେ 'ସାମଗ୍ରିକ ଦକ୍ଷତା ସିଲ୍ଡ' ପ୍ରଦାନ କରାଯାଇଛି। ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେଶନ ଏବଂ ବରପାଲି ଷ୍ଟେଶନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି। ସମ୍ବଲପୁର ଷ୍ଟେଶନକୁ ବଡ଼ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେଶନକୁ ଛୋଟ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇଛି।

ସମାରୋହରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ବି.ଏସ.କେ. ରାଜକୁମାର, ସମସ୍ତ ବିଭାଗୀୟ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ପ୍ରବନ୍ଧକମାନେ ଯୋଗଦେଇଥିଲେ। ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଏ. କେ. ଚତୁର୍ବେଦୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।



> ମଣିଷକୁ ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ । କିନ୍ତୁ ତା'ସହିତ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ । ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ । କିନ୍ତୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ । ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ ।-ଶ୍ରୀଅରବିନ୍ଦ

# ଭାରତରେ ଇସ୍‌ଲାମ ପ୍ରବେଶ



ଦେବଦତ୍ତ ପଟ୍ଟନାୟକ

ଆରବରେ ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ସୃଷ୍ଟି ହୋଇ ପୃଥିବୀର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା। ପଶ୍ଚିମରେ ଭୂମଧ୍ୟସାଗରୀୟ ଅଞ୍ଚଳ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ (ଏବକାର ଇରାନ)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ସ୍ପେନରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳକୁ ମଧ୍ୟ ବ୍ୟାପିଥିଲା। ପ୍ରଶ୍ନ ହେଉଛି ଏହା ଭାରତରେ କେମିତି ପହଞ୍ଚିଥିଲା। ରାଜନୈତିକ ଦୃଷ୍ଟିକୋଣରୁ ହିଂସା ଓ ଲୁଣ୍ଠନକୁ ଆଧାର କରି ଇସ୍‌ଲାମ ଭାରତକୁ ଆସିଥିଲା ବୋଲି କୁହାଯାଏ । କିନ୍ତୁ ବୁଦ୍ଧିଜୀବୀମାନେ କହନ୍ତି, କେବଳ ଏହି ମାଧ୍ୟମରେ ନୁହେଁ ବରଂ ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତରେ ଇସ୍‌ଲାମ ଧର୍ମ ପ୍ରବେଶ କରିଥିଲା।

ଭାରତରେ ସପ୍ତମ ଶତାବ୍ଦୀରେ ନିର୍ମିତ ଅନେକ ମସ୍‌ଜିଦ ଦେଖାଯାଏ। ସେଗୁଡ଼ିକ ମଧ୍ୟରେ ରହିଛି ଚେରାମାନ ଜୁମା ମସ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ। ସ୍ଥାନୀୟ ହିନ୍ଦୁ ରାଜା ଏଗୁଡ଼ିକୁ ନିର୍ମାଣ କରିଥିଲେ ଏବଂ ଆରବର ନାବିକ ଓ ବଣିକମାନେ ଏଥିରେ ସହାୟତା ଯୋଗାଇ ଦେଇଥିଲେ। ବାସ୍ତବରେ ଏହି ନାବିକ ଓ ବଣିକମାନେ ପ୍ରଥମେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତି ଆଣିଥିଲେ। ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ଯେ, ସପ୍ତମ ଶତାବ୍ଦୀରେ ସିନ୍ଧକୁ ଆରବୀୟ ଲୁଣ୍ଠନ କରିଥିଲେ। ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣପୂର୍ବ ଅଞ୍ଚଳ)କୁ ଆକ୍ରମଣ କରିଥିଲେ ଏବଂ ମୁମ୍ବାଇ ନିକଟସ୍ଥ ଥାଣେ ଅଞ୍ଚଳକୁ ଦଖଲ କରିବା ଏହାର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ଆରବୀୟଙ୍କୁ ତଡ଼ି ଦେଇଥିଲେ। ଏହା ସ୍ପଷ୍ଟ ଯେ, ଆରମ୍ଭରୁ ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ପ୍ରସାର ଲାଭ କରିଥିଲା । ଏହାସହ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ସେମାନେ ପହଞ୍ଚି ସିନ୍ଧ୍ ଅଞ୍ଚଳକୁ ଯାଇଥିଲେ। ପ୍ରାୟ ଦଶମ ଶତାବ୍ଦୀରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରି ଆସି ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ଭାରତରେ ରହିବା ଆରମ୍ଭ କଲେ ଏବଂ ବିଶାଳ କୃଷି ସମ୍ପଦର ମାଲିକାନାକୁ ହାତକୁ ନେଇଗଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ ବରଂ ସେମାନେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା) ଥିଲେ। ପଞ୍ଚଦଶ ଶତାବ୍ଦୀରୁ ତୁର୍କ ଓ ଆଫଗାନଙ୍କ ପ୍ରଭାବ ମୋଗଲଙ୍କ ଦ୍ୱାରା ହ୍ରାସ ପାଇଚାଲିଲା।

ଭାରତରେ ସୁଲତାନମାନେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ମୂଳଦୁଆ ପକାଇ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳେଇଦେଲେ। ସେମାନେ ସାଙ୍ଗରେ ଆଣିଥିବା ଲଢୁଆ ଘୋଡ଼ାଗୁଡ଼ିକ ନେଇ ସୈନ୍ୟବାହିନୀକୁ



ଅଧିକ ଶକ୍ତିଶାଳୀ କରିଥିଲେ। ସେଥିପାଇଁ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା (ପୀର କିମ୍ବା ବୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନମାନେ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରଭୁତାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବା ଚିତ୍ର ଦେଖିବାକୁ ମିଳିଥାଏ। ଉତ୍ତର କିମ୍ବା ଦକ୍ଷିଣ ଭାରତରେ ଏହିସବୁ ଛବି ବା ପ୍ରତୀକ ସଦ୍‌ଭାବନାର ବାର୍ତ୍ତା ଦେଇଥାଏ। ଦକ୍ଷିଣ ଭାରତର ଶ୍ରୀରଙ୍ଗମ୍ ବିଷ୍ଣୁ ମନ୍ଦିର ମୁସଲମାନ ରାଜକୁମାରୀ ତଥା ଭକ୍ତ ବିବି ନାଛିୟାରଙ୍କ କହାଣୀକୁ ସୂଚିତ କରେ, ଯିଏ ଦେବତାଙ୍କ ଧର୍ମପତ୍ନୀ ମାନ୍ୟତା ପାଇପାରିଥିଲେ। ଏହି କାହାଣୀ ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ଦର୍ଶାଏ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନଙ୍କର ଭାରତ ପ୍ରବେଶ ଆରମ୍ଭ ହୋଇଥିଲା। ସେମାନେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ ଥିଲେ। ପୁରୁଣା ଆରବ ସାମ୍ରାଜ୍ୟ ଉପରେ ମଙ୍ଗୋଲୀୟମାନେ ଆକ୍ରମଣ କରି ତାହା ପତନ ଘଟାଇବା ପରେ ସୁଫିମାନେ ଲୋକପ୍ରିୟତା ଲାଭ କରିଥିଲେ। ଅଧ୍ୟାତ୍ମବାଦୀ ସୁଫିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳରେ ପହଞ୍ଚିପାରିଥିଲେ। ସେମାନଙ୍କ ମଧ୍ୟରୁ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ। ବାକିସବୁ ଥିଲେ ଧର୍ମ ପ୍ରଚାରକ ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ବିତରଣ କରୁଥିଲେ। ଏହିସବୁ ଜ୍ଞାନର ଅଧିକାରୀ ହୋଇଥିବାରୁ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନେ ବିଭିନ୍ନ ସ୍ଥାନରେ ରହୁଥିଲେ ଏବଂ ସେମାନଙ୍କ ମୃତ୍ୟୁ ଘଟିଲା ପରେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଏକ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଯାଇଥିଲା। ଲୋକେ ଆଶୀର୍ବାଦ ନେବା ପାଇଁ ସେଠାକୁ ଆସୁଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ଞାନ ମାଧ୍ୟମରେ ପ୍ରସାର ଲାଭ କରିଥିବା ଇସ୍‌ଲାମ ଧର୍ମକୁ ଅନେକ ସମୟରେ ଅଣଦେଖା କରାଯାଇଛି। ଦଶମ ଶତାବ୍ଦୀରୁ ଭାରତକୁ ଆସିଥିବା ସୁଫିମାନେ କୃଷିର ନୂଆ ଜ୍ଞାନକୌଶଳ ଆରମ୍ଭ କରିଥିଲେ। ସେମାନେ ସ୍ପେନ୍ ଓ ପର୍ସିଆରେ ଜଳ ଚକ, ଭୂତଳ କେନାଲ ନିର୍ମାଣ କରିଥିଲେ। ଫଳରେ ଜଳାଭାବ ହେଉଥିବା ଅଞ୍ଚଳରେ କୃଷି ସମ୍ଭବ ହୋଇପାରିଥିଲା। ସେମାନେ ପ୍ରୟୋଗ କରୁଥିବା କୃଷିଭିତ୍ତିକ ଜ୍ଞାନକୌଶଳ ସିନ୍ଧ୍ ଓ ପଞ୍ଜାବକୁ ଆସିବା ପରେ ସେଠାରେ କୃଷିରେ ଉନ୍ନତି ହୋଇଥିଲା। ଫଳରେ ଏହି ଦୁଇ ଅଞ୍ଚଳରେ ଚାଷଜମି ନ ଥିବା ଜାଠମାନେ ଜମି ମାଲିକ ହୋଇଗଲେ ଏବଂ ଆର୍ଥିକ ଲାଭ ପାଇଲେ। ଦେଖିବାକୁ ଗଲେ ଏହିସବୁ ଅଞ୍ଚଳରେ ମୁସଲମାନ ସଂଖ୍ୟା ସବୁଠୁ ଅଧିକ ଥିଲା ଏବଂ ସମୟକ୍ରମେ ସେମାନେ ପାକିସ୍ତାନ ଚାଲିଯାଇଥିଲେ। ତେବେ ପୂବ-ଭାରତରେ ମୋଗଲ ଶାସନ ସମୟରେ ଗଙ୍ଗା ନଦୀ ଅବବାହିକାରେ କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଥିଲା। ମୁଖ୍ୟତଃ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ସେମାନେ ଏହା କରିଥିଲେ। ପରେ ସୀମାନ୍ତ ଅଞ୍ଚଳର ଲୋକମାନେ ସୁଫି ବିଦ୍ୱାନ୍‌ଙ୍କ ସହଯୋଗରେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ପରମ୍ପରା ରହିଛି , ଯାହାଙ୍କୁ ପଞ୍ଚପାଣ୍ଡବ ବୋଲି ସୂଚିତ କରାଯାଏ। କୃଷି ସହ ଜଡ଼ିତ ସ୍ଥାନୀୟ ଦେବୀ ବନ୍ ବିବି ସୁନ୍ଦରବନରେ ପୂଜା ପାଉଛନ୍ତି। ପଶ୍ଚିମବଙ୍ଗର କୁଟୀରଗୁଡ଼ିକ ଭଳି ଟେରାକୋଟା ମସ୍‌ଜିଦଗୁଡ଼ିକ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ଅଲଗା।

ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟକୁ ଆସିଥିଲେ। ଅନେକେ ବିବାହ ପରେ ଆସିଥିଲେ ଏବଂ କେତେକେ ଭାରତକୁ ଆସି ସ୍ଥାନୀୟ ମହିଳାଙ୍କୁ ବାହା ହୋଇଥିଲେ। ସେମାନେ ଥିଲେ ଇସ୍‌ଲାମ ଧର୍ମାବଲମ୍ବୀ, ପାର୍ସିଭାଷାଭାଷୀ ଓ ରାଜ ଦରବାରର ପ୍ରତିଷ୍ଠିତ ବ୍ୟକ୍ତି ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ହେଲେ ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ମୁସଲମାନଙ୍କୁ ବିରୋଧ କରିଥିଲେ। ପ୍ରତିଷ୍ଠିତ ମୁସଲମାନ ବର୍ଗ ନୀଚ ଜାତିରୁ ଧର୍ମାନ୍ତରୀକରଣ ହୋଇଥିବା ମୁସଲମାନଙ୍କୁ ଘୃଣା କରୁଥିଲେ। ଏଣୁ ଭାରତର ଜାତିପ୍ରଥାକୁ ଭାରତରେ ଇସ୍‌ଲାମ ଧର୍ମର ଲୋକେ ଅନୁକରଣ କରିଥିଲେ। ଇସ୍‌ଲାମ ପ୍ରୋଫେଟ ନିଜକୁ ଉଚ୍ଚବର୍ଗର ବୋଲି ଗଣୁଥିବାବେଳେ ସାମାଜିକ ସ୍ତରରେ ଅନଗ୍ରସର ଗୋଷ୍ଠୀର ମୁସଲମାନଙ୍କୁ ନୀଚ ଜାତି ଭାବେ ଦେଖାଯାଉଥିଲା। ଏହି ଦୁଇ ବର୍ଗ ମଧ୍ୟରେ ଯେଉଁମାନେ ରହିଲେ, ସେମାନେ ଆରବର ବଣିକ ଏବଂ ପାରସ୍ୟର ଉଚ୍ଚବର୍ଗର ଉତ୍ତରାଧିକାରୀ ଭାବେ ଦାବି କଲେ। ଏହି ପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶକୁ ନେଇ ସାତ ଶତାବ୍ଦୀର କାହାଣୀ ରହିଛି, ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ ରହିଛି ଏବଂ ପ୍ରଚାରକ, କୃଷିବିତ୍ ଓ ପ୍ରବାସୀ କଥାକୁ ଜଡ଼ିତ କରାଯାଇଛି।

–devduttofficial@gmail.com

# ବାଲଡା ଗୁମ୍ଫା



ଅଧ୍ୟାପକ ରାଜେଶ ରାୟ

**No.7001/1/2526** : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara

OIPR-7001/7039/1/25-26/0001



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

OPTCL Lifeline of Odisha

ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର

**ବିଜ୍ଞପ୍ତି**

ଏତଦ୍ୱାରା ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ ତରଭା ଏବଂ ଏହାକୁ ୧୩୨ କେ.ଭି. ବଲାଙ୍ଗୀର - ସୋନପୁର ଲାଇନ୍ ସହିତ ସଂଯୋଗ କରୁଥିବା ୧୩୨ କେ.ଭି. ଲିଲୋ ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ଲାଇନ୍‌ଟି ସୁବର୍ନପୁର ଜିଲ୍ଲାର ମନହୀରା, ସିବତୁଲା, ପଦ୍ମପୁର ଗ୍ରାମ ଦେଇ ଯାଉଅଛି । ଏହି ଗ୍ରୀଡ୍ ସବ୍‌ଷ୍ଟେସନ ତଥା ଲାଇନ୍‌ଟିକୁ ଆସନ୍ତା ତା. ୦୫.୦୨.୨୦୨୬ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ନିୟାମକ ୧୯୫୯ ଧାରା ୭୯,୮୦ ଏବଂ ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଟାୱାରରେ ଚଢିବା,ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ ବା ଲୁହା ପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ। ଏହା ଦ୍ୱାରା ଧନ ଜୀବନ ହାନିର ଆଶଙ୍କା ରହିଛି । ଏହି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ।

ଉପରଲିଖିତ ନିୟମମାନ ଉଲ୍ଲଂଘନ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ । ଏଣୁ ସର୍ବସାଧାରଣଙ୍କୁ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ବା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବଲାଙ୍ଗୀର

FIPR-94/2025-26

/optcl.odisha /optcl_odisha

# ଧାନକିଣା ବନ୍ଦ ପାଇଁ ସଭାପତି ସଂଘର ଚେତାବନୀ

- ଧାନମଣ୍ଡି ପରିଚାଳନା ଖର୍ଚ୍ଚ ପାକ୍ସ ଉଠାଇପାରୁ ନ ଥିବାରୁ ସମସ୍ୟା
- ସମବାୟ ବ୍ୟାଙ୍କ ମନା କରୁଛି ଦର୍ଶାଇ ବ୍ୟାଙ୍କ କରୁନି ସହଯୋଗ
- ଡିଆର୍‌ସିଏସ୍ ଓ ସିଏସ୍‌ଓଙ୍କୁ ଭେଟିବା ପରେ ବି ବାହାରିନି ନିର୍ଯାସ

ନୟାଗଡ଼,୪।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇ ଧିରେ ଧିରେ ସ୍ୱାଭାବିକ ସ୍ଥିତିକୁ ଆସୁଥିବାବେଳେ ଧାନମଣ୍ଡି ପରିଚାଳନା ଓ ବସ୍ତା ବୋଝେଇ ଖର୍ଚ୍ଚ ପ୍ରାଥମିକ କୃଷି ସମବାୟ ସିମତି (ପାକ୍ସ)ଉଠାଇ ପାରୁ ନ ଥିବାରୁ ଧାନକିଣା ବନ୍ଦ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ପାକ୍ସର ଟଙ୍କା ପାକ୍ସ ଉଠାଇବାରେ ସମବାୟ ବ୍ୟାଙ୍କଗୁଡିକ ମନା କରିବା ପରେ ବ୍ୟାଙ୍କ ସହଯୋଗ କରୁ ନ ଥିବାରୁ ବିବାଦ ବଢ଼ିବାରେ ଲାଗିଛି। ପାକ୍ସ ଗୁଡିକରେ ଧାନକିଣା ବାରରେ ଦିନକୁ ୨୦ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ହାତ ଉଧାର କରି ସମ୍ପାଦକମାନେ ଧାନକିଣାକୁ ଚାଲୁ ରଖିଥିବାରୁ ଦେବାଳିଆ ସ୍ଥିତିକୁ ପାକ୍ସ ଆସିଗଲାଣି। ଏଭଳିସ୍ଥଳେ ନୟାଗଡ଼ ଜିଲା ପାକ୍ସ ସଭାପତି ପ୍ରତାପ ମହାନ୍ତି ଓ ସମ୍ପାଦକ ଦିଲ୍ଲୀପ କୁମାର ହାତୀଙ୍କ ସମେତ କର୍ମକର୍ତ୍ତା ଜିଲା ସମବାୟ ସମିତିସମୂହ ଉପନିବନ୍ଧକ(ଡିଆରସିଏସ୍) ଓ ଜିଲା ଯୋଗାଣ ଅଧିକାରୀ(ସିଏସଓ)ଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ ନିର୍ଯାସ ବାହାରି ପାରି ନାହିଁ।

ଜିଲା ପାକ୍ସ ସଭାପତି ପ୍ରତାପ ମହାନ୍ତି ଓ ସମ୍ପାଦକ ଦିଲ୍ଲୀପ କୁମାର ହାତୀ କୁହନ୍ତି, ଧାନକିଣା ଚାଲିଥିବା ବେଳେ ମଣ୍ଡି ପରିଚାଳନା ଓ ବସ୍ତା ବୋଝେଇ ଖର୍ଚ୍ଚ ପାକ୍ସ ବ୍ୟାଙ୍କରୁ ଉଠାଇ ପାରୁନି। ପାକ୍ସ ଗୁଡିକରେ ମଣ୍ଡି ଖର୍ଚ୍ଚ ଦିନକୁ ୨୦ରୁ ୩୦ ହଜାର ହେଉଛି। ଅନ୍ୟପକ୍ଷେ ୫ରୁ ଊର୍ଦ୍ଧ୍ୱ ମଣ୍ଡି କରିଥିବା ପାକ୍ସର ଅଧିକ ଖର୍ଚ୍ଚ ହେଉଛି। ମଣ୍ଡି ପରିଚାଳନା ଅର୍ଥ ଏସ୍‌ବିବ ୧ ବ୍ୟାଙ୍କ ଖାତାରୁ ଉଠାଇବାର ନିୟମ ରହିଛି। ପ୍ରତିବର୍ଷ ଟଙ୍କା ଉଠାଣ କରି ମଣ୍ଡି ଖର୍ଚ୍ଚ ଭରଣା କରାଯାଉଥିଲା। ଚଳିତ ବର୍ଷ ଧାନମଣ୍ଡି ଖର୍ଚ୍ଚ ସମ୍ପାଦକମାନେ ଉଠାଇ ପାରୁ ନ ଥିବାରୁ ଆଉ ଧାର କରଜ କରିବା ସ୍ଥିତିରେ ନାହାନ୍ତି। ସମବାୟ ବ୍ୟାଙ୍କରୁ କୌଣସି ନିର୍ଦ୍ଦେଶ ଆସିନଥିବା ଦର୍ଶାଇ ବ୍ୟାଙ୍କ କର୍ମଚାରୀ ଅସହଯୋଗ କରୁଛନ୍ତି। ଏଣୁ ଜିଲାରେ ୧୫୩ ପ୍ୟାକ୍ସ ଜରିଆରେ ଚାଲିଥିବା ୧୭୪ ମଣ୍ଡିରେ ଧାନ କିଣା ବନ୍ଦ ହେବାକୁ ଯାଉଛି ବୋଲି କହିଛନ୍ତି।

କେତେକ ପାକ୍ସ ସଭାପତିଙ୍କ ନାଁ ଗୋପନ ରଖି କହିଛନ୍ତି, ଧାନମଣ୍ଡି ପରିଚାଳନା ଓ ବସ୍ତା ବୋଝେଇ ଅର୍ଥରୁ ଲାଞ୍ଚ ପାଇଁ ପାକ୍ସଗୁଡିକୁ ହଇରାଣ କରାଯାଉଛି। ପାକ୍ସ ନିଜ ଜମା ନିଜେ ଉଠାଇବ, ତେବେ ଏଥିପାଇଁ କାହିଁକି ଲାଞ୍ଚ ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି।

ଜିଲା ସମବାୟ ସମିତି ସମୂହ ଉପନିବନ୍ଧକ(ଡିଆରସିଏସ୍) ଅନନ୍ତ ନାୟକ କୁହନ୍ତି, ଅଭିଯୋଗ ମିଳିଛି। ଘଟଣାର ସମାଧାନ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଛି। ଆଶା କରୁଛି ଏହାର ତୁରନ୍ତ ସମାଧାନ ହୋଇଯିବ। ତେବେ ପାକ୍ସ ନିଜ ଟଙ୍କା ନିଜେ ଉଠାଇବା ପାଇଁ ସମବାୟ ବିଭାଗର ଚିଠି କ'ଣ ଦରକାର ବୁଝି ହେଉନି। ଜିଲାସ୍ତରୀୟ ଧାନ କିଣା କମିଟିର ନିର୍ଦ୍ଦେଶ ଅନୁସାରେ ପାକ୍ସଗୁଡିକ କାମ କରି ଧାନକିଣା ଚାଲୁ ରଖିଛନ୍ତି। ଅନ୍ୟପକ୍ଷେ ଗତ ବର୍ଷ ଯେଉଁ ସର୍କୁଲାର ଫଲୋ ହୋଇଥିଲା ଚଳିତ ବର୍ଷ ସେହି ସର୍କୁଲାର ଫଲୋ କରାଯାଉ। ଗତ ବର୍ଷ ଯେଉଁଭଳି ଭାବେ ପାକ୍ସଗୁଡିକ ନିଜ ଜମା ଟଙ୍କା ଉଠାଉଥିଲେ ସେପରି ଉଠାଇବା ଦରକାର ଥିବାବେଳେ ଅନୁମତି ଦରକାର ନାହିଁ ବୋଲି କହିଛନ୍ତି।

# ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଫେରାଦ



ଜିଲାପାଳ ମଧୁମିତା ରଥଙ୍କୁ ଦାବିପତ୍ର ଦିଆଯାଉଛି।

- ମାଟିରେ ମିଶିଲା ଲାଞ୍ଜି ମୁଣ୍ଡିଆ ପାହାଡ
- ଘର ଫାଟିଲାଣି, ପଥର ଛେଲା ପ୍ରତ୍ୟହ ପଡୁଛି
- ଅବାଧରେ ଚାଲିଛି ବ୍ଲାଷ୍ଟିଂ, ଖଣିଖନନ

ନୟାଗଡ,୪।୨(ଲୋକନାଥ ମିଶ୍ର)

ବେଆଇନ ଖଣି ବ୍ଲାଷ୍ଟିଂ ଓ ମୁଗୁନି ପଥର ଖନନ କାରଣରୁ ନୟାଗଡ଼ ଜିଲା ରଣପୁର ତହସିଲ ଲୋଧାଚୁଆ ପଞ୍ଚାୟତ ଅନ୍ତର୍ଗତ ଛପରୀ କୋଇଲମା ମୌଜାର ଲାଞ୍ଜି ମୁଣ୍ଡିଆ ପାହାଡ ମାଟିରେ ମିଶିବାକୁ ଲାଗିଛି।

ସେହିପରି ଲାଞ୍ଜି ମୁଣ୍ଡିଆର ବିନ୍ଧ୍ୟବାସିନୀ ଠାକୁରଙ୍କର ଆସ୍ଥାନ ବି ମାଟିରେ ମିଶି ସାରିଲାଣି। ବର୍ଷା ନ ହେଲେ ମୁଣ୍ଡିଆ ଉପରକୁ ଠାକୁରଙ୍କ ପୀଠକୁ ଯାଇ ଲୋକମାନେ ପୂଜାର୍ଚ୍ଚନା କରିବା ପରେ ବର୍ଷା ହେଉଥିବାର ଲୋକକଥା ଓ ପରମ୍ପରା ଇତିହାସ ପାଲଟିଗଲା। ଖଣି ବ୍ଲାଷ୍ଟିଂ ଓ ମୁଗୁନି ପଥର ଖନନ ପରି କାରଣରୁ ଲୋଧାଚୁଆ, କୋଇଲିମା, ସାରଙ୍ଗଧରପୁର, ପାଟବେରଣା, ବଗଲ, ଲତାର, ଗୋପୀମହଲିପୁର, ରାଜନଗର, ମାନପୁର ପରି ଗାଁ ସମେତ ବୃନ୍ଦାବନପୁର, ତାଳକଣି, ଖଇରପଲ୍ଲୀ, ଗଡବାଣିକିଲୋ, ପିମ୍ପଲ ଆଦି ପଞ୍ଚାୟତ ଅଞ୍ଚଳରେ ମୃଦୁ ଭୂମିକମ୍ପ ଦିନ ରାତି ହେଲା ପରି ଲାଗୁଛି। ବ୍ଲାଷ୍ଟିଂ ଶବ୍ଦ ଏତେ ଅଧିକ ଯେ ଘରଦ୍ୱାର ଥରି ଉଠୁଛି ଏବଂ ରାସ୍ତା ଓ ବିଲ ଉପରେ ପଥର ଖଣ୍ଡ ପଡୁଛି। ମୁଣ୍ଡିଆଠାରୁ ପ୍ରାୟ ୮କି.ମି.ଅଞ୍ଚଳ ପର୍ଯ୍ୟନ୍ତ ଏହାର ପ୍ରଭାବ ଲାଗି ରହୁଛି। ପ୍ରାୟ ୬ମାସ ହେଲା ବ୍ଲାଷ୍ଟିଂ ଓ ଖଣି ଖନନ ବଢ଼ି ଚାଲିଛି। ଘଟଣା ସମ୍ପର୍କରେ ଲୋଧାଚୁଆ ଓ ବୃନ୍ଦାବନପୁର ପଞ୍ଚାୟତର ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ବୁଧବାର ଦୁଇ ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କୁ ଫେରାଦ୍ ହୋଇଛି।

ଛପରି କୋଇଲିମା ମୌଜାରେ ଥିବା ବେଆଇନ ଖଣି ଓ ଡିନାମାଇଟ୍ ବ୍ଲାଷ୍ଟିଂ ବନ୍ଦ କରାଇବା, ଛପରି କୋଇଲିମା ମୌଜାର ୧୭୭ ନଂ ପ୍ଲଟରୁ ବେଆଇନ କ୍ରସରକୁ ହଟାଇବା, ଲାଞ୍ଜି ମୁଣ୍ଡିଆରେ ଚାରାରୋପଣ ଓ ରକ୍ଷଣାବେକ୍ଷଣ ଆଦି ପରିବେଶକୁ ଧ୍ୱଂସ କରୁଥିବା ଖଣି ଚୋର ଓ ଚୋରା ଚାଲାଣକାରୀଙ୍କୁ ଗିରଫ, ଛପରି କୋଇଲିମା ମୌଜାରେ ଥିବା ସରକାରୀ ଜମିରୁ ବେଆଇନ ଉଚ୍ଛେଦ ହଟାଇ ଚାରାରୋପଣ କରିବା ଆଦି ଦାବି ରଖାଯାଇଛି। ଏନେଇ ଛପରି କୋଇଲିମା ଅଞ୍ଚଳର ସୂର୍ଯ୍ୟମଣି ପ୍ରଧାନ କୁହନ୍ତି, ୨୦୨୧ରେ ବେଆଇନ ବ୍ଲାଷ୍ଟିଂ ଓ ପଥର ଉତ୍ତୋଳନ ସହ ଚୋରା ଚାଲାଣ ହେଉଥିଲା। ଏନେଇ ଅଭିଯୋଗ ପରେ ତତ୍କାଳିନ ରଣପୁର ତହସିଲଦାର ଓ ଥାନା ଅଧିକାରୀ ୨୦୨୧ ନଭେମ୍ବର ୨୯ରେ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ଓ କଂପ୍ରେସର ମେଶିନ ଓ ଟ୍ରକ୍ଟର ଆଦି ଜବତ କରିଥିଲେ। ୨୦୨୧ ଡିସେମ୍ବର ୨ରେ କୋଇଲିମା ଛକଠାରେ ରାସ୍ତା ଅବରୋଧ କରାଯାଇ ରାଜସୁନାଖଳା, ରଣପୁର, ଚାନ୍ଦପୁର ଓ ସୁନାଖଳା ଅଞ୍ଚଳକୁ ଯାତାୟାତ ଠପ୍ ହୋଇଥିଲା।

ତତ୍କାଳିନ ଉପଜିଲାପାଳ ଲଗ୍ନଜିତ ରାଉତ ପହଞ୍ଚି ତାସିଲଦାର ଓ ଥାନା ଆଇଆଇସିଙ୍କ ଉପସ୍ଥିତିରେ ବ୍ଲାଷ୍ଟିଂ ବନ୍ଦ ପରି ୭ଦଫା ଦାବିକୁ ମାନି ନେଇଥିଲେ। ତେବେ ଏବେ ଶାସକ ଦଳର ପଞ୍ଚାୟତସ୍ତରୀୟ ନେତାଙ୍କୁ ହାତବାରିସି କରି ଦୁଇ ଜଣ ଖଣି ଚୋର ଯେଉଁମାନଙ୍କର ନାଁ ପ୍ରଶାସନକୁ ଦିଆଯାଇଛି ସେମାନେ ପ୍ରାୟ ୬ମାସ ହେଲା ବେଆଇନ ବ୍ଲାଷ୍ଟିଂ ଓ ଖଣି ଉତ୍ତୋଳନ କରୁଛନ୍ତି। ଏନେଇ ରଣପୁରଠାରେ ୨୨।୧୨।୨୫ରେ ହେଉଥିବା ଜିଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ କରିଥିଲୁ। ପୁଣି ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଖଣି ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇଥିଲୁ। ଆଜି ପୁଣି ଦୁଇ ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କୁ ଭେଟି ଅନୁରୂପ ଭାବେ ଅଭିଯୋଗ କରିଛୁ ବୋଲି କହିଛନ୍ତି। ଆଇନଜୀବୀ ଗିରିଜା ମହାପାତ୍ର କୁହନ୍ତି, ବେଆଇନ ଖଣି ବ୍ଲାଷ୍ଟିଂ ଓ ମୁଗୁନି ପଥର ଖନନ ପରି ୫ଦଫା ଦାବି ସମ୍ପର୍କରେ ଜିଲାପାଳ ମଧୁମିତା ରଥଙ୍କୁ ଦେବା ପରେ ଆମ ଅଭିଯୋଗକୁ ଶୁଣିଥିଲେ। ବେଆଇନ ଖଣି ବ୍ଲାଷ୍ଟିଂ ଓ ମୁଗୁନି ପଥର ଖନନ ପରି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଟିମ୍ ଗଠନ କରାଯାଉଛି। ଖୁବ ଶୀଘ୍ର ଟିମ୍ ଚଢ଼ାଉ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଅମ ଅଞ୍ଚଳର କଣି ସମସ୍ୟାର ଅଭିଯୋଗ ଆଗରୁ ମିଳିଥିବା ବୋଲି କହିଥିଲେ। ଅନ୍ୟପକ୍ଷେ ଖଣି ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିବେ ବୋଲି କହିଛନ୍ତି।

# ଗଡ଼ିଆସାହିରେ ହିନ୍ଦୁ ସମ୍ମିଳନୀ


କାର୍ଯ୍ୟକ୍ରମରେ ହିନ୍ଦୁ ସମ୍ମିଳନୀ କର୍ମକର୍ତ୍ତା।

ଖଣ୍ଡପଡ଼ା, ୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଗଡ଼ିଆସାହି ପଞ୍ଚାୟତ ଅଧୀନ ଟଭା ମୁଣ୍ଡିଆ ପରିସରରେ ହିନ୍ଦୁ ସମାଜ ତରଫରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପବିତ୍ର କୁମାର ପୃଷ୍ଟି, ମୁଖ୍ୟବକ୍ତା ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମଗ୍ର ଭାରତବର୍ଷରେ ହିନ୍ଦୁମାନେ ସଂଗଠିତ ହୋଇପାରିଲେ ବିଶ୍ୱର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ରାଷ୍ଟ୍ର ଭାରତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଅଖଣ୍ଡ ଭାରତର ଗୌରବ ଗାଥାକୁ ଜନମାନସରେ ସ୍ମରଣୀୟ କରି ରଖିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ବେଦମନ୍ତ୍ର ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଜ୍ଞାନରଞ୍ଜନ ପୃଷ୍ଟି, ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି, ସୁଶାନ୍ତ ମିଶ୍ର, ସରୋଜ ସାହୁ, ଶଙ୍କର ସାସ୍ମଲ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍ ଧକ୍କାରେ ଅଣ୍ଡିରା କୃଷ୍ଣସାର ମୃଗ ମୃତ

ଆସିକା,୪।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା-ବାଲିପଦର ମୁଖ୍ୟରାସ୍ତାର ଭେଟ ନଇ ଭେଜିପୁଟ ଛକ ମଧରେ ବୁଧବାର ସକାଳେ କାର୍ ଧକ୍କାରେ ଏକ ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ଅଢେଇ ଫୁଟ ଉଚ୍ଚ, ୪ ଫୁଟ ଲମ୍ବା ଓ ପ୍ରାୟ ଦେଢ ଫୁଟ ଲେଖାଏଁ ସିଂଘ ଥିବା ଏହି କୃଷ୍ଣସାରର ବୟସ ୪ରୁ ୫ ବର୍ଷ ମଧରେ ହେବ ବୋଲି ଅନୁମାନ କରାଯାଇଛି। ମୃଗଟି ରାସ୍ତା ପାର୍ ହେଉଥିବା ବେଳେ ବାଲିପଦରରୁ ଆସିକା ପଟକୁ ଆସୁଥିବା କାର ଧକ୍କା ଦେଇଥିବା ଜଣାପଡିଛି। ଖବରପାଇ ବନ ବିଭାଗ କର୍ମଚାରୀ ମୃତ କୃଷ୍ଣସାରକୁ ଉଦ୍ଧାର ଆସିକା ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ବିଡମ୍ବନା ବିଷୟ, କୃଷ୍ଣସାର ମୃଗର ସୁରକ୍ଷା ଲାଗି ଗାଡି ଧିରେ ଚଳାଇବା ଲାଗି ରାସ୍ତାକଡରେ ରହିଥିବା ଏକ ସୂଚନା ଫଳକ ନିକଟରେ ଏହି ଦୁର୍ଘଟଣା ଘଟିଛି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୩୦୪ **ବିଜ୍ଞାପନ** ତା.୧୭.୦୧.୨୦୨୬

No.13001/20/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ଉତ୍ତମ ଲେଙ୍କା<br>ସ୍ୱାମୀ-୰କସ୍ତୁରୀ ଲେଙ୍କା<br>ଗ୍ରା/ପୋ-କୋଟପଲ୍ଲା<br>ଥାନା-ବାଘମାରି, ବେଗୁନିଆ<br>ଜିଲ୍ଲା-ଖୋର୍ଦ୍ଧା | ଘର ନଂ-ଜି/ଏଲ-୭୪<br>(G/L-74)<br>କମ୍ପୋଜିଟ ହାଉସିଂ ପ୍ରକଳ୍ପ<br>୩ୟ ପର୍ଯ୍ୟାୟ,<br>ଭି.ଏସ.ଏସ. ନଗର<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. ତ୍ରିଲୋଚନ ଲେଙ୍କା (ପୁତ୍ର)<br>୨. ପ୍ରମୋଦ ଲେଙ୍କା (ପୁତ୍ର)<br>୩. ମନୋରମା ଲେଙ୍କା (ବି.କନ୍ୟା)<br>୪.କୁମୁଦିନି ଲେଙ୍କା (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0020

## OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR

Plot No. 1214 (Part), Tapovan Road, Khandagiri, Bhubaneswar-30
Short Quotation Call Notice No. - 37 of 2025-26

No.25001/25/2526 : Sealed quotations are invited from reputed Suppliers/Authorized Firms/Resellers of the State for the works "Supply & installation of C.C. TV for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar."

| | | |
|---|---|---|
| Last date of issue of Bid Document | : | 05.02.2026 till 03:00 P.M. |
| Last date of submission of Bids | : | 05.02.2026 by 04:00 P.M. |
| Opening of Bids | : | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd./- Superintending Engineer
RWS&S Division, Bhubaneswar
OIPR-25001/25011/1/25-26/0025

## e-Procurement Notice
## OFFICE OF THE NOTIFIED AREA COUNCIL, CHIKITI, GANJAM

Tender Call Notice No. 111, Dt.02.02.2026
Bid Identification No.- CHKT-NAC-03/2025-26

No.13001/20/2526 : Bid document consisting for Selection of an agency for execution and management of the Development Work of Chikiti NAC, Estimated Cost, Cost of Tender paper, E.M.D and the set of terms and conditions and other necessary documents can be seen in Govt. i.e. www.tenderorissa.gov.in.

| | |
|---|---|
| Total Number of Works | 19 Nos. |
| Estimated Cost | Rs.214142/- to Rs.1301530/- |
| Date & Time of availability of Bid documents in the portal | 11.00 A.M. of Dt.04.02.2026 to 05.00 P.M. of Dt.16.02.2026 for Online Bidding |
| Last Date of receive of Bid through Online | 05.00 P.M. of Dt.16.02.2026 |
| Date and time of Opening of Bid received online | 11.00 A.M. on Dt. 17.02.2026 |

OIPR-13001/13222/1/25-26/0020 Sd./- Executive Officer, NAC, Chikiti

## RAJENDRA UNIVERSITY

PRAJNA VIHAR, BALANGIR-767002, ODISHA (INDIA)
No.133/RUB Date : 31.01.2026

WALK IN INTERVIEW FOR TEMPORARY ENGAGEMENT OF ASSISTANT PROFESSOR/GUEST FACULTY

No.11001/8/2526 : Interested candidates may appear for the walk-in-interview for temporary engagement as Assistant Professor/Guest Faculty in different departments of Rajendra University, Balangir in the subjects :- **Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science** on 18.02.2026 in the University premises. For further details, please visit www.rajendrauniversity.ac.in.

Sd./- Registrar
Rajendra University, Balangir
OIPR-11001/11141/1/25-26/0008

## Government of Odisha "e" procurement Notice

Bid Identification No. TENDER ONLINE SBPR-20 OF 2025-26
e-mail ID : rw_sambalpur@yahoo.co.in, Phone No. 0663-2401850
No.25001/21/2526 No.1011 dated. 03.02.2026

1. Name of the work : Road Works as per DTCN available in the website www.tendersodisha.gov.in
2. Total No. of Work : 05 (Five) Nos.
3. Estimated Cost : Varies from Rs.6.72 lakhs to 18.49 lakhs
4. Period of Completion : 01 (One) Calendar month
5. Period and time of availability of bid document in the portal for bidding : 07.02.2026 at 11.00 A.M. to 13.02.2026 up to 5.00 P.M.
6. Date and time of opening of Tender : 16.02.2026 at 11.00 A.M.
7. Name and address of the officer inviting bid : S.E.R.W. Divn. Sambalpur
(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

Sd./- Superintending Engineer
Rural Works Division, Sambalpur
OIPR-25001/25076/1/25-26/0021

## OFFICE OF THE MUNICIPAL COUNCIL, JODA

Phone No. : 06767-272214, Fax No. : 06767-272214,
E-Mail : eojodamunicipality@rediffmail.com
No.324/ Dt.02.02.2026

'e'-procurement Notice
Bid Identification No. JM-03/2025-26

No.13001/20/25-26 : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e www.tendersodisha.gov.in

1. Nature of Work : Civil Works
2. No. of Works : 10 Nos.
3. Estimated Cost : From Rs.4,23,754/- to Rs.16,94,967/-
4. Bid identification No. : 2026_ORULB_125410_1 to 2026_ORULB_125410_10
5. Date & time of availability of the Documents in the Portal : From dt.03.02.2026 at 10.00 A.M. Up to Dt.13.02.2026 at 5.00 P.M.
6. Last date/time for receipt of Bids in the Portal : On dt.13.02.2026 up to 5.00 P.M.
7. Bids received online shall be opened : On Dt.16.02.2026 at 11.00 A.M.
8. Name and address of the Officer Inviting Bid : Executive Officer, Joda Municipality

Further, the details can be seen from the e-Procurement Portal : www.tendersodisha.gov.in.

Sd./- Executive Officer
Joda Municipality
OIPR-13001/13244/1/25-26/0020

## OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, MALKANGIRI

Email : eerwss_mal@nic.in, eerwssmlkg@gmail.com
QUOTATION CALL NOTICE No. 01 of 2025-26 / Dt.30.01.2026

No.25001/23/2526 : The Superintending Engineer, RWS&S Division, Malkangiri on behalf of Governor of Odisha invites Sealed quotations from interested reputed Travel Agencies / Tour Operators or private individuals for providing one numbers of AC Diesel driven vehicles having sitting capacity not more than nine including driver, which shall confirm to the Terms and conditions for official use of the Assistant Executive Engineer, RWS&S Sub-Division, Malkangiri under RWS&S Division, Malkangiri.

The time schedule of the quotation is as follows.

| | | |
|---|---|---|
| Date for sale of quotation | : | Dt.04.02.2026 to 12.02.2026 up to 04.00 P.M. |
| Date for submission of quotation | : | Dt.04.02.2026 to 12.02.2026 up to 05.00 P.M. |
| Date of Opening of Quotation | : | 13.02.2026 at 11.00 A.M. |

The Detailed Quotation Call Notice will be available in the Office of the Executive Engineer, RWS&S Division, Malkangiri as per the above date & time.

The Authority reserves the right to reject any or all quotations.

Sd./- Superintending Engineer
RWS&S Division, Malkangiri
OIPR-25001/25044/1/25-26/0023

## OFFICE OF THE NOTIFIED AREA COUNCIL, BANPUR

Bid Reference No. : E.O-N.A.C-BNR-02/2025-26
Tender Call Notice No 156/Dt.22.01.2026

No.13001/20/2526 : The Executive Officer on behalf of Banpur NAC invites percentage basis tender from the registered contractors in offline.

1. Type of Works : Civil construction works as in the D.T.C.N
2. Total No. of works : As per DTCN
3. Tender Amount Cost : As per DTCN
4. Period of Completion : 60 days
5. Date and time of availability of Bid Documents in the office : From 11.00 A.M. of Dt.04.02.2026 to 5.00 P.M. of Dt.11.02.2026
6. Date and time for submission of Original documents in offfice : 12.02.2026 at 11.00 A.M. to 1.00 P.M.
7. Date & Time of Opening of Tender : Dt.12.02.2026 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

Sd./- Executive Officer
Banpur NAC
OIPR-13001/13177/1/25-26/0020

## VISA STEEL LIMITED

CIN: L51109OR1996PLC004601
Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax : (+91-674) 255 4661
Website: www.visasteel.com • Email ID for registering Investor Grievances: cs@visasteel.com
Extract of Unaudited Standalone/Consolidated Financial Results for the Quarter and Nine Months ended 31 December 2025
(Rs. In Crore, except EPS)

| Sl. No. | Particulars | Standalone | | | | Consolidated | |
|---|---|---|---|---|---|---|---|
| | | Quarter Ended | | Nine Months Ended | | Quarter Ended | Nine Months Ended |
| | | 31 December 2025 | 31 December 2024 | 31 December 2025 | 31 December 2024 | 31 December 2025 | 31 December 2025 |
| 1 | Total Income from Operations (net) | 145.14 | 119.07 | 396.07 | 404.89 | 145.14 | 396.07 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (16.53) | (17.27) | (32.43) | (35.85) | (16.53) | (32.43) |
| 3 | Net Profit / (Loss) for the period before tax (after Exceptional and / or Extraordinary items) | (16.53) | (17.27) | (32.43) | (28.35) | (16.53) | (32.43) |
| 4 | Net Profit / (Loss) for the period after tax (after Exceptional and / or Extraordinary items) | (16.53) | (17.27) | (32.43) | (28.35) | (16.53) | (32.43) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)] | (16.57) | (17.29) | (32.57) | (28.42) | (16.58) | (32.57) |
| 6 | Equity Share Capital (face value of Rs. 10/- each) | 129.29 | 115.79 | 129.29 | 115.79 | 129.29 | 129.29 |
| 7 | Other Equity * | | | | | | |
| 8 | Earnings Per Share (of Rs. 10/- each) (Basic and Diluted) | (1.42) | (1.49) | (2.79) | (2.45) | (1.42) | (2.79) |

* Other Equity as on 31 March 2025 stands at Rs.(1,476.63) Crore and Rs.(1,476.62) Crore respectively for the Standalone and Consolidated Financial Results.

Notes :
1. The above is an extract of the detailed format of Financial Results for the quarter and nine months ended 31 December 2025, filed with the Stock Exchanges under Regulation 33 of the Securities and Exchange Board of India (Listing Obligation and Disclosure Requirements) Regulations, 2015. The full format of the Financial Results for the quarter and nine months ended 31 December 2025 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com. The same can be accessed by scanning the QR Code below.

By Order of the Board
For VISA Steel Limited
Sd/-
Vishal Agarwal
Vice Chairman & Managing Director
DIN 00121539

Place : Kolkata
Date : 04 February 2026

## ODISHA STATE CIVIL SUPPLIES CORPORATION LTD. KENDRAPARA

e-mail : cso.kendrapada@gmail.com
Tender Call Notice No. Dt.

No.7001/1/2526 : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara
OIPR-7001/7039/1/25-26/0001

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର

**ବିଜ୍ଞପ୍ତି**

ଏତଦ୍ୱାରା ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ ତରଭା ଏବଂ ଏହାକୁ ୧୩୨ କେ.ଭି. ବଲାଙ୍ଗୀର - ସୋନପୁର ଲାଇନ୍ ସହିତ ସଂଯୋଗ କରୁଥିବା ୧୩୨ କେ.ଭି. ଲିଲୋ ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ଲାଇନ୍‌ଟି ସୁବର୍ଣ୍ଣପୁର ଜିଲ୍ଲାର ମନହୀରା, ସିବତୁଲା, ପଦ୍ମପୁର ଗ୍ରାମ ଦେଇ ଯାଉଅଛି । ଏହି ଗ୍ରୀଡ୍ ସବ୍‌ଷ୍ଟେସନ ତଥା ଲାଇନ୍‌ଟିକୁ ଆସନ୍ତା ତା. ୦୫.୦୨.୨୦୨୬ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ନିୟାମକ ୧୯୫୯ ଧାରା ୭୯,୮୦ ଏବଂ ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଟାୱାରରେ ଚଢିବା,ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ ବା ଲୁହା ପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ । ଏହା ଦ୍ୱାରା ଧନ ଜୀବନ ହାନିର ଆଶଙ୍କା ରହିଛି । ଏହି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ ।

ଉପରଲିଖିତ ନିୟମମାନ ଉଲ୍ଲଂଘନ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ । ଏଣୁ ସର୍ବସାଧାରଣଙ୍କୁ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବଲାଙ୍ଗୀର
FIPR-94/2025-26
/optcl.odisha /optcl_odisha

# ଜମି ବିବାଦ, ଅଭାବରୁ ଅଟକିଛି ସ୍ୱାସ୍ଥ୍ୟ ଭିତ୍ତିଭୂମି

## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଯାଜପୁର,୪।୨(ହର୍ଷବର୍ଦ୍ଧନ ବେହେରା):**

ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ନେଇ ସରକାର ତତ୍ପରତା ଦେଖାଇ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି) ଓ ସବ୍‌ସେଣ୍ଟର ଗୃହ ନିର୍ମାଣରେ କେତେକ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅବହେଳା କାରଣରୁ ଜମିବିବାଦର ସମାଧାନ ହୋଇପାରୁନାହିଁ। ଫଳରେ ୨ରୁ୩ ବର୍ଷ ହେବ ୨୪ଟି ପ୍ରକଳ୍ପଗୁଡିକ ଆରମ୍ଭ ହୋଇ ପାରିନାହିଁ। ଏଥିରୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ବିକାଶର ଲକ୍ଷ୍ୟ କେତେଦୂର କାର୍ଯ୍ୟକାରୀ ହେଉଛି ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡୁଛି। ଖଣି ଓ ଶିଳ୍ପସଂସ୍ଥା ପରିପୂର୍ଣ୍ଣ ଜିଲାର ଗ୍ରାମାଞ୍ଚଳ ଅଧିବାସୀ ପ୍ରଦୂଷଣ ଯନ୍ତାରେ ଶଢ଼ୁଥିବାବେଳେ ରୋଗଦୁଃଖ ଏମାନଙ୍କ ଚିର ସହଚର କହିଲେ ଅତ୍ୟୁକ୍ତି ହେବ ନାହିଁ। କିଡ୍‌ନୀ, ଯକ୍ଷ୍ମା, ଝାଡ଼ାବାନ୍ତି, ହଇଜା ଓ ଅନ୍ୟ ପେଟ ରୋଗ ଏ ଅଞ୍ଚଳ ପାଇଁ ସାଧାରଣ କଥା। ଲୋକଙ୍କ ଘନଘନ ଅଭିଯୋଗ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ,



ଦଶରଥପୁର ତହସିଲ ଅଞ୍ଚଳରେ ନିର୍ମାଣାଧୀନ ଏକ ସବ୍‌ସେଣ୍ଟର।

ଔଷଧ ନାହିଁ। ଫଳରେ ଲୋକେ ବାଧ ହୋଇ ଚିକିତ୍ସା ପାଇଁ ଅନ୍ୟ ସ୍ଥାନକୁ ଯାଇ ଲୁଣ୍ଠିତ ହେଉଛନ୍ତି ବୋଲି ମତପ୍ରକାଶ ପାଇଛି

ଜିଲାର ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସବସେଣ୍ଟର ଆଦିରେ ପ୍ରତ୍ୟହ ୧୦୦ରୁ ୧୫୦ ରୋଗୀ ଚିକିତ୍ସିତ ହୋଇଥାନ୍ତି। ପ୍ରତିଦିନ ୨୦ରୁ୨୫ ଗର୍ଭବତୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। କିନ୍ତୁ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଗର୍ଭବତୀ ଜିଲା ସଦର ଡାକ୍ତରଖାନା କିମ୍ବା କଟକ ବଡ଼ ମେଡିକାଲ ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଗର୍ଭବତୀଙ୍କୁ ସ୍ଥାନାନ୍ତରବେଳେ ବାଟରେ ସେମାନଙ୍କ ମୃତ୍ୟୁ ହେଉଥିବା ଉଦାହରଣ ରହିଛି। ଚିକିତ୍ସାଳୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅବହେଳା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ଖଣି ଓ ଶିଳ୍ପାଞ୍ଚଳ ସୁକିନ୍ଦା ତହସିଲ ଅନ୍ତର୍ଗତ ବାରଗାଡ଼ିଆ ସବସେଣ୍ଟର ଗୃହ ନିର୍ମାଣ କରିବାକୁ ଠିକାଦାର ସହ ଚୁକ୍ତି ସମ୍ପନ୍ନ ହୋଇ ସାରିଛି। ଏହି ପ୍ରକଳ୍ପ ୨୨।୧୨।୨୦୨୩ରେ ଆରମ୍ଭ ହୋଇ ୨୧।୫।୨୦୨୪ରେ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଜମି ବିବାଦ ଓ ଅଭାବରୁ ଏହି ପ୍ରକଳ୍ପ ଆରମ୍ଭ ହୋଇପାରିନାହିଁ। ସେହିପରି ସୁକିନ୍ଦା ତହସିଲ ଅନ୍ତର୍ଗତ ସାରଙ୍ଗପୁର ଓ ସାରୁଆବିଲ ସବସେଣ୍ଟର ଜମି ବିବାଦ ସହ ଆବଶ୍ୟକ ଜମିର ଅଭାବ କାରଣରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯାଜପୁର ତହସିଲ ଅଧୀନ ଖଇରାବାଦ, କପିଳେଶ୍ୱର ଓ ରୁଦ୍ରପୁର, ବରୀ ତହସିଲ ଅଧୀନ ଅରିଲୋ, ହରିପୁର, ରତଲଙ୍ଗା, ସେରାପୁର, ବରୀ ଓ ଧାରପୁର, ଦଶରଥପୁର ତହସିଲର ପରିପଦା, କୁଆଁରପୁର, ଖଣ୍ଡରା, ମହାନ୍ତିପାଟଣା, ନାରାୟଣପୁର ଓ ପାଲଟପୁର, ବିଞ୍ଝାରପୁର ତହସିଲର ଟିଣା, କୋରେଇ ବ୍ଲକର ଶଙ୍ଖଚିଲା ଓ ତରାପୁର ସବସେଣ୍ଟର ଗୃହ ନିର୍ମାଣରେ ଜମି ବିବାଦ ଏବଂ ଅଧିଗ୍ରହଣରେ ବିଳମ୍ବ କାରଣରୁ ନିର୍ମାଣ କାର୍ଯ୍ୟ ଅଟକି ରହିଛି।

ଅନ୍ୟପକ୍ଷେ ଯାଜପୁର ତହସିଲର ବରୁଆଁ ପିଏଚ୍‌ସି ଗୃହ ନିର୍ମାଣ ପାଇଁ ୧୭।୧୦।୨୦୨୪ରୁ ଚୁକ୍ତି ସମ୍ପନ୍ନ ହୋଇ ସାରିଛି। ହେଲେ ଆବଶ୍ୟକ ଜମି ଅଭାବରୁ ଏହି ପ୍ରକଳ୍ପ ଆରମ୍ଭ ହୋଇ ପାରିନାହିଁ। ଦଶରଥପୁର ତହସିଲର ଚିତାଳୋ ପିଏଚ୍‌ସି ଓ ବିଞ୍ଝାରପୁର ତହସିଲର ରାମଚନ୍ଦ୍ରପୁର ପିଏଚ୍‌ସି ଗୃହ ନିର୍ମାଣ କାର୍ଯ୍ୟ ଜମି ବିବାଦ ଓ ଆବଶ୍ୟକ ଜମି ଅଭାବରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଜିଲାର ଉପରୋକ୍ତ ଗ୍ରାମାଞ୍ଚଳ ଡାକ୍ତରଖାନାଗୁଡ଼ିକ ଉପରେ ପ୍ରାୟ ୫ ଲକ୍ଷ ଲୋକ ନିର୍ଭର କରନ୍ତି। ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃବୃନ୍ଦଙ୍କ ଅବହେଳା ଏବଂ ଆନ୍ତରିକତା ଅଭାବରୁ ଏପରି ସମସ୍ୟା ରହିଛି ବୋଲି ଅଭିଯୋଗ ହେଉଛି।

ଜିଲାର ବିଭିନ୍ନ ସହରର ରାସ୍ତାଘାଟ ଚଉଡ଼ା ହେଉଛି। ପାର୍କ, ପର୍ଯ୍ୟଟନସ୍ଥଳୀ, ମନ୍ଦିର, ମଠ ଆଦି ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲିଛି। ହେଲେ ବିଡ଼ମ୍ବନା, ଜିଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗ୍ରାମାଞ୍ଚଳର ସିଏଚ୍‌ସି ଓ ପିଏଚ୍‌ସିରେ ପ୍ରାୟ ୯୦ ଡାକ୍ତର ପଦବୀ ଖାଲିପଡ଼ିଛି। ଏହାବାଦ ଜିଲା ସଦର ଡାକ୍ତରଖାନା ସମେତ ବ୍ୟାସନଗର ପୌରାଞ୍ଚଳରେ ଏକାଧିକ ପ୍ରସ୍ତାବିତ ପ୍ରକଳ୍ପ ଯୋଜନାରେ ସୀମିତ ରହିଛି। ଏନେଇ ରାଜ୍ୟସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ସମୀକ୍ଷା ବୈଠକରେ ତତ୍ପରତା ପ୍ରକାଶ କରାଯାଉଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ଜିଲାପାଳଙ୍କୁ ସୂଚିତ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

**ବଡ଼ଚଣା,୪।୨(ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟକାରିଣୀ ବୈଠକ ବୁଧବାର ମଞ୍ଚ ପ୍ରେକ୍ଷାଳୟରେ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହାଣୀ, ଉପସଭାପତି କ୍ଷୀରୋଦ ମାଜାଲା, ଯୁଗ୍ମ ସମ୍ପାଦକ ବଟକୃଷ୍ଣ ଜେନା, ସହସମ୍ପାଦକ ଶରତ ଚନ୍ଦ୍ର ସେଠୀ, ପଣ୍ଡିତ ବିଜୟ କର, ସନ୍ତୋଷ ବିଶ୍ୱାଳ, ଦୁଃଖିଶ୍ୟାମ ସାହୁ, ସାରଦା ପ୍ରସାଦ ମହାନ୍ତି, ରଞ୍ଜନ ଜେନା ଦୁଷ୍ମନ୍ତ ସ୍ୱାଇଁ, ବୈକୁଣ୍ଠ ସାମନ୍ତରାୟ, ଲୋକନାଥ ସେନାପତି, ଅଜୟ ଜେନା, ପୂର୍ଣ୍ଣଚନ୍ଦ୍ର ସାହାଣୀ, ବ୍ରହ୍ମାନନ୍ଦ ଦାଶ, ପ୍ରଫୁଲ୍ଲ ସାମଲ, ପ୍ରହଲ୍ଲାଦ ଧଳ, ଶିବରାମ ସାହୁ, ଈଶ୍ୱର ଚନ୍ଦ୍ର ସାମଲ, ସୀତାନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ସାହାଣୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହିତ ମଞ୍ଚ ବରିଷ୍ଠ ନାଗରିକଙ୍କ ସେବାରେ ସହାୟକ ହେବ ବୋଲି କହିବା ସହ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଅନ୍ୟ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ, ପାଇଖାନା ପାଇଁ ଯେଉଁ ଅର୍ଥ ବ୍ଲକରୁ ମଞ୍ଜୁର ହୋଇଛି ସେ କାର୍ଯ୍ୟ କିପରି ଠିକରେ କରାଯିବ ସେ ନେଇ ସଭାପତି ପ୍ରକାଶ କରିଥିଲେ। ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

# ‘ଅକ୍ଷୟ ଜଣେ ଭଲ ଶିକ୍ଷକ’




**ଜେନାପୁର,୪।୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ମାଳହାଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଳଜଙ୍ଗ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସୁରେଶ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବିଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ସୁଶାନ୍ତ କୁମାର କର, ନିକୁଞ୍ଜ ବିହାରୀ ମହାନ୍ତି, ନିଳମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ଅକ୍ଷୟ ଜଣେ ଭଲ ଶିକ୍ଷକ, ଭଲ ମଣିଷ ସହିତ ସୁସଂଗଠକ ବୋଲି ମତପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଶିକ୍ଷକ ମଲ୍ଲଙ୍କୁ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ।

# ଟ୍ରକ୍ ଧକ୍କାରେ କଂଗ୍ରେସ ଯୁବନେତାଙ୍କ ମୃତ୍ୟୁ

## ଘଟଣାସ୍ଥଳରେ ରାସ୍ତା ଅବରୋଧ

**କଳିଙ୍ଗନଗର,୪।୨(ଶୁଭାଶିଷ ରାଉତ):**

ଯାଜପୁର ଜିଲା କଳିଙ୍ଗନଗର ଥାନା ଅଧୀନ ଡୁବୁରୀ ଗୋଲେଇ ଛକରେ ବୁଧବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ କଂଗ୍ରେସ ଯୁବନେତା ତଥା ସୁକିନ୍ଦା ନିର୍ବାଚନୀମଣ୍ଡଳୀର ପୂର୍ବତନ କଂଗ୍ରେସ ସଭାପତି ରଞ୍ଜିତ ରାଜ ଓରଫ୍ ଭାଲୁଆଙ୍କ ମୃତ୍ୟୁ ହୋଇଛି। ରଞ୍ଜିତଙ୍କ ଘର ସ୍ଥାନୀୟ ବାରାଗାଡ଼ିଆ ଗ୍ରାମରେ। ସେ କଳିଙ୍ଗନଗର-ଡୁବୁରୀ ଗୋଲେଇ ଛକରେ ଚାଲିଚାଲି ରାସ୍ତା ପାର ହେଉଥିବାବେଳେ ଏକ ୧୬ ଚକିଆ ଟ୍ରକ ତାଙ୍କ ଉପରେ ମାଡ଼ିଯିବା ସହ କିଛିବାଟ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ



ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଡୁବୁରୀ-ଢେଙ୍କାନାଳ ଓ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ଖବର ଲେଖାହେବାବେଳକୁ ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରଖିବା ସହ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରୁଥିଲା। ଅନ୍ୟପକ୍ଷରେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଦାନଗଦି ମେଡିକାଲରେ ପହଞ୍ଚି ରଞ୍ଜିତଙ୍କ ଶେଷଦର୍ଶନ କରିଥିଲେ। ଏହି ଖବର ପାଇ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଶରତ ଚନ୍ଦ୍ର ରାଉତ ଶୋକ ପ୍ରକାଶ କରିଥିଲେ।

# ପରମାନନ୍ଦ ଚିର ସ୍ମରଣୀୟ ହୋଇ ରହିବେ



ପରମାନନ୍ଦ ଶରଣ ସ୍ମୃତିସଂସଦ ପକ୍ଷରୁ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୪।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଉତ୍ତରପ୍ରତାପ ପଞ୍ଚାୟତ ନିଳକଣ୍ଠପୁରସ୍ଥିତ ପରମାନନ୍ଦ ଶରଣ ସ୍ମୃତି ସଂସଦ ପକ୍ଷରୁ ଗାୟକ ସୁଧାକର ଚନ୍ଦ୍ର ପରମାନନ୍ଦ ଶରଣ ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ଶରଣଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଗୁପାଳ କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ବେଣୁଧର ଶରଣ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରାର୍ଥସାରଥୀ ଅଜୟ ବାରିକ, ପ୍ରାଧ୍ୟାପକ ବିଜୟ କୁମାର ଶତପଥୀ, ବିନାୟକ ରଥ, ପଣ୍ଡିତ କାମଦେବ ଶତପଥୀ, କେଶବ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ପରମାନନ୍ଦ ପାଲା ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ ନୁହଁନ୍ତି, ସାହିତ୍ୟ, ସଂସ୍କୃତି ପ୍ରଚାର ପ୍ରସାର କ୍ଷେତ୍ରରେ ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣା ଉତ୍ସ, ସ୍ୱକୀୟ ସ୍ୱର ଓ ଶୈଳୀ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ବେଣୁଧର ପତିଙ୍କ ରଚିତ ସୌଭାଗ୍ୟବତୀ ସ୍ୱଭାଶ୍ରୀ କାବ୍ୟ ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ୧୨ ଜଣ ଗାୟିକାଗାୟକ, ବାୟକ, ସଙ୍ଗୀତଜ୍ଞଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦତ୍ତ ମାନପତ୍ରଗୁଡ଼ିକୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ପାଠ କରିଥିଲେ। କବି ପଦ୍ମଜା ଶରଣ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଣବ କିଶୋର ଶରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗାୟିକା ନିରୁପମା ପଣ୍ଡା ପାଲା ପରିବେଷଣ କରିଥିଲେ। ବିରୁପାକ୍ଷ ଶରଣ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ବାଣୀପୀଠ ୧୯୮୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନରେ ସାମିଲ ହୋଇଥିବା ପୂରାତନ ଛାତ୍ରୀଛାତ୍ର।

**କାଏମା,୪।୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବାଣୀପୀଠ ବିଦ୍ୟାଳୟର ୧୯୮୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ଜଣ ଛାତ୍ରୀଛାତ୍ର ଏକତ୍ରିତ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ। ୪ ବନ୍ଧୁଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନାରାୟଣ ମଲିକ, ମନୋଜ ରଣା, ନଳିନୀ ବେହେରା, ପ୍ରତ୍ୟୁଷ ତରାଇ, ସନ୍ତୋଷ ସେଠୀ, କମଳ ପଣ୍ଡା, ବିବେକ ମହାନ୍ତି, ସୁଦାମ ମହାନ୍ତି, ସଦାନନ୍ଦ ନାୟକ, ଲଳିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମା’କୁଆଁ ମଙ୍ଗଳାଙ୍କ ବିଶ୍ୱଶାନ୍ତି ଯଜ୍ଞୋତ୍ସବର ପୂର୍ଣ୍ଣାହୁତି

**ପାଣିକୋଇଲି,୪।୨(ବିକାଶ ଚନ୍ଦ୍ର ମଲ୍ଲିକ):**

କୋରେଇ ବ୍ଲକ ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମର ଆରାଧ୍ୟ ଦେବୀ ମା’କୁଆଁଶ ମଙ୍ଗଳାଙ୍କ ୪୭ତମ ବିଶ୍ୱଶାନ୍ତି ମହାଯଜ୍ଞର ବୁଧବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଗତ ମାସ ୩୧ ତାରିଖରେ ଶୁଭାଧିବାସ କରାଯାଇଥିଲା। ଇତ୍ୟବସରରେ ଗୋପୂଜା, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ନାମଯଜ୍ଞ ଆଦି କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦିନତମାମ ପୂର୍ଣ୍ଣାହୁତି ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମହାନ୍ତି, ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି, ସାମାଜିକ କର୍ମୀ ଶରତ ଦାଶ, ଗଦାଧର ମହାନ୍ତି, ଜନାର୍ଦ୍ଦନ ଓଝା, ଗଙ୍ଗାଧର ସ୍ୱାଇଁ, ସୁଦର୍ଶନ ବୋଇତାଇ, ଦିନବନ୍ଧୁ ମାଝୀ, ବାବନ ବେହେରା, ଗୟାଧର ସ୍ୱାଇଁ, ସୁରେଶ ଦାସ, ସୋମନାଥ ବଳ, ଦେବାଶିଷ ଦାସ, ବିରଜା ମହାନ୍ତି ଓ ସତ୍ୟବ୍ରତ ପଲାଇଙ୍କ ସମେତ ଗ୍ରାମର ସମସ୍ତ ବ୍ୟକ୍ତି ସହଯୋଗ କରିଥିଲେ। ପୂଜକ ରବିନାରାୟଣ ପଣ୍ଡା ଓ ରଘୁନାଥ ପାଢ଼ୀ ପୂଜା କାର୍ଯ୍ୟ ତୁଲାଇଥିଲେ।

# ବ୍ରାଉନସୁଗାର ଜବତ, ୨ ଯୁବକ ଗିରଫ

**ଛତିଆ,୪।୨(ସୌମ୍ୟ ରଞ୍ଜନ ସାହୁ):**

ବୈରୀ ଥାନା ପୋଲିସ ବ୍ରାଉନସୁଗାର ବିକ୍ରି ଉଦ୍ୟମ କରୁଥିବା ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ସୋଲର ଗ୍ରାମର ଟୁକୁନା ସାମଲ ଓ ଲିଟୁ ସାମଲ। ସେମାନେ ସୋଲରଠାରେ ଏକ କ୍ଲବ ନିକଟରେ ମଙ୍ଗଳବାର ରାତିରେ ସନ୍ଦେହଜନକ ଭାବେ ଠିଆ ହୋଇଥିଲେ। ପୋଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ସେମାନଙ୍କୁ ପଚାରଉଚରା କରିଥିଲା। ହାବ ଭାବ ଠିକ ନ ଥିବାରୁ ପୋଲିସ ଉଭୟଙ୍କୁ କାବୁ କରିଥିଲା। ଏହି ସମୟରେ ସେମାନଙ୍କଠାରୁ ୭ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା। କୌଣସି ଗ୍ରାହକଙ୍କୁ ବିକ୍ରି ପାଇଁ ସେମାନେ ଉକ୍ତ ସ୍ଥାନରେ ଠିଆ ହୋଇଥିଲେ ବୋଲି ଥାନାଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବରୀରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବରୀ,୪।୨(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଲିପୁର ସରପଞ୍ଚ ମଧୁସ୍ମିତା ବେହେରା ଓ ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ ଉଦ୍‌ଘାଟନ କରିଥିଲେ। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇପାରି ନ ଥିବା ବ୍ୟକ୍ତିଙ୍କୁ ଡାକ୍ତରୀ ଟିମ୍ ବିଭିନ୍ନ ପରୀକ୍ଷା କରିଥିଲେ। ଯୋଗ୍ୟ ଭିନ୍ନକ୍ଷମଙ୍କୁ ପୋଷ୍ଟାଲ ମାଧ୍ୟମରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବିଡିଓ ଅସିତ କୁମାର ମହାନ୍ତି, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା, କନିଷ୍ଠ ଯନ୍ତ୍ରୀ ରାକେଶ ମଲ୍ଲିକ, ଚିରାଦ ପ୍ରସାଦ, ଶିବପ୍ରସାଦ ମଲ୍ଲିକ, ସରୋଜ କୁମାର ପଣ୍ଡା, ସାମାଜିକ ସୁରକ୍ଷା



ଶିବିର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅଧିକାରୀ।

ବିଭାଗର କର୍ମଚାରୀ ସୁରେଶ କୁମାର ପଣ୍ଡା, ପିଇଓ ନିକୁଞ୍ଜ ରାଉତ, ନିରଞ୍ଜନ ମଲ୍ଲିକ, ପଦ୍ମନାଭ ପରିଡ଼ା, ବ୍ଲକ ପ୍ରୋଗ୍ରାମ ଅଫିସର ସୁରେଶ ପଣ୍ଡା, ବ୍ଲକ କୋଅଡିନେଟର ସଚ୍ଚିକାନ୍ତ ବାରିକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରେ ମୋଟ ୧୮୨ ଭିନ୍ନକ୍ଷମ ନାମ ପଞ୍ଜୀକୃତ କରିଥିଲେ। ଏଥିରେ ଅସ୍ଥିଶଲ୍ୟରେ ୮୭, ମାନସିକ ବିଭାଗରେ ୩୦, ଦୃଷ୍ଟିବାଧିତ ୨୫, ଶ୍ରବଣ ବାଧିତ ୩୦ ଏବଂ ଔଷଧ ବିଭାଗରେ ୧୦ ଜଣ ଦିବ୍ୟାଙ୍ଗ ରହିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ, ଡା. ରଶ୍ମିକାନ୍ତ ଶତପଥୀ, ଡା. ବୁଦ୍ଧଦେବ ପରିଡ଼ା, ଡା. ଜାକି ଆଲ୍ଲାମ ଉପସ୍ଥିତ ରହି ପଞ୍ଜୀକୃତ ରୋଗୀଙ୍କ ପରୀକ୍ଷା କରିଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ: ୪ ଗିରଫ, ମାରଣାସ୍ତ୍ର ଜବତ

**ଯାଜପୁରରୋଡ୍,୪।୨ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରରେ ଏକ ବଡ଼ଧରଣର ଡକାୟତି ଉଦ୍ୟମକୁ ଯାଜପୁରରୋଡ୍ ପୋଲିସ ପଣ୍ଡ କରିଛି। ମଙ୍ଗଳବାର ସନ୍ଧ୍ୟାରେ ସୋବରା ଅଞ୍ଚଳରେ ଥିବା ଏକ ପଡ଼ିଆରେ କେତେଜଣ ଯୁବକ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉକରି ୪ ଜଣଙ୍କୁ କାବୁ କରିବା ପରେ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରେଇ ଥାନା ପୂର୍ବକୋଟ ଗ୍ରାମର ମାଇକେଲ ଗଣପତି(୨୪), ସେହି ଗ୍ରାମର ଅର୍ଜୁନ ଦାସ (୨୯), ଏମ.ଅଜୟ (୨୫) ଓ କାଳି ଦାସ (୨୬)। ସେମାନଙ୍କ ନିକଟରୁ ପୋଲିସ ୭.୬ ଏମ୍‌ଏମ୍‌ର ୬ ଗୁଳି, ବାଇକ୍, ୩ ମୋବାଇଲ ଫୋନ୍, ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ଗୋଟିଏ କଟର ଯନ୍ତ୍ର ଓ ୧୨୭୬ ଟଙ୍କା



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

ଜବତ କରିଛି। ପଚରାଉଚରା ସମୟରେ ସେମାନେ ସ୍ଥାନୀୟ ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏନେଇ ପୋଲିସ ନଂ. ୮୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯାଜପୁରରୋଡ୍‌ର ସୋମବାର, ସାପଗାଡ଼ିଆ, ହୁଡ଼ିସାହି, ମୁଣ୍ଡମାଳ ଆଦି ଅଞ୍ଚଳରେ ଚୋରା ନିଶାକାରବାର ବଢୁଛି। ଏସବୁ ଅଞ୍ଚଳ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଥିବା ଅଭିଯୋଗ ହୋଇଛି। ତେଣୁ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

# ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ, ଅଣ୍ଟା ଭିଡ଼ିଲା ଜିଲା କଂଗ୍ରେସ

ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)



ଜିଲା କଂଗ୍ରେସ କମିଟି (ଡିସିସି) ସଭାପତି ଦେବ ପ୍ରସାଦ ନାୟକ ଓ ଦଳୀୟ କର୍ମୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

- ଜିଲା ସଭାପତିଙ୍କ ନେତୃତ୍ୱରେ ମଣ୍ଡି ଅନୁଧ୍ୟାନ ଆରମ୍ଭ
- କଟ୍‌ନିଛଟ୍‌ନି ବନ୍ଦ ନ ହେଲେ ୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜିଲାର ବିଭିନ୍ନ ମଣ୍ଡିରେ ଏବେ ଧାନ ସଂଗ୍ରହ ଚାଲିଛି। କିନ୍ତୁ କେତେକ ମଣ୍ଡିରେ କଟ୍‌ନିଛଟ୍‌ନି ସାଙ୍ଗକୁ ନାନା ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଏନେଇ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି (ଡିସିସି) ସଭାପତି ଦେବ ପ୍ରସାଦ ନାୟକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତାଙ୍କ ନେତୃତ୍ୱରେ କଂଗ୍ରେସର ଏକ ଦଳ ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର କେତେକ ଧାନ ମଣ୍ଡି ଯାଇ ସ୍ଥିତି ଅନୁଧ୍ୟାନ କରିଛି। ଏ ସମ୍ପର୍କରେ ନାୟକ କହିଛନ୍ତି, ମଣ୍ଡିଗୁଡ଼ିକରେ ଚାଷୀଙ୍କଠାରୁ ଜୋରଜବରଦସ୍ତି ଅଖା ବାବଦରେ କୁଇଣ୍ଟାଲ ପ୍ରତି ୧.୫ କେ.ଜି. ଧାନ କାଟି ନିଆଯାଉଛି। ସେହିପରି ଭଲ ଧାନକୁ ଖରାପ ଦର୍ଶାଇ ଚାଷୀଙ୍କ ଉପରେ ଚାପ ପକାଯାଉଛି। ଯେଉଁ ଚାଷୀ ବିରୋଧ କରୁଛନ୍ତି, ସେମାନଙ୍କୁ ନାନା ମାଧ୍ୟମରେ ନିରାଶ କରାଯାଉଛି। ଏପରି କି ଧାନ ଘରକୁ ନେଇଯିବାକୁ ଧମକ ଦିଆଯାଉଛି। ପରିସ୍ଥିତି ଏଭଳି କରିଦିଆଯାଉଛି ଯେ, ଚାଷୀ ସେମାନଙ୍କ କଥାରେ ରାଜି ହେବାକୁ ଏକପ୍ରକାର ବାଧ ହେଉଛନ୍ତି। ଏହାର ସୁଯୋଗରେ ସେମାନେ କୁଇଣ୍ଟାଲ ପିଛା ୫ରୁ ୬ କେ.ଜି. ଧାନ କାଟି ନେବାରେ ସଫଳ ହେଉଛନ୍ତି। ମିଲର, ମଣ୍ଡି ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ ଯେଉଁ ଢଙ୍ଗରେ ଚାଷୀଙ୍କ ପେଟକୁ ନାତ ମାରୁଛନ୍ତି ତାହା ଯନ୍ତ୍ରଣାଦାୟକ। ଅନେକ ଗରିବ ଚାଷୀ ବହୁ କଷ୍ଟରେ ଧାନ ଅମଳ କରିଥାନ୍ତି। ଏପରି କି ମଣ୍ଡି ପର୍ଯ୍ୟନ୍ତ ଧାନ ଗାଡିରେ ନେବା ପାଇଁ ଧାର, କରଜ କରିଥାନ୍ତି। ଏହି ଧାନ ବିକି ଯାହା ଅର୍ଥ ପାଇବେ ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ସହ ଅନ୍ୟ ବାବଦ ଖର୍ଚ୍ଚ ପାଇଁ ଅନେକ ସ୍ୱପ୍ନ ଦେଖିଥାନ୍ତି। ଏ ପରିସ୍ଥିତିରେ ମଣ୍ଡିରେ ସେମାନଙ୍କୁ ଧମକଚମକ ଦିଆଯାଇ ଧାନ କାଟି ନିଆଯିବା ସରକାରଙ୍କ ଚାଷୀ ବିରୋଧୀ ମାନସିକତାର ପ୍ରତିଫଳନ କରୁଛି। କେବଳ ଏତିକି ନୁହେଁ ମିଲରମାନେ କଣା, ଫୁଟା ଖୋଟ ଅଖା ଚାଷୀଙ୍କୁ ଦେଉଛନ୍ତି। ଧାନ କଣ୍ଟା (ଓଜନ) କରିବା ବାବଦରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ଗୁଡ଼ିକ ଶ୍ରମିକମାନଙ୍କୁ ମଜୁରି ଦେବା ବ୍ୟବସ୍ଥା ଅଛି। କିନ୍ତୁ ଏ ବାବଦରେ ଚାଷୀଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ଏହାକୁ କଂଗ୍ରେସ କୌଣସି ପରିସ୍ଥିତିରେ ବରଦାସ୍ତ କରିବ ନାହିଁ। ତେଣୁ ଉପରୋକ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାଯାଉ। ନଚେତ୍ ଜିଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ। ଏନେଇ ଫେବୃଆରୀ ୬ରେ ଜିଲା କଂଗ୍ରେସ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲା ସଭାପତି ନାୟକ କହିଛନ୍ତି। ନାୟକଙ୍କ ସହ ମଣ୍ଡି ଅନୁଧ୍ୟାନ ସମୟରେ ଜିଲା କଂଗ୍ରେସ ଉପ ସଭାପତି ପ୍ରଶାନ୍ତ ଦାସ, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ସୌମ୍ୟକାନ୍ତ ସିଂ, ଆଖିଲ ରାଉଳ, ପ୍ରଫୁଲ୍ଲ ସେଠୀ, ଶୁଭେନ୍ଦ୍ରକାନ୍ତ ରାଉତରାୟ, ଅନନ୍ତ ନାରାୟଣ ପୃଷ୍ଟି, ବିଶ୍ୱରଞ୍ଜନ, ସୂରଜକାନ୍ତ ଦାସ, ପ୍ରଦୀପ୍ତ ରାଉତ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଭୋଇ, ଅମିୟ କିଶୋର ରାଉଳ, ଜିତେନ୍ଦ୍ର ମହାନ୍ତି, ଶୁଭ ନାରାୟଣ ନାୟକ, ପ୍ରଦୀପ୍ତ ଶତପଥୀ, ରଞ୍ଜନ ସାହୁ, ବ୍ରଜ କିଶୋର ମଲ୍ଲିକ, ସାୟକ ରସୁଲ, ଶୁଭମ ମହାନ୍ତି, ସୁନାକର ନାୟକ, ନିରଞ୍ଜନ ସ୍ୱାଇଁ, ନିରଞ୍ଜନ ପ୍ରଧାନ, ଗଗନ ବିହାରୀ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଳୟ ରାଉତ, ଅମର ପଣ୍ଡା, ପ୍ରିୟବ୍ରତ ସ୍ୱାଇଁ, ରାକେଶ ସ୍ୱାଇଁ ଓ ସୁଭାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଅନଙ୍କ ଝୁଲନ୍ତା ମୃତଦେହ ଜବତ

## ତଦନ୍ତ ଦାବି କଲେ ସ୍ତ୍ରୀ

ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ରେ ପିଅନ ଭାବେ କାର୍ଯ୍ୟ କରୁଥିବା କେନ୍ଦ୍ରାପଡ଼ା ଜିଲା ଚନ୍ଦ୍ରୋଡ଼ା ସହରପୁର ଗ୍ରାମର ନୀହାର ରଞ୍ଜନ ମହାନ୍ତି (୩୯)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ରୋଷେଇ ଘରୁ ଜବତ ହୋଇଛି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଏହା ଉପରେ ତଦନ୍ତ କରାଯାଇ ନ୍ୟାୟ ଦେବାକୁ ସ୍ତ୍ରୀ ସୁମିତ୍ରା ମହାନ୍ତି (୩୭) ଜଗତ୍‌ସିଂହପୁର ଥାନାରେ ଲିଖିତ ଦାବି କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ ହୋଇଥିବା ଆଇଆଇସି ସରୋଜକାନ୍ତ ସାମଲ ସୂଚନା ଦେଇଛନ୍ତି। ନୀହାର ତାଙ୍କ ସ୍ତ୍ରୀ ସୁମିତ୍ରା ୨ ଝିଅଙ୍କ ସହ ସିଙ୍ଗାରପୁର ଗ୍ରାମରେ ଭଡା ସୂତ୍ରରେ ରହୁଥିଲେ। ବୁଧବାର ସକାଳ ୭ଟାବେଳେ ସୁମିତ୍ରା ଗାଧୋଇ ସାରି ବାଥ୍‌ରୁମ୍‌ରୁ ବାହାରିଲା ପରେ ରୋଷେଇ ଘର ଛାତ କଡିରେ ଏକ ହଳଦିଆ ରଙ୍ଗର ପ୍ଲାଷ୍ଟିକ ରଶିରେ ନୀହାରଙ୍କୁ ଝୁଲିଥିବା ଦେଖିଥିଲେ। ଏହା ଦେଖି ସୁମିତ୍ରା ଚିତ୍କାର କରିବାରୁ ପଡୋଶୀମାନେ ସେଠାରେ ପହଞ୍ଚି ରଶି କାଟି ସ୍ୱାମୀଙ୍କୁ ତଳକୁ ଆଣିଥିଲେ। ତୁରନ୍ତ ତାଙ୍କୁ ଜଗତ୍‌ସିଂହପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣାଯାଇଥିଲା। ସେଠାରେ ଡାକ୍ତର ନୀହାରଙ୍କୁ ମୃତ ଘୋଷଣା କରିଥିଲେ। ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତାଙ୍କୁ ଓ ଦୁଇ ଝିଅଙ୍କୁ ନ୍ୟାୟ ପ୍ରଦାନ କରାଗଲେ ସେ ଉପକୃତ ହେବେ ବୋଲି ସୁମିତ୍ରା ଦାବି କରିଛନ୍ତି। ଅନ୍ୟପଟେ ନୀହାରଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଯେଉଁଥିରେ ସେ ତାଙ୍କ ଆତ୍ମହତ୍ୟା ପାଇଁ ଜଣେ ପଦାଧିକାରୀଙ୍କୁ ଦାୟୀ କରିଛନ୍ତି। ହେଲେ ଏହି ଭିଡିଓ ଅସଲି କି ନକଲି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପରବର୍ତ୍ତୀ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

# ଆଦର୍ଶ ବିଦ୍ୟାଳୟ ସମସ୍ୟା ବୁଝିଲେ ବିଡିଓ, ଯନ୍ତ୍ରୀ

ଏରସମା, ୪।୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବୁଧବାର ବିଡିଓ ଦାଶରଥି ଜେନା ଓ ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ) ସର୍ବେନ୍ଦୁ ସୂତାର ଓ ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ବିଦ୍ୟାଳୟ ପ୍ରବେଶ ପଥ ରାସ୍ତା, ଫାଟକ, ଆବାସିକ ଗୃହକୁ ରାସ୍ତା, ସାଇକେଲ ଷ୍ଟାଣ୍ଡ, ଖେଳ ପଡ଼ିଆ ପ୍ରସ୍ତୁତି, ବାହାର ପଟ ପ୍ରାଚୀର, ସମ୍ମୁଖରେ ଥିବା ବୃହତ ଖାଲ ପୋତେଇ, ରୋଷେଇର ସୁବ୍ୟବସ୍ଥା, ସ୍କୁଲ ପରିବେଶର ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଥିଲେ। ସମ୍ପୃକ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ନବମ ଶ୍ରେଣୀରେ ୩୦୬ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ବିଭିନ୍ନ ଦୂର ଦୂରାନ୍ତରୁ ଆସି ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟ ସମ୍ମୁଖରେ ବିଶାଳ ଖାଲରେ ପାଣି ଜମି ରହିବାସହ ଅନାବନା ଘାସରେ ପରିତ୍ୟକ୍ତ ପରିବେଶ ସୃଷ୍ଟି ହୋଇଛି। ଏହା ମଶାମାଛିଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏଥିସହ ପିଲାମାନଙ୍କ ଅଭିଭାବକମାନେ ନିକଟସ୍ଥ ଗ୍ରାମରେ ରହିବା ପାଇଁ ଘର ଭଡା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ବହୁ ଦୂର ଦୂରାନ୍ତରୁ ଯିବା ଆସିବା କରି ପିଲାମାନେ ପାଠ ପଢୁଥିଲେ ମଧ୍ୟ ହଷ୍ଟେଲର ବ୍ୟବସ୍ଥା କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ସ୍କୁଲ ପଛପଟେ ପାଚେରି କରାଯାଇଥିଲେ ମଧ୍ୟ ସମ୍ମୁଖ ଭାଗରେ ଏପର୍ଯ୍ୟନ୍ତ କରାଯାଇନାହିଁ।

# ୧୦୦ ପ୍ରଶିକ୍ଷାର୍ଥୀଙ୍କୁ ୮ ପରିବର୍ତ୍ତେ ୩ ତାଲିମଦାତା

ନାଉଗାଁ, ୪।୨ (ସୁଧା ବେହୁରା)

ଓଡ଼ିଶା ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରତି ବ୍ଲକରେ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏଠାରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଶିବିରଟି ୨ରୁ ୬ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ନେଉଛନ୍ତି। ଏଥିପାଇଁ ୮ଜଣ ତାଲିମଦାତା ପଶିକ୍ଷଣ ଦେବାର ନିୟମ ଥିବାବେଳେ ମାତ୍ର ୩ ଜଣ ତାଲିମ ପ୍ରଦାନ କରୁଛନ୍ତି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କାର୍ଯ୍ୟାଳୟର ପତ୍ର ସଂଖ୍ୟା (ନଂ.୭୮୩ /୨୧।୧।୨୦୨୬) ଅନୁଯାୟୀ ପ୍ରତି ୫୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ୪ ଜଣ ତାଲିମଦାତା ତାଲିମ ପ୍ରଦାନ କରିବା ସହ ଜଣେ ସହାୟକ କର୍ମଚାରୀ ରହିବେ। ଏହି ୫ ଦିନ ଶିବିରରେ ୫୦ଜଣ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬୯ ହଜାର ୨୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ଉକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା (ନଂ.୧୮୭ /୩୦।୧।୨୦୨୬) ଅନୁସାରେ ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ୩ ଜଣ ତାଲିମଦାତା ତାଲିମ ପ୍ରଦାନ କରୁଛନ୍ତି। ଏହି ତାଲିମ ଦ୍ୱାରା ନୂତନ ଶିକ୍ଷା ଆଇନ-୨୦୨୦ ଅନୁସାରେ ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫ ଓ ନୂତନ ପାଠ୍ୟ ପୁସ୍ତକ ବ୍ୟବହାର ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ପ୍ରଶିକ୍ଷଣ ନେବା ପରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବେ। ଉକ୍ତ ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ଥିବାବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡାବର ଉ.ପ୍ରା ବିଦ୍ୟାଳୟର ନରେଶ ଚନ୍ଦ୍ର ସାହୁ, ଏରେଡାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲର ମନୋରଞ୍ଜନ ଦାସ ଏବଂ ଜଗତ୍‌ସିଂହପୁର ସିଆର୍‌ସିସି ଅମିୟା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଦାୟିତ୍ୱ ଦିଆଯାଇଛି। କମ୍ ତାଲିମଦାତାରେ ଶିବିରରେ କିପରି ପ୍ରଶିକ୍ଷଣ ଦିଆଯାଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ଜିଲା ଶିକ୍ଷାଧିକାରୀ କେଶବ ମେହେରଙ୍କୁ ପଚାରିବାରେ କେବଳ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ୧୨ ଦଫା ଦାବିରେ ସିପିଆଇର ବିକ୍ଷୋଭ



ଏରସମା, ୪।୨ (ଦୀପ୍ତି ଖଣ୍ଡୁଆଳ)

କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ବିରୋଧରେ ସିପିଆଇ ପକ୍ଷରୁ ବୁଧବାର ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଉପରୋକ୍ତ ଦାବି ସମ୍ବଳିତ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଦାଶରଥି ଜେନାଙ୍କୁ ପ୍ରଦାନ କରାଯାଇଛି। ଏସବୁ ଦାବି ମଧ୍ୟରେ ବିଦ୍ୟୁତ ବିଲ୍ ଛାଡ଼ କରି ପ୍ରତିଶ୍ରୁତି ରକ୍ଷା କରିବା, ଚାଷୀଙ୍କ ଋଣ ଛାଡ଼ କରିବା, ଆଣବିକ ଶକ୍ତିର ଅପବ୍ୟବହାର ନ କରିବା, ବ୍ୟାଙ୍କକୁ ଘରୋଇକରଣ ନ କରିବା, ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ପ୍ରଦାନ, ଶ୍ରମିକ ବିରୋଧୀ ୪ ଶ୍ରମକାର୍ଡ ବାତିଲ ଇତ୍ୟାଦି ପ୍ରମୁଖ ରହିଛି।

ଆନ୍ଦୋଳନକାରୀ ବିଭିନ୍ନ ନାରା ଦେଇ ସିପିଆଇ କାର୍ଯ୍ୟାଳୟରୁ ବାହାରି ଏରସମା ବଜାର ପରିକ୍ରମା କରିବା ପରେ ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଯୋଗଦେଇ କହଥିଲେ, ସମ୍ବିଧାନ ବିପଦଗ୍ରସ୍ତ ହେବାରେ ଲାଗିଛି। କେନ୍ଦ୍ର ସରକାର ଉଦ୍ୟୋଗପତିଙ୍କୁ ପ୍ରୋତ୍ସାହନ ଦେଇ ଅନ୍ନଦାତା କୃଷକଙ୍କ ଜୀବନ ଜୀବିକାକୁ ବିପନ୍ନ କରିବାରେ ଲାଗିଛନ୍ତି। ସରକାର ଏହି ପଥରୁ ବିଚ୍ୟୁତ ନ ହେଲେ ଧର୍ମଘଟ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଥିଲେ। ଛତ୍ରପୁରର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ଯୋଗଦେଇ କହିଥିଲେ, ଦେଶରେ ଶ୍ରମିକ ଓ କୃଷକ ବିଷାଦଗ୍ରସ୍ତ ଜୀବନ ବିତାଉଥିବା ବେଳେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏଥିପ୍ରତି ସରକାର ସଜାଗ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ସଭାରେ କୃଷକ ନେତା ପ୍ରସନ୍ନ କୁମାର କୁଅଁର ଉପସ୍ଥିତ ଥିଲେ।

# ୩ୟ ସନ୍ଧ୍ୟାରେ ନାଟକ ଚାକ୍ ମଞ୍ଚସ୍ଥ



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

## ୨୫ତମ ଅନ୍ତର୍ଜାତୀୟ ନାଟକ ମହୋତ୍ସବ

ପାରାଦୀପ, ୪।୨ (ଶରତ ରାଉତ)

ପାରାଦୀପ ଜୟଦେବ ସଦନରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ତମ ଅନ୍ତର୍ଜାତୀୟ ନାଟକ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବର ୩ୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋଲକାତାର ଲିଟଲ ଥିଏସ୍ପିଆନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଉମା ଝୁନ୍‌ଝୁନ୍‌ୱାଲାଙ୍କ ନିର୍ଦ୍ଦେଶନାରେ ଉର୍ଦ୍ଦୁ ଭାଷାର ନାଟକ 'ଚାକ୍' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ୧୯୭୧ରେ ପାକିସ୍ତାନ ଏବଂ ପୂର୍ବ ପାକିସ୍ତାନ ବିଭାଜନ ସମୟରେ ଭାରତୀୟ ମୁସଲମାନ୍‌ମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ଓ ସମସ୍ୟାକୁ ଦର୍ଶାଯାଇଥିଲା। ଏଥିରେ ଏକ ମୁସ୍‌ଲମାନ ପରିବାର ସଂଘର୍ଷକୁ ଅତି ନିଖୁଣଭାବେ ଚିତ୍ରଣ କରାଯାଇଥିଲା। ନାଟକର ଆନନ୍ଦ ନେବା ପାଇଁ ବହୁ ନାଟ୍ୟପ୍ରେମୀ ଓ ଦର୍ଶକ ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାରମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ ।

# ବରଯାତ୍ରୀ ଯିବା ନାଁରେ ଡାକି ମରଣାନ୍ତକ ଆକ୍ରମଣ

ନାଉଗାଁ, ୪।୨ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ନହଡିପଡା ଗ୍ରାମର ସୁଶାନ୍ତ କୁମାର ମହାନ୍ତିଙ୍କ ପୁଅଙ୍କୁ ଫୋନ ଯୋଗେ ବରଯାତ୍ରୀ ଯିବା ପାଇଁ ଡାକି ନେଇ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ସୁଶାନ୍ତଙ୍କ ଅଭିଯୋଗ ମୁତାବକ, ତାଙ୍କ ପୁଅ ସମିତ ଘରେ ଥିବାବେଳେ ଅଲଣା ଗ୍ରାମର ବିଶ୍ୱଜିତ ନାୟକ ବରଯାତ୍ରୀ ଯିବା ପାଇଁ ପୁଅକୁ ଫୋନ କରି ଡାକିଥିଲେ। ତାଙ୍କ ପୁଅ ଘରୁ ବାହାରି ବିଶ୍ୱଜିତ ପାଖକୁ ଯାଇଥିଲେ । କିନ୍ତୁ ରାତ୍ରି ପ୍ରାୟ ୧୦ଟା ୩୦ରେ ସେ ଶୁଣିବାକୁ ପାଇଲେ ଯେ, ବିଶ୍ୱଜିତଙ୍କ ସହ ଅନ୍ୟ ଦୁଇ ଜଣ ମିଶି ସମିତଙ୍କୁ ମିଛରେ ଡକାଇବା ସହ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ତାଙ୍କ ପୁଅର ମୁଣ୍ଡ ଫାଟିଯିବା ସହ ଶରୀର କ୍ଷତବିକ୍ଷତ ହୋଇଯାଇଛି। ଫଳରେ ପୁଅ ଚେତାଶୂନ୍ୟ ହୋଇ ପଡିବାରୁ ଅଭିଯୁକ୍ତମାନେ ଉକ୍ତ ସ୍ଥାନ ଛାଡି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ସମିତଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

# ମା'ବାପା, ଶିକ୍ଷାଗୁରୁଙ୍କ ଆଶୀର୍ବାଦ ବିନା ଜୀବନ ନିରର୍ଥକ




ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ଅନ୍ତ୍ୟୋଦୟ ଓ ସିଦ୍ଧେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ

ରଘୁନାଥପୁର, ୪।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଦେଉଳିସାହିସ୍ଥିତ ଅନ୍ତ୍ୟୋଦୟ ଉଚ୍ଚ ଓ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ତ୍ୟୋଦୟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଭକ୍ତବତ୍ସଳ ମହାନ୍ତି ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିତ୍ତିକ ଦିଗ୍‌ଦର୍ଶନ ଦେବା ସହ ମା'ବାପା ଓ ଶିକ୍ଷାଗୁରୁଙ୍କ ଆଶୀର୍ବାଦ ବିନା ଜୀବନ ନିରର୍ଥକ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଓଷ୍ଟା ସଂଘର ପୂର୍ବତନ ଜିଲା ସମ୍ପାଦକ ନିକୁଞ୍ଜ କିଶୋର ବେହେରା ଓ ସମ୍ମାନିତ ଅତିଥି ଭାବେ ପୁରୁଣାବସନ୍ତ ପଞ୍ଚାୟତ ସରପଞ୍ଚ କାଳନ୍ଦୀ ଚରଣ ମହାନ୍ତି, ପୁରାତନ ଛାତ୍ରୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କବି ପ୍ରେମଲତା ବାରିକ, ସିଆର୍‌ସିସି ଚତୁର୍ଭୁଜ ନାୟକ, ଉଭୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିୟ ରଞ୍ଜନ ସାମଲ ଓ ଜ୍ୟୋତିକାନ୍ତ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ସଭାପତି ସୌମ୍ୟ ରଞ୍ଜନ ସାହୁ, ବିଭୁରଞ୍ଜନ ସ୍ୱାଇଁ, ଲୁଭେନ୍ଦ୍ର ମିଶ୍ର, ରାଜେନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଦେହୁରୀ ଉପସ୍ଥିତ ରହି ପିଲାମାନଙ୍କୁ ଶିକ୍ଷଣୀୟ ଉପଦେଶ ଦେଇଥିଲେ। ଏହି ଅବସରରେ କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ଶରତ କୁମାର ପଣ୍ଡା ଅତିଥି ପରିଚୟ ଓ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସଭା ଶେଷ ପରେ ଶିକ୍ଷକ ସଞ୍ଜୟ କୁମାର ବେହେରା, ମଞ୍ଜୁଲତା ନାୟକ, ବିଜୟ କୁମାର ବାରିକ ଓ ପ୍ରଭାତ କୁମାର ଦାଶଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଧର୍ମପରାୟଣାଙ୍କ ପରଲୋକ

କୁଜଙ୍ଗ, ୪।୨ (ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍ ତଥା ବାଲିଆ ନିବାସୀ ଶୁକଦେବ ଷଡ଼ଙ୍ଗୀଙ୍କ ଧର୍ମ ପରାୟଣ ସ୍ତ୍ରୀ ଅହଲ୍ୟା ଷଡ଼ଙ୍ଗୀ (୮୧)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ସୋମବାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ଅହଲ୍ୟାଙ୍କ ପରଲୋକ ଘଟିଛି। ଅହଲ୍ୟା ଜଣେ ଭଦ୍ର ଓ ଦରଦୀ ମହିଳା ରୂପେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ସାମାଜିକ କର୍ମୀ ସୁଧାଂଶୁ ଶେଖର ଶତପଥୀ, ପୂର୍ବତନ ସମିତି ସଭ୍ୟ କୈଳାସ ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଶିକ୍ଷାବିତ୍ ଚକ୍ରଧର ସ୍ୱାଇଁ, ରାଜୀବ ବସନ୍ତିଆ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ , ଝିଅ ଓ ଜ୍ୱାଇଁ ସମେତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ଅହଲ୍ୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ଇଁ. ପ୍ରସନ୍ନ କୁମାର ଷଡଙ୍ଗୀ ମୁଖାଗ୍ନି ଦେଇଥିଲେ।

# ଏପ୍ରିଲ ୧୬ରୁ ମେ' ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା



ସମୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

## ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୪।୨ (ପ୍ରମୋଦ କୁମାର ନାୟକ)

୨୦୨୭ ଜନଗଣନା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରି ଏପ୍ରିଲ ୧୬ରୁ ମେ' ୧୫ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା କରାଯିବ ବୋଲି ସୂଚନା ଦେଇଥିଲେ। ଏହାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନେ ଦାୟିତ୍ୱବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ତେବେ ଜନଗଣନା ପୂର୍ବରୁ ଅର୍ଥାତ୍ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆତ୍ମଗଣନା କରାଯିବ। ଯେଉଁଥିରେ ସେନ୍ସସ ପୋର୍ଟାଲରେ ଲଗ୍‌ଇନ କରି ଯେ କୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ୍ କରିପାରିବେ। ଯଦିଓ ଜନଗଣନା ଭାରତରେ ପ୍ରତି ୧୦ ବର୍ଷରେ ହେବା କଥା, ମାତ୍ର ଏହା ୨୦୧୧ ମସିହା ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସତ୍ୟ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଜିଲାପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ କହିଥିଲେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ପୂର୍ଣ୍ଣ ବିବରଣୀ ରହିବ। ଏଥର ଜନ ଗଣନାକାରୀମାନେ ପ୍ରତ୍ୟେକ ଘର ବୁଲି ସମସ୍ତ ବିଷୟର ଠିକ୍ ବିବରଣୀ ପଚାରିବେ। ଘରର ମୁରବି, ତାଙ୍କର ଜାତି, ଲିଙ୍ଗ, ବୟସଠାରୁ ଆରମ୍ଭ କରି ଘରର ସ୍ଥିତି, ପକ୍କା କି କଚ୍ଚା ଘର ଅଛି ଇତ୍ୟାଦି ୩୩ଟି ପ୍ରଶ୍ନ ପଚାରିବେ। ତେଣୁ ସମସ୍ତେ ନିଜର ଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆଡିଶନାଲ ଡାଇରେକ୍ଟର ମିଳିତା ଦତ୍ତ ଟ୍ରେନିଂ ଅଫିସର ଭାବେ ଯୋଗଦେଇ ଆଗାମୀ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ଏଥିପାଇଁ ନିଯୁକ୍ତ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲାସ୍ତରରେ ନିୟୋଜିତ ଅଧିକାରୀମାନଙ୍କ ପ୍ରଶିକ୍ଷଣ କରାଯିବ। ସମଗ୍ର ରାଜ୍ୟରେ ପ୍ରାୟ ଏକ ଲକ୍ଷ ଜନ ଗଣନାକାରୀ ଏହି କାର୍ଯ୍ୟ ସମ୍ପାଦନ କରିବେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ସମସ୍ତ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ ଅତିରିକ୍ତ ତହସିଲଦାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏସ.ଅନିତା ଦୋରା(୧୭)। ଯୁକ୍ତ ୨ ଦ୍ୱିତୀୟବର୍ଷ ପଢୁଥିବା ଅନିତା ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଅନିତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସୂଚନା ପାଇ ବୁଧବାର ଦିଗପହଣ୍ଡି ଏଏସଆଇ ଦିଲ୍ଲୀପ ଗୋରଡ଼ା ବ୍ରହ୍ମପୁର ବଡ ଡାକ୍ତରଖାନାରୁ ଛାତ୍ରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ଭଉଣୀ ଏସ.ବନିତା ଦୋରା ଥାନାରେ ଏତଲା ଦେବାପରେ ନଂ. ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଅନିତା ଗାଁ ନିକଟସ୍ଥ ଏକ କଲେଜରେ ପଢୁଥିଲେ।

### ତାରିଣୀ ମେଳା ଉଦ୍‌ଯାପିତ

ଖଜୁରିପଡ଼ା, ୪।୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବଲସକୁମ୍ପା, ଅରାସାହି ତାରିଣୀ ପୀଠ ରୂପେ ପରିଚିତି ଲାଭ କରିଛି। ଏଠାରେ ପ୍ରତିବର୍ଷ ଫେବୃଆରୀ ମାସରେ ମା' ତାରିଣୀଙ୍କ ମେଳା ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ମଧ୍ୟ ୩ ଦିନ ଧରି ତାରିଣୀ ମେଳା ଅନୁଷ୍ଠିତ ହୋଇ ବୁଧବାର ଉଦ୍‌ଯାପିତ ହୋଇଛି। ଭକ୍ତ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ବେଳେ ୨ ଦିନ ପର୍ଯ୍ୟନ୍ତ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି।

### ଶବରପଲ୍ଲୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆର. ଉଦୟଗିରି, ୪।୨ (ମନୋଜ କୁମାର ପାଢୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଶବରପଲ୍ଲୀ ପଞ୍ଚାୟତସ୍ଥିତ ଶବରପଲ୍ଲୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଲରିମେନ ଖରସେଲ, ମୁଖ୍ୟବକ୍ତା ଭାବେ ଶୁଣ୍ଡୁରୁବା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୋସେୟ ଦୋରା, ସମ୍ମାନିତ ଅତିଥି ଭାବେ ଶବରପଲ୍ଲୀ ସରପଞ୍ଚ ଫୁଲମତୀ ରଇତ, ସମିତିସଭ୍ୟ ମାଣିକ ରଇତ, ନାଏବ ସରପଞ୍ଚ ମନୋରଞ୍ଜନ ରଇତ, ବିଦ୍ୟାଳୟ ସଭାପତି ଲକ୍ଷ୍ମୀକାନ୍ତ ଶବର, ପ୍ରଧାନ ଶିକ୍ଷକ ବୃନ୍ଦାବନ ପଣ୍ଡିତ ଉପସ୍ଥିତ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ବୃନ୍ଦାବନ ପଣ୍ଡିତ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ନିଜ ପରିବାର ଓ ସବୁ କ୍ଷେତ୍ରରେ ସୁନାମ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାଡିଙ୍ଗି ସଞ୍ଜୀବ ରାଓ ପରିଚାଳନା କରିଥିଲେ। ଦଣ୍ଡପାଣି ଗୌଡ଼ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ନବନିଯୁକ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୪।୨(ବନବାସୀ ସେଠୀ)

ରମ୍ଭାସ୍ଥିତ ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ଭାରତୀୟ ସେନାବାହିନୀରେ ନୂତନ ଭାବେ ନିଯୁକ୍ତ ହୋଇଥିବା ଯବାନମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ରମ୍ଭା ଥାନାଧିକାରୀ କୁମର ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ସୁନୀଲ ତାରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ସ୍ଥଳସେନା ଅବସରପ୍ରାପ୍ତ ଯବାନ ଡି. ଖଲିଆ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ସେନା କର୍ମଚାରୀ ଡି. ଅଶୋକ ପ୍ରଧାନ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ୍ଡୀ, ଗାନ୍ଧୀ ତରାଇ, ସୌରା ସିଠ ଯୋଗ ଦେଇ ନବନିଯୁକ୍ତ ଯବାନ ଓ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମାଞ୍ଚଳର ଯୁବକମାନଙ୍କୁ ସେନାବାହିନୀର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ଅନୁଷ୍ଠାନ ପକ୍ଷରୁ ୬ବର୍ଷ ଧରି ଶାରୀରିକ ଓ ବୌଦ୍ଧିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଅନୁଷ୍ଠାନ ମୁଖ୍ୟ ସୁନିଲଙ୍କ ପ୍ରଚେଷ୍ଟାରୁ ଅଳ୍ପ ଦିନ ମଧ୍ୟରେ ବିଭିନ୍ନ ଗ୍ରାମରୁ ଗରିବ ପରିବାରର ୬୦ରୁ ଉର୍ଦ୍ଧ୍ୱ ଯୁବକ ସେନାବାହିନୀର ବିଭିନ୍ନ ପଦବୀରେ ନିଯୁକ୍ତି ପାଇପାରିଛନ୍ତି। ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ବିଭୁତି ଭୂଷଣ ସେଠୀ ରଶ୍ମିରଂଜନ ମହାପାତ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଭାଜପା ସରକାର ବିରୋଧରେ ଗର୍ଜିଲା ବିଜେଡି

## ନାରୀ ନିର୍ଯାତନା, ଚାଷୀ ଶୋଷଣର ପ୍ରତିବାଦ

ପାରଳାଖେମୁଣ୍ଡି,୪।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ଚାଷୀ ସମ୍ମୁଖୀନ ହେଉଥିବା ଦୁର୍ଦ୍ଦଶା ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବୁଧବାର ବିଜେଡିର ଏକ ସମାବେଶ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇଛି। ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଓ ଜିଲା ବିଜେଡ଼ି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ନେତା, କର୍ମକର୍ତ୍ତା ଓ କର୍ମୀ ଏଥିରେ ସାମିଲ ହୋଇ ଭାଜପା ସରକାରର ସମାଲୋଚନା କରିଥିଲେ। ଭାଜପା ସରକାରରେ ଝିଅ, ମହିଳା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏବେ ସାରା ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କେନ୍ଦୁଝର ଜିଲାରେ ମଧ୍ୟ ନାରୀ ସୁରକ୍ଷିତ ନାହାନ୍ତି ବୋଲି ବିଜେଡି ଆରୋପ ଲଗାଇଛି।

ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ମିଲର ଓ ପ୍ରଶାସନିକ



ବିଜେଡି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଅଧିକାରୀ ମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ସେମାନଙ୍କୁ ଧାନର ଉଚିତ ମୂଲ୍ୟ ମିଳୁନାହିଁ। ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ , ୩ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା, ପ୍ରତ୍ୟେକ ମହିଳାଙ୍କୁ ଏକ କାଳୀନ ୫୦ ହଜାର ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ଭାଜପା ଲୋକଙ୍କ ସହ ପ୍ରତାରଣା କରିଛି ବୋଲି ବିଧାୟକ ପାଣିଗ୍ରାହୀ ଅଭିଯୋଗ କରିଥିଲେ। ବେକାରୀ ଯୁବକଙ୍କୁ ନିଯୁକ୍ତି ନ ମିଳିବା, କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ନ ହେବା, ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇପଡିବା ଆଦି ପ୍ରତ୍ୟେକ କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି ବୋଲି ବିଧାୟକ କହିଥିଲେ। ଜିଲା ସଦର ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବିଜେଡି କର୍ମକର୍ତ୍ତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ସରକାରଙ୍କ ବିଫଳତାର ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତା ଅବରୋଧ କରି ଆନ୍ଦୋଳନକୁ ତୀବ୍ର କରିବ ବୋଲି ଦଳ ଚେତାବନୀ ଦେଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଜପତି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଥିଲା। ବିଜେଡିର ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ବିଜୁ ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୂର୍ବତନ ଜିଲା ସଭାପତି ଜଗବନ୍ଧୁ ଦାସ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛାଙ୍କ ସମେତ ଶତାଧିକ ମହିଳା ଓ ସବୁ ବ୍ଲକର କର୍ମକର୍ତ୍ତା, କର୍ମୀ, ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

# କେନ୍ଦ୍ର ବଜେଟ ଉପରେ ଅବଗତ କଲେ ମନ୍ତ୍ରୀ

ଫୁଲବାଣୀ, ୪।୨(ରାକେଶ କୁମାର ରାଉତ)

ଫୁଲବାଣୀ ସର୍କିଟ ହାଉସରେ ବୁଧବାର କେନ୍ଦ୍ର ବଜେଟକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ଚଳିତ ବଜେଟରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଉପରେ ଆଲୋଚନା କରିଥିଲେ। ବଜେଟରେ ବିକଶିତ ଭାରତ ଏବଂ ଆତ୍ମ ନିର୍ଭରଶୀଳ ଭାରତ ପାଇଁ ପଦକ୍ଷେପ ନିଆଯାଇଛି । ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ରହିଛି । ଚଳିତ ବଜେଟର ପୂର୍ଣ୍ଣାଙ୍ଗ ଲକ୍ଷ ହେଉଛି ଦ୍ରୁତ ଆର୍ଥିକ ବୃଦ୍ଧି ସହିତ ଗରିବ, କୃଷକ, ମହିଳା ଓ ମଧ୍ୟମ ବର୍ଗକୁ ସଶକ୍ତ କରିବା। ଆମ ରାଜ୍ୟ ଓଡ଼ିଶା ପାଇଁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ରେୟାର ଆର୍ଥ କରିଡର ପ୍ରତିଷ୍ଠା, ପୂର୍ବତଟ ବିକାଶ କରିଡରରେ


ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଉଛନ୍ତି।

ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ବିକାଶ, ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ କରିବା, ବନ୍ୟଜନ୍ତୁ ପର୍ଯ୍ୟଟନ ଏବଂ ପରିବେଶ ସୁରକ୍ଷା, ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଓ ଜୀବିକା ମିଶନ(ଭିବିଜିରାମଜି) ମାଧ୍ୟମରେ ରୋଜଗାର ଗ୍ୟାରେଣ୍ଟି, କୃଷି ଉନ୍ନତି ଯୋଜନା, ଜଳ ଜୀବନ ମିଶନ, ସମଗ୍ର ଶିକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଗ୍ରାମୀଣ ଜୀବିକା ମିଶନ, ପିଏମ୍ କିଶାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫତ୍ ବିଜୁଳୀ ଯୋଜନାରେ ଅଧିକ ଅର୍ଥ ବ୍ୟୟ ବରାଦ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଫୁଲବାଣୀ ବିଧାୟକ ଉମାଚରଣ ମଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପ୍ରେମିକଙ୍କ ଘର ସମ୍ମୁଖରେ ବିବାହିତା ମହିଳାଙ୍କ ଧାରଣା

କବିସୂର୍ଯ୍ୟନଗର, ୪।୨(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଏକ ଗାଁରେ ଜଣେ ବିବାହିତା ମହିଳା ପ୍ରତାରଣାର ଶିକାର ହୋଇଛନ୍ତି। ସେ ପ୍ରେମ କରୁଥିବା ବ୍ୟକ୍ତି ଜଣକ ଧୋକା ଦେବାରୁ ଏହାର ପ୍ରତିବାଦରେ ମହିଳା ଜଣକ ପ୍ରେମିକଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରେମିକର ଘର ଲୋକେ ଘରେ ତାଲା ପକାଇ କେଉଁଆଡେ ଚାଲିଯାଇଛନ୍ତି। ଖବରରୁ ଜଣାପଡ଼ିଛି, କବିସୂର୍ଯ୍ୟନଗର ଥାନା ତଥା ବାଲିଛାଇ ଫାଣ୍ଡି ଅଞ୍ଚଳର ଏକ ଗ୍ରାମରେ ରହୁଥିବା ସମ୍ପୃକ୍ତା ବିବାହିତା ମହିଳା (୨୬) ୨୦୧୭ରେ ପୋଲସରା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ତେବେ ପୁଅଟି ମୋର ନୁହେଁ ବୋଲି ସ୍ୱାମୀ ଅସ୍ୱୀକାର କରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ସବୁବେଳେ ତିକ୍ତତା ଲାଗି ରହୁଥିଲା । ଫଳରେ ମହିଳା ଜଣକ ୨୦୨୨ରେ ଶାଶୁଘର ଛାଡି ବାପଘରକୁ ଚାଲି ଆସିଥିଲେ। ପୁଅର ଦେହ କ୍ରମାଗତ ଭାବେ ଖରାପ ହେବାରୁ ମହିଳା ଜଣକ ଗାଁ ପାଖ ଏକ ଗାଁରେ ଝଡ଼ାଫୁଙ୍କା ପାଇଁ ନିଦ୍ରାବତୀ ଆସୁଥିବା ଜଣେ ଯୁବକଙ୍କ ମା'ଙ୍କୁ ନିଜ ଫୋନ ନମ୍ବର ଦେଇଥିଲେ। ଏହି ନମ୍ବରରେ ଯୁବକ ଜଣକ ସମ୍ପୃକ୍ତା ମହିଳାଙ୍କ ସହ କଥାବାର୍ତ୍ତା ହେବାକୁ ଲାଗିଲେ। ଫଳରେ ମହିଳା ଜଣକ ତାଙ୍କ ପ୍ରେମରେ ପଡିଯାଇଥିଲେ। ୨୦୨୪ରେ ଯୁବକ ଜଣକ ମହିଳାଙ୍କୁ ସୁରଟ ନେଇ ସେଠାରେ ଉଭୟେ ଭଡା ଘର ନେଇ ରହିଥିଲେ। ୨୦୨୫ ଜୁଲାଇରେ ସମ୍ପୃକ୍ତା ମହିଳାଙ୍କ ଏକ ପୁତ୍ରସନ୍ତାନ ଜନ୍ମ ହୋଇ ୫ ଦିନ ପରେ ତାର ମୃତ୍ୟୁ ହୋଇଥିଲା। ଗତ ୧୭।୧।୨୬ରେ କୋର୍ଟ ମ୍ୟାରେଜ କରିବେ କହି ଯୁବକ ଜଣକ ସମ୍ପୃକ୍ତା ମହିଳାଙ୍କୁ କବିସୂର୍ଯ୍ୟନଗରର ବୁଡାମ୍ବକୁ ଆଣିଥିଲେ । ସେଠାରୁ ଭଡା ଅଟୋ ଆଣିବି କହି ସେ କୁଆଡେ ଚାଲିଯାଇଛନ୍ତି। ତାଙ୍କ ମୋବାଇଲ ସୁଇଚ ଅଫ ରହିଛି। ପରେ ଏନେଇ ମହିଳାଜଣକ ଜାନୁୟାରୀ ୨୫ରେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୮/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏବେ ମହିଳା ଜଣକ ସମ୍ପୃକ୍ତ ଯୁବକଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଚୋର ଜଗିବ, ଟ୍ରାଫିକ୍ ନିୟନ୍ତ୍ରଣ କରିବ

## ସହରରେ ଲାଗିଲା ୮୩ ସିସିଟିଭି


ଆଦର୍ଶ ଥାନାଧିକାରୀଙ୍କ ସହ ଅନ୍ୟ ଅଧିକାରୀ।

ଫୁଲବାଣୀ, ୪।୨(ରାକେଶ କୁମାର ରାଉତ)

ଫୁଲବାଣୀ ସହର ସିସିଟିଭି ନିୟନ୍ତ୍ରଣରେ ରହିବ। ଚୋରି, ରାହାଜାନି, ବେପରୁଆ ଗାଡ଼ିଚାଳନା ଉପରେ ଅଧିକ ନଜର ରଖାଯିବ। ଖାଲି ଏତିକି ନୁହେଁ, ଏହାଦ୍ୱାରା ଟ୍ରାଫିକ ବି ନିୟନ୍ତ୍ରଣ କରାଯିବ। ଏଥିପାଇଁ ସହରରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ୮୩ଟି ସିସିଟିଭି ଲଗାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ସର୍ଭେ କରାଯାଇ ଅଧିକ ସିସିଟିଭି ଲଗାଯିବ। କନ୍ଧମାଳ ପୋଲିସ ଏବଂ ପୌର ପରିଷଦ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସମସ୍ତ ସିସିଟିଭିର କଣ୍ଟ୍ରୋଲ୍‌ରୁମ୍ ଫୁଲବାଣୀ ଆଦର୍ଶ ଥାନା ମଧ୍ୟରେ ରଖାଯାଇଛି। ଦିନକୁ ଦିନ ଫୁଲବାଣୀ ପୌର ପରିଷଦ ଅନ୍ତର୍ଗତ ୧୩ଟି ୱାର୍ଡରେ ଜନସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ଏସ୍‌ପି ହରିଶ୍ ବିସିଙ୍କ ପକ୍ଷରୁ ପୌର ପରିଷଦକୁ ଏକ ଚିଠି କରାଯାଇଥିଲା। ପୌର ପରିଷଦ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ସିସିଟିଭି ଲଗାଇବା ବ୍ୟବସ୍ଥା କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ସହରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏହି କ୍ୟାମେରା ଲଗାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି କହିଛନ୍ତି। ଏହାଦ୍ୱାରା ଫୁଲବାଣୀ ସହରରେ ଚୋରି ସହ ଅନ୍ୟାନ୍ୟ ଘଟଣାକୁ ରୋକାଯାଇପାରିବ। ଟ୍ରାଫିକ୍ ସମସ୍ୟାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ସହଯୋଗରେ ଏକାଧିକ ମାମଲାର ସମାଧାନ ହୋଇପାରିଛି ବୋଲି ଆଦର୍ଶ ଥାନା ଅଧିକାରୀ ପି. ସ୍ୱରୂପ କିଶନ କହିଛନ୍ତି ।

# ଲୋଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ


ଉତ୍ସବକୁ ଶୁଭାରମ୍ଭ କରୁଛନ୍ତି ଅତିଥି ।

ଖଲିକୋଟ,୪।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲିକୋଟ ବ୍ଲକ୍ ଶ୍ରୀକୃଷ୍ଣ ଶରଣପୁର ଲୋଘର ଗ୍ରାମରେ ଥିବା ଲୋଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତା ରାଣୀ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଲିକୋଟ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟାପକ ବିଷ୍ଣୁ ଜେନା, ମୁଖ୍ୟ ବକ୍ତା ଭାବେ କେଶପୁର ଯୁକ୍ତ ୩ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଷ୍ଣୁ ଦାଶ, ସିଆରସିସି ପବନା କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦୁର୍ଯ୍ୟୋଧନ ପଲେଇ, ପୂର୍ବତନ ପ୍ରଧାନ ଶିକ୍ଷକ ଧୁଶାସନ ସାହୁ, ପ୍ରକାଶ ଚନ୍ଦ୍ର ଦାସ ଏବଂ ଅଶୋକ ତ୍ରିପାଠୀ ପ୍ରମୁଖ ଅନ୍ୟତମ ମଞ୍ଚାସିନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ କର୍ତ୍ତବ୍ୟ ଅଭିଭାବକଙ୍କ ଭୂମିକା ବିଷୟରେ ସୂଚନା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହାଇଥିଲା। ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ସେଠୀ, ମାଗତା ନାହାକ, ଶିକ୍ଷୟିତ୍ରୀ ଶ୍ୱାଗତିକା ସାହୁ, ମିନାକୁମାରି ବେହେରା, ରଶ୍ମିତା ଶୁଭୁଧି, ବନିତା ବାରିକ, ଲୋପାମୁଦ୍ର ମହାନ୍ତି, ଜିତେନ୍ଦ୍ର ତରେଇ ପ୍ରମୁଖ ପରିଚାଳନା କରିଥିଲେ।

### କର୍କଟ ରୋଗର ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୪।୨(ଗିରିଧାରୀ ପରିଚ୍ଛା)

ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଏମଏସ୍‌ପୁରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କର୍କଟ ରୋଗର ନିରାକରଣ, ପ୍ରାଥମିକ ଚିହ୍ନଟ ଏବଂ ରୋଗୀ ଓ କର୍କଟ ବିଜୟୀଙ୍କୁ ସହଯୋଗ କରିବା ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଏହାକୁ ଏନ୍ଏସ୍ଏସ୍ ସଂଯୋଜିକା ଟି. ସୁନୀତା ଏବଂ ଫ୍ୟାକଲ୍ଟି ସଂଯୋଜିକା ଶୁଭଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟ ଅଂଶଗ୍ରହଣକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଏକ ପୋଷ୍ଟର ପ୍ରଦର୍ଶନୀ ହୋଇଥିଲା। ଯେଉଁଥିରେ ଛାତ୍ରୀଛାତ୍ରମାନେ କର୍କଟ ରୋଗର କାରଣ, ପ୍ରତିଷେଧକ ବ୍ୟବସ୍ଥା ଏବଂ ଉପଲବ୍ଧ ଚିକିତ୍ସା ପଦ୍ଧତି ସମ୍ପର୍କରେ ଉଲ୍ଲେଖ ଥିଲା । ପରେ ଏକ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏକ 'କର୍କଟ ସଚେତନତା ଶପଥ' ପାଠ କରାଯାଇଥିଲା । କାର୍ଯ୍ୟକ୍ରମ 'ଜୀବନର ଅନୁଭୂତି' ପର୍ଯ୍ୟାୟରେ ଜଣେ କର୍କଟ ବିଜୟୀ ନିଜ ସଂଘର୍ଷର କାହାଣୀ ବର୍ଣ୍ଣନା ସମସ୍ତଙ୍କ ମଧ୍ୟରେ ଆଶା, ସାହସ ଏବଂ ଶକ୍ତିର ବାର୍ତ୍ତା ଦେଇଥିଲେ ।

# ନାବାଳିକାଙ୍କୁ ହାତ ଗୋଡ଼ ବାନ୍ଧି ଜଙ୍ଗଲରେ ଛାଡ଼ିବା ଘଟଣା, ୨ ଗିରଫ

ତୁମୁଡ଼ିବନ୍ଧ, ୪।୨(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ବେଲଘର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ନିର୍ଯାତନା ସହ ହାତ ଗୋଡ଼ ବାନ୍ଧି ଜଙ୍ଗଲରେ ଛାଡ଼ିବା ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୀତେଶ ନାୟକ ଓ ସୁଶୀଲ ନାୟକ। ଏନେଇ ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ୍ ଭୋସ୍‌ଲେ ସୂଚନା ଦେଇଛନ୍ତି। ରବିବାର ନାବାଳିକା ଜଣକ ଗାଁ ନାଳକୁ ଏକୁଟିଆ ଗାଧୋଇବାକୁ ଯାଉଥିବା ବେଳେ ତାଙ୍କୁ ନୀତେଶ ଓ ସୁଶୀଲ ତାଙ୍କୁ ଅପହରଣ କରି ଜଙ୍ଗଲକୁ ନେଇଯାଇଥିଲେ। ପରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ଏଥିରେ ସେ ରାଜି ନ ହେବାରୁ ତାଙ୍କ ପୋଷାକ ଚିରି ଭିଡିଓ ଉତ୍ତୋଳନ କରି ଭାଇରାଲ କରିଦେବାକୁ ଧମକ ଦେବା ସହ ହାତଗୋଡ଼ ବାନ୍ଧି ପାଟିରେ କପଡ଼ା ଦେଇ ରଖିଥିଲେ। ପରେ ସେହି ହାତ ଗୋଡ଼ ବନ୍ଧା ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ତେବେ ଜଙ୍ଗଲ ମଧ୍ୟରେ ବହୁ କଷ୍ଟରେ ରାତି କାଟି ନାବାଳିକା ଜଣକ ସୋମବାର ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ବେଲଘର ଥାନାରେ ପରିବାର ପକ୍ଷରୁ ଅଭିଯୋଗ ପରେ କେସ୍ ନଂ.୧୦/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଡାକ୍ତରୀମାଇନା କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବାଲିଗୁଡ଼ା ଥାନା ଏସ୍‌ଡିପିଓ ଭୋସ୍‌ଲେ କହିଛନ୍ତି।

# ଅଗ୍ନିଶମ ଅଧିକାରୀ ସମ୍ବର୍ଦ୍ଧିତ



ଦାରିଙ୍ଗବାଡି,୪।୨(ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡିର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ କୌଣସି ଅଘଟଣ ଘଟିଲେ ଲୋକଙ୍କୁ ସେବା ଯୋଗାଇବା କଷ୍ଟଦାୟକ। ତେବେ ଏହାକୁ ଭୁଲ ପ୍ରମାଣିତ କରି ଦେଖାଇଛନ୍ତି ଦାରିଙ୍ଗବାଡି ଅଗ୍ନିଶମ ବିଭାଗର ଅଧିକାରୀ ଧବଳେଶ୍ୱର ପ୍ରଧାନ। ସେ ସର୍ବଦା ତାଙ୍କ ଦଳକୁ ନେଇ ସଜାଗ ରହିଥାନ୍ତି। ଗୋଟିଏ ଫୋନ କଲରେ ପହଞ୍ଚି ଯାଇଥାନ୍ତି ନିଜ ଅଘଟଣସ୍ଥଳରେ। ସେ ରାସ୍ତା ଦୁର୍ଘଟଣା ହେଉ କି କେଉଁଠି ଘରେ ନିଆଁ ଲାଗିଥାଉ ନଚେତ କେଉଁଠି କିଏ କୂଅରେ ପଡିଗଲେ ସାହସର ସହ ଉଦ୍ଧାର କରି ଚର୍ଚ୍ଚାରେ ରହି ଆସିଛନ୍ତି। ତାଙ୍କର ଏହି ଏପରି କାର୍ଯ୍ୟ ଦକ୍ଷତାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଗତ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରିବା ପାଇଁ ନାମ ଘୋଷଣା କରାଯାଇଥିଲା। ହେଲେ ସେ କୌଣସି ଦାୟିତ୍ୱରେ ବ୍ୟସ୍ତ ଥିବା ଯୋଗୁ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲେ। ପରବର୍ତ୍ତୀ ସମୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି।

# ଭାରତୀ ବିଦ୍ୟାପୀଠର ବାର୍ଷିକୋତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ।

ଗଞ୍ଜାମ,୪।୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ଭାରତୀ ବିଦ୍ୟାପୀଠ ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ପ୍ରସନ ବେହେରା, ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ରୂପେ ଭାରତୀ ବିଦ୍ୟାପୀଠ ପ୍ରାକ୍ତନ କଳା ଶିକ୍ଷକ ସୂର୍ଯ୍ୟ ନାରାୟଣ ଦାସ, ଏବିଇଓ ସଂଯୁକ୍ତା ବେହେରା, ବିନିତା ମିଶ୍ର, ବରିଷ୍ଠ କର୍ମଚାରୀ ହରିହର ବାରିକି, ପ୍ରଧାନ ଶିକ୍ଷକ ମନୋଜ ବେହେରା ମାଝୀ, ସିଆରସିସି ସନ୍ତୋଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସମୟ ନଷ୍ଟ ନ କରି ଏହାର ସଦ୍ ବିନିଯୋଗ କଲେ ସଫଳତା ମିଳିବ। ସମସ୍ତ ଛାତ୍ରୀଛାତ୍ର ସମୟର ସଦ୍ ବିନିଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଡିଡିଓ ସୁଚିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ହିସାବ ରକ୍ଷକ ତଥା ବରିଷ୍ଠ କିରାଣୀ ହରିହର ବାରିକିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବ୍ଲକ ଓ ଜିଲା ସ୍ତରରୁ କୃତି ଅର୍ଜନ କରିଥିବା ଏବଂ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ଡି.ପ୍ରେମ ପ୍ରସାଦ ରେଡ୍ଡୀ, ସାଇକେଲିଂରେ ଯଶରାଜ ବାଡ଼ତ୍ୟା, ବ୍ୟାଡମିଣ୍ଟନରେ ରିତେଶ ମୁଦୁଲି ଏବଂ ଧୀରେନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟତ୍ରୀ ରଶ୍ମିତା ସିଂ, ସ୍ନେହଲତା ସେଠୀ, ସୁବାସିନୀ ଯାନୀ ଓ ପ୍ରକାଶ ଚନ୍ଦ୍ର ପଣ୍ଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ରାଜରାସ୍ତାକୁ ବାସସ୍ଥାନ କରିବୁ: ଜବରଦଖଲକାରୀ

## ଜବରଦଖଲ ଉଚ୍ଛେଦ ପାଇଁ ପୁଣି ବୁଲିଲା ବୁଲ୍‌ଡୋଜର

ଦାରିଙ୍ଗବାଡ଼ି, ୪।୨(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବଜାର ଦେଇ ଯାଇଥିବା ୫୯ନଂ. ଜାତୀୟ ରାଜପଥ କଡ଼କୁ ଜବରଦଖଲ କରି ବ୍ୟବସାୟ କରୁଥିବା ଉଠା ଦୋକାନୀମାନଙ୍କୁ ଗତମାସରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଏବେ ପୁଣି ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ବୁଧବାର ବୁଲ୍‌ଡୋଜର ବୁଲିଛି। ସରକାରୀ ଜମି ଜବରଦଖଲ କରି କରାଯାଇଥିବା ଦୋକାନଘର ସହ ବାସଗୃହକୁ ପ୍ରଶାସନ ଉଚ୍ଛେଦ କରିଛି।

ଖବରରୁ ଜଣାପଡ଼ିଛି, ଦାରିଙ୍ଗବାଡ଼ିର ଚାରିଛକ ନିକଟ ୫୯ନଂ. ଜାତୀୟ ରାଜପଥ କଡ଼ରୁ ପାଟଖଣ୍ଡା ମନ୍ଦିର ରୋଡ୍‌ରେ ଏକାଧିକ ଲୋକ ସରକାରୀ ଜମି ଜବରଦଖଲ କରି ଦୀର୍ଘବର୍ଷ ଧରି ରହିଆସୁଥିଲେ। ଯେଉଁ ଜମି ଜବରଦଖଲରେ ଥିଲା ଉକ୍ତ ଜମି ରାଜସ୍ୱ ବିଭାଗର ପାଟେରିକୁ ଲାଗିରହିଛି। ଜମି ଜବରଦଖଲ କରି ରଖିଥିବା ଏକାଧିକ ବ୍ୟକ୍ତି ଅନ୍ୟଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ପ୍ରଶାସନ ଜାଣିବା ପରେ ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଥିଲା। ଏନେଇ ତହସିଲଦାର ଧୀରଜ ପାତ୍ର କହିଛନ୍ତି, ସେମାନଙ୍କୁ ପୂର୍ବରୁ ନୋଟିସ କରାଯାଇଥିଲା। ପରେ ଜବରଦଖଲକାରୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି ପାଇଁ ଉପଜିଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ଉପଜିଲାପାଳ ଏହାର ଉଚ୍ଛେଦ ଲାଗି ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।


ପ୍ରଶାସନ ପକ୍ଷରୁ କରାଯାଉଥିବା ଜବରଦଖଲ ଉଚ୍ଛେଦ।

ଅନ୍ୟପକ୍ଷେ ଜବରଦଖଲକାରୀମାନେ କହିଛନ୍ତି, ସେମାନେ ସେଠାରେ ଦୀର୍ଘବର୍ଷ ଧରି ରହିଆସୁଛନ୍ତି। ସେମାନଙ୍କୁ ଥଇଥାନ ନ କରି ପ୍ରଶାସନ ଘର ଭାଙ୍ଗିଛି। ଆମେ ବାଧହୋଇ ରାଜରାସ୍ତାକୁ ବାସସ୍ଥାନ କରିବୁ ବୋଲି ସେମାନେ କହିଛନ୍ତି।

ଜବରଦଖଲ ଉଚ୍ଛେଦ ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ବାସନ୍ତି ବେହେରା, ଏସ୍.କେ ଇମ୍‌ଦାଦ, ଏଏସ୍ଆଇ ଶ୍ରୀନିବାସ ରାଓ, ଅର୍ଜୁନ ଶବର ଉପସ୍ଥିତ ଥିଲେ।

# ମଧୁରଜଳ ସଙ୍କଟରେ ଜାତୀୟ ଉଦ୍ୟାନ ଭିତରକନିକା

- ବଢୁଛି ପାନୀୟ ଜଳପ୍ରକଳ୍ପ, ହେଉନାହିଁ ସର୍ଭେ
- ମହାନଦୀ, ବୈତରଣୀର ମଧୁର ଜଳ ପହଞ୍ଚୁ ନାହିଁ

କେନ୍ଦ୍ରାପଡା, ୪।୨ (ଜଗନ୍ନାଥ ଧଳ):



କେନ୍ଦ୍ରାପଡ଼ା ଭିତରକନିକାର ନଦୀ ଓ ହେନ୍ତାଳବଣ ।

ବିରଳ ଅଲିଭ ରିଡ୍ଲେ କଇଁଛ ପ୍ରଜନନ ସ୍ଥଳ ଗହୀରମଥା ସାମୁଦ୍ରିକ ପ୍ରାଣୀ ଅଭୟାଞ୍ଚଳର ଉନ୍ନତୀକରଣ ହେବ । ସଂସଦରେ ଏ ସମ୍ପର୍କରେ ବଜେଟ ପ୍ରସ୍ତାବ ଆସିବା ପରେ କେନ୍ଦ୍ରାପଡା ଜିଲାର ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ଉତ୍ସାହ ବଢ଼ିଯାଇଛି । ଏହି ଅଞ୍ଚଳର ତଟକ୍ଷୟ ଓ ହେନ୍ତାବଣ ସୃଷ୍ଟିର ଆବଶ୍ୟକତାକୁ ନେଇ ସାମାଜିକ ଗଣମାଧ୍ୟମ ମୁଖର ହୋଇଛି। ଅପରପକ୍ଷରେ ଫେବୃଆରୀ ଆରମ୍ଭରୁ ମହାନଦୀରେ ଜଳସଙ୍କଟ ଦେଖା ଦେଇଛି । କେନ୍ଦ୍ରାପଡା ଜିଲାର ବିଭିନ୍ନ ନଦୀ ନାଳ ଜଳ ସ୍ରୋତ ସର୍ବନିମ୍ନସ୍ତରକୁ ଖସିଛି । ଖାଖା ନାଳ, ଯୋର, କେନାଲରେ ଏବେ ପାଣି ନାହିଁ। ଆଗାମୀ ଦିନରେ ଶେଷ ମୁଣ୍ଡରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ମଧୁର ଜଳ ସଙ୍କଟ ଦେଖାଯିବ ବୋଲି ଆଲୋଚନା ଆରମ୍ଭ କରି ଦେଇଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଭାଜପା ନେତା ଭୁବନମୋହନ ଜେନା, ଅଧ୍ୟାପକ କ୍ଷିତିଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ ବେହୁରା, ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କୁହନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର କାରଣ ହେବ । ଭିତରକନିକାର ପ୍ରାକୃତିକ ବିଭବ ବିଶ୍ୱସ୍ତରର ଆକର୍ଷଣ । ଏହି ବିଭବକୁ ରୁଦ୍ଧିମନ୍ତ ପାଇଁ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା କେନ୍ଦ୍ରାପଡା ଜିଲାରେ ପ୍ରବାହିତ ନଦୀ ମଧୁର ଜଳ ଯୋଗାଇଥାଏ । ୬୦ ପ୍ରତିଶତ ଲୁଣା ଓ ୪୦ ପ୍ରତିଶତ ମଧୁର ଜଳର ମିଶ୍ରଣ ଅଞ୍ଚଳରେ ସାଧାରଣରେ ହେନ୍ତାଳବଣ ସୃଷ୍ଟି ହୋଇଥାଏ । ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳେ। ରାଜ୍ୟରେ ୪୮୦ କି.ମି.ଲମ୍ବର ତଟାଞ୍ଚଳରେ ମୋଟ ୨୨୨ ବର୍ଗ କି.ମି. ଘଞ୍ଚ ହେନ୍ତାଳବଣ ଥିବା ବେଳେ କେନ୍ଦ୍ରାପଡା ଜିଲାର ମାତ୍ର ୪୮ କି.ମି.ତଟାଞ୍ଚଳରେ ସର୍ବାଧିକ ୧୮୩ ବର୍ଗକି.ମି. ଏହିବଣ ଅଛି। ତେବେ ଭିତରକନିକାକୁ ମଧୁର ଜଳ ଯୋଗାଉଥିବା ୩ ସିଷ୍ଟମ ଏବେ ଅକାମୀ ହେବାକୁ ଯାଉଛି । ଛତିଶଗଡ ରାଜ୍ୟରେ ବନ୍ଧ ନିର୍ମାଣ ପରେ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହିତ ଦ୍ୱନ୍ଦ୍ୱ ଦେଖାଯାଇଛି । ଜଳ ସ୍ରୋତ ମହାନଦୀରେ କମୁଛି । କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏହି ନଦୀ ଜଳକୁ ଭରସା କରାଯାଇଛି। କେନ୍ଦ୍ରାପଡା ଜିଲା ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣାଧୀନ ରହିଛି । ଏହାବ୍ୟତୀତ ମହାନଦୀ ଜଳକୁ ଶିଳ୍ପ ଓ ବହୁ ପାନୀୟ ପ୍ରକଳ୍ପ ସହିତ ଯୋଡାଯାଇଛି । ଫଳରେ ମହାନଦୀ ଓ ଏହା ସିଷ୍ଟମରେ ଥିବା ଜିଲାର ବିରୂପା, ଚିତ୍ରୋପ୍ତଳା, ଲୁଣା, କରାଣ୍ଡିଆ ଆଦି ନଦୀ ଓ କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କେନାଲରେ ଜଳାଭାବ ଦେଖାଯିବ । ଜଳ ତଳମୁଣ୍ଡରେ ଥିବା ଭିତରକନିକାକୁ ଏହାର ପାଣି ପହଞ୍ଚିବା ଆଶା ରହିବ ନାହିଁ। ସେହିପରି ଶିଳ୍ପ ଓ ବ୍ୟାରେଜ ପାଇଁ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁ ନାହିଁ । ଖରସ୍ରୋତାରୁ ପାଣି ଉଠାଇ ଭଦ୍ରକ ଜିଲାକୁ ନିଆଯାଉଛି । ଭିତରକନିକାକୁ ବର୍ଷା ଦିନ ବ୍ୟତୀତ ବ୍ରାହ୍ମଣୀ ନଦୀ ମାଧ୍ୟମରେ ଖରାଦିନେ ପାଣି ପହଞ୍ଚୁଥିଲା । ସମ୍ପ୍ରତି ବ୍ରାହ୍ମଣୀ ନଦୀ ଓ ଖରସ୍ରୋତା ନଦୀ ଜଳ ଉପରେ ଏବେ ବହୁ ପାନୀୟ ଜଳ ପ୍ରକଳ୍ପ ସହିତ ବାହାର ଜିଲାର ଶିଳ୍ପକୁ ପାଣି ଯୋଗାଯାଉଛି । ପରିସ୍ଥିତି ଏପରି ହୋଇଛି ଯେ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀନାଳକୁ ସମୁଦ୍ରର ଲୁଣି ଜଳ ମାଡିଆସିଲାଣି।

ହେନ୍ତାଳବଣର ସୁରକ୍ଷା ପାଇଁ ନଦୀର ଜଳ ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ । ଏ ନେଇ କୌଣସି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଏପରିକି ଭିତରକନିକାରେ ପହଞ୍ଚୁ ଥିବା ମଧୁର ଜଳର ପରିମାଣ ସମ୍ପର୍କରେ ଏପର୍ଯ୍ୟନ୍ତ ଅନୁଧ୍ୟାନ ବା ସର୍ଭେ ହେଉ ନ ଥିବା ଏହି ଆଦ୍ରଭୂମି ପ୍ରତି ବିପଦ ସୃଷ୍ଟି କରିଛି । ଯାହା ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ରୋକିବା ସମ୍ଭବ ନୁହେଁ। ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପରେ ଜାତୀୟ ଉଦ୍ୟାନର ଏହାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କମିଟିର ରିପୋର୍ଟ କେବେ ଆସିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୁରୁପ୍ରସାଦ



@ ନଳିନୀକାନ୍ତ



@ ତ୍ରିଲୋଚନ



@ ସୁମନ୍ତକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଣି ଏକାଠି ହେଲେ ଅରବିନ୍ଦଙ୍କ ସମର୍ଥକ

## ପାଟକୁରା ବିଧାୟକଙ୍କ ବିଜେଡି ସଦସ୍ୟ ନିଲମ୍ବନ ଘଟଣା

କେନ୍ଦ୍ରାପଡ଼ା, ୪।୨ (ଜଗନ୍ନାଥ ଧଳ):



କେନ୍ଦ୍ରାପଡ଼ାର ଏକ ହୋଟେଲରେ ଏକାଠି ହୋଇଥିବା ଅରବିନ୍ଦ ମହାପାତ୍ରଙ୍କ ସମର୍ଥକମାନେ ।

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଜାନୁଆରୀ ୧୫ରୁ ଦଳ ସଦସ୍ୟତାରୁ ନିଲମ୍ବନ କରିଛନ୍ତି। ଏହି ଘଟଣାକୁ ବିଧାୟକ ମହାପାତ୍ରଙ୍କ ସମର୍ଥକମାନେ ମାନିବାକୁ ପ୍ରସ୍ତୁତ ନାହାନ୍ତି । ଏହାର ପୁନର୍ବିଚାର କରାଯାଇ ତାଙ୍କୁ ଦଳକୁ ଫେରାଇ ଆଣିବା ପାଇଁ ଜିଦ ବଢ଼ିଚାଲିଛି । ଫଳରେ ପାଟକୁରା ବିଜେଡି ଏବେ ୨ଭାଗ ହୋଇଥିବା ପରି ଘଟଣା ଦେଖିବାକୁ ମିଳୁଛି।

ବିଧାୟକଙ୍କ ସମର୍ଥକମାନେ ପୁଣି ଥରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କେନ୍ଦ୍ରାପଡ଼ା ସହର ନିକଟ ଶ୍ୟାମସୁନ୍ଦରପୁରସ୍ଥିତ ଏକ ହୋଟେଲରେ ବନ୍ଧୁମିଳନ ବ୍ୟାନରରେ ଏକାଠି ହୋଇଛନ୍ତି। ଏଥିରେ ଦଳୀୟ ସଦସ୍ୟତା ହରାଇଥିବା ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ସମେତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫୨ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଲୋକ ପ୍ରତିନିଧି ଓ ପୂର୍ବତନ ଲୋକ ପ୍ରତିନିଧି ସାମିଲ ହୋଇଥିଲେ । ଏହି ବୈଠକରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନ ସୁଦୃଢ଼ତା ପାଇଁ ବିଧାୟକ ମହାପାତ୍ରଙ୍କ ନିଲମ୍ବନ ପ୍ରତ୍ୟାହାର ପାଇଁ ପୁନର୍ବାର ରାଜ୍ୟ ସଭାପତିଙ୍କୁ ସ୍ମାରକ ପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଏ ସମ୍ପର୍କରେ ବୈଠକରେ ସାମିଲ ହୋଇଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ଦିଲୀପ ସାହୁ, ଦଳୀୟ କର୍ମକର୍ତ୍ତା ତଥା ଲୋକ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି, ସରୋଜକାନ୍ତ ନାୟକ, ମହୀନ୍ଦ୍ର ସିଂହ, ଯୋଗାନନ୍ଦ ମହାନ୍ତି, ମନୋରଞ୍ଜନ ଉପାଧ୍ୟାୟ, ସୁଧାଂଶୁ ଶେଖର ରାୟ ପ୍ରମୁଖ କହିଛନ୍ତି, ନିର୍ବାଚନ ସମୟରେ ବିଧାୟକ ମହାପାତ୍ରଙ୍କୁ ଦଳରେ ନିଆଯାଇ ଦଳୀୟ ଟିକେଟ ଦିଆଯାଇଥିଲା। ବିଧାୟକ ମହାପାତ୍ର ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହ ତୁଲାଇ ଆସୁଛନ୍ତି । ତାଙ୍କର ପ୍ରତିନିଧିତ୍ୱ ନିର୍ବାଚନମଣ୍ଡଳୀ ପାଇଁ ଏକ ଆବଶ୍ୟକତା । ଦଳର ଭବିଷ୍ୟତ ପାଇଁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଲାଗି ପୁଣି ଥରେ ରାଜ୍ୟ ସଭାପତିଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ସେମାନେ କହିଥିଲେ। ସେହିପରି ବନ୍ଧୁମିଳନର ଆବାହକ ଗରଦପୁର ବ୍ଲକ ଅଧ୍ୟକ୍ଷ ମହାରାଜ କହିଛନ୍ତି, ବିଧାୟକ ମହାପାତ୍ରଙ୍କ ସପକ୍ଷରେ ସ୍ୱର ଉଠାଇବାରୁ ଦଳରୁ ସେ ନିଲମ୍ବନ ହୋଇଛନ୍ତି।

# ଦୁଇ ବୋଟ ସହ ଗୋଟିଏ ଟୁ-ସିଲିଣ୍ଡର ବୋଟ ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

ରାଜନଗର,୪।୨(ଭାସ୍କର ରାଉତରାୟ):

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଦଳ ଦୁଇଟି ଟାପା ବୋଟ ସହ ଗୋଟିଏ ଟୁ-ସିଲିଣ୍ଡର ବୋଟ ଜବତ କରିଛନ୍ତି । ମା' ମଙ୍ଗଳା-୩୪୭ ଟାପା ବୋଟରୁ ୩ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି । ସେଥିରୁ ଦୁଇଟି ମନୋଫିଲାମେଣ୍ଟ ଜାଲକୁ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ମୋହନ ଗିରି, ଶ୍ରୀକୃଷ୍ଣ ଜାନା ଓ ବିଜୟ ଦାସ। ଏମାନେ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ।

ସେହିପରି ଅନ୍ୟତମ ଟାପା ବୋଟ ସମ୍ପତ ସାଗର-୧ରୁ ଗୋଟିଏ ମନୋଫିଲାମେଣ୍ଟ ଓ ଗୋଟିଏ ଚିଙ୍ଗୁଡି ଧରା ଜାଲ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ଗୋପାଳ ପରମାଣିକ, ସୁଶୀଲ ବାରୋଇ ଓ ସାଗର ମଣ୍ଡଳ। ଏମାନେ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର। ଖଜା ବାବା-୧ ନାମକ ଟୁ-ସିଲିଣ୍ଡର ବୋଟରୁ ଦୁଇଟି ଚିଙ୍ଗୁଡିଧରା ଜାଲ, ଗୋଟିଏ ମୋତି ଜାଲ, ଦୁଇଟି ତୁଆଡି ଜାଲ ଜବତ କରାଯାଇଛି। ଗିରଫ ମତ୍ସ୍ୟଜିବୀମାନେ ହେଲେ ମୀର ଇତିବାର ଅଲୀ, ମୀର ଅକ୍ତର ଅଲୀ, ମୀର ନୂର ଇସଲାମ୍ ଅଲୀ, ରବୁଲ ଅଲୀ ଖାଁନ, ଏସ୍‌କେ ମଇରୁଦ୍ଦିନ । ଏହି ୫ଜଣ ମତ୍ସ୍ୟଜୀବୀ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର । ଗିରଫ ୧୧ଜଣଙ୍କୁ କେନ୍ଦ୍ରାପଡା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



ଜବତ ବୋଟ, ଗିରଫ ମତ୍ସ୍ୟଜୀବୀ ।

## ଆଇଆଇସି ଏସିଏଫ୍‌ଙ୍କ ଉପରେ ବର୍ଷିବା ଘଟଣା

# ଡିଜିପିଙ୍କୁ ଚିଠି ଲେଖିଲେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ

- ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ରାଜନଗର,୪।୨(ଭାସ୍କର ରାଉତରାୟ):

କେନ୍ଦ୍ରପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ୍‌ଙ୍କ ଉପରେ ବର୍ଷିବା ଘଟଣା ଉଗ୍ର ରୂପ ଧାରଣ କଲାଣି। ଫରେଷ୍ଟ ଗାର୍ଡଙ୍କଠାରୁ ଓଡ଼ିଶା ବନସେବା ସଂଘ ଯାଏ ସମସ୍ତେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଛନ୍ତି। ମଙ୍ଗଳବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ, କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜି, କଟକଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଥିଲେ।

ବୁଧବାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରିବା ସହ ନିରପେକ୍ଷ ତଦନ୍ତ ଦାବିକରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଛନ୍ତି । ବିଭାଗୀୟ ସଚିବଙ୍କଠାରୁ ଆରମ୍ଭ କରି ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଯାଏ ଘଟଣାକୁ ଗୁରୁତର ସହ ନେଇଥିବାରୁ ଆଇଆଇସିଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି ।

ସୂଚନାଯୋଗ୍ୟ, ଜାନୁୟାରୀ ୨୧ ତାରିଖ ଦିନ ରାଜନଗର ବନବିଭାଗ ପକ୍ଷରୁ ପାଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଷଣ୍ଢପଲ୍ଲି କେନାଲ ରୋଡରୁ ବଜ୍ରକାପ୍ତା କାଟି ଚୋରା କାରବାରେ କରୁଥିବା ଆନ୍ତରଜ୍ୟ ୩ ଜଣ ବେପାରୀଙ୍କୁ ଧରିଥିଲା। ୩ ଅଭିଯୁକ୍ତଙ୍କୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଏସିଏଫ୍ ଗଗନ କୁମାର ମଲ୍ଲିକ ପଚରାଉଚରା କରୁଥିଲେ। ହଠାତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପହଞ୍ଚି ଅଭିଯୁକ୍ତଙ୍କୁ କାହିଁକି ମୋତେ ନ ଜଣାଇ ମୋ ଥାନା ଅଞ୍ଚଳରୁ ଉଠାଇ ଆଣିଲ କହି ବର୍ଷିଥିଲେ। ଏପରିକି ମିଛ ମାମଲାରେ ଛନ୍ଦି ଦେବାକୁ ଏସିଏଫ୍‌ଙ୍କୁ ଧମକ ଦେଇଥିଲେ।

# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୪।୨(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡା ସରକାରୀ ହାଇସ୍କୁଲରେ ସଂସ୍କୃତି ଓ ପାରମ୍ପରିକ ଜ୍ଞାନକୌଶଳକୁ ପରିପୁଷ୍ଟ କରିବା ପାଇଁ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସ୍ଥାନୀୟ ଆଦ୍ରଭୂମି ସଂରକ୍ଷଣ, ଏହାର ଉପକାରିତା ଓ ଜୈବ ବିବିଧତା ଉପରେ ଆଲୋକପାତ କରିଥିଲେ । ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ଛାତ୍ରୀଛାତ୍ର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶପଥ ପାଠ କରିବା ସହିତ ଏକ ସଚେତନତା ଶୋଭାଯାତ୍ରା ଓ ଗ୍ରାମ ପୋଖରୀ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଉପଲକ୍ଷେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଜବତ ଧାନ ନିଲାମ ବିରୋଧରେ ହାଇକୋର୍ଟଙ୍କ ରୋକ

## ଜଙ୍ଗଲ କିସମ ଜମି ଧାନ ଫସଲ ଜବତ ଘଟଣା

ମହାକାଳପଡ଼ା, ୪।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ):



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ମୌଜା ୨୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିରେ ସ୍ଥାନୀୟ ଅଞ୍ଚଳର ୨୦ରୁ ଅଧିକ ଚାଷୀ ଭାଗ କରି ପରିବାର ପୋଷଣ କରୁଥିଲେ। ଏହି ଜଙ୍ଗଲ କିସମ ଜମିକୁ ବହୁ ବର୍ଷ ଧରି ହାବୁ ନନ୍ଦ ଦଖଲ କରି ସ୍ଥାନୀୟ ଚାଷୀଙ୍କୁ ଭାଗ ଦେଉଥିଲେ। ପରେ ଏହି ଜମିକୁ ହାବୁ ସ୍ଥାନୀୟ ଅଞ୍ଚଳର ଶିଶିର ରାଉତଙ୍କୁ ହସ୍ତାନ୍ତର କରିଥିଲେ। ହେଲେ ଶିଶିର ଭାଗ ଚାଷୀଙ୍କୁ ଚଳିତ ବର୍ଷ ଧାନ ଦେବା ପାଇଁ କହିଥିଲେ। ହାବୁଙ୍କଠାରୁ ଆମେ ଜମି ଚାଷ କରିବା ପାଇଁ ନେଇଛୁ। ତେବେ ହାବୁ ଜମି ପାଖକୁ ଆସି ତୁମକୁ ଧାନ ଫସଲ ଦେବୁ ବୋଲି କହିଥିଲେ। ହେଲେ ହାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନ ଥିବାରୁ କୋଲକାତାରେ ଚିକିତ୍ସିତ ହେଉଛନ୍ତି।

ଏହି ଘଟଣକୁ ନେଇ ୨୦୨୫ ଡିସେମ୍ବର ୧୯।୨୦ ଓ ୨୧ ତାରିଖରେ ଚାଷୀ ଧାନ କାଟୁଥିବା ବେଳେ ଶିଶିର କେନ୍ଦ୍ରାପଡ଼ା ଉପ ଜିଲାପାଳଙ୍କ ସତନ୍ତ୍ର ନିର୍ଦ୍ଦେଶନାମା ମହାକାଳପଡ଼ା ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ, ଏକ ପ୍ଲାଟୁନ ଫୋର୍ସ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ୨ ଶହ ଧାନ ବସ୍ତା ଜବତ କରି ତହସିଲ ଅଫିସ ଗୋଦାମ ଗୃହରେ ଗଚ୍ଛିତ ରଖିଥିଲେ। ପରେ ତହସିଲ ଅଫିସ ପକ୍ଷରୁ ଉକ୍ତ ଜବତ ଧାନର ନିଲାମ ପ୍ରକ୍ରିୟା ଆରମ୍ଭ କରିଥିଲେ। ବୁଧବାର ପୂର୍ବାହ୍ନ ୧୧ ଟାରେ ନିଲାମ ପ୍ରକ୍ରିୟା ଧାର୍ଯ୍ୟ ହୋଇଥିଲା। ତେବେ ଏହି ନିଲାମ ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ପେଟଛେଲା ମୌଜାର ଅଦ୍ୱୈତ୍ୟ ମଣ୍ଡଳଙ୍କ ସମେତ ଅନ୍ୟାନ୍ୟ ୨୦ ଜଣ ଭାଗ ଚାଷୀ ଓଡ଼ିଶା ହାଇକୋର୍ଟରେ ରିଟ ପିଟିଶନ ପଞ୍ଜୀକୃତ ନମ୍ବର ୩୬୯୩/୨୦୨୬ ଦାଖଲ କରି ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଉକ୍ତ ରିଟ୍ ପିଟିଶନକୁ ଗ୍ରହଣ କରି ନିଲାମରେ ରୋକ୍ ଲଗାଇବା ସହ ଚଳିତ ମାସ ୨୫ ତାରିଖରେ ପରବର୍ତ୍ତୀ ଶୁଣାଣି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟ କେନ୍ଦ୍ରାପଡ଼ା ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ, ତହସିଲଦାର ମହାକାଳପଡ଼ା ଓ ଶିଶିର ରାଉତଙ୍କୁ ସତନ୍ତ୍ର ନୋଟିସ ଜାରି କରିଛନ୍ତି ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରୁ ଜବତ ଧାନ ଫସଲ ନିଲାମ ପ୍ରକ୍ରିୟା ନୋଟିସ ବୁଧବାର କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ସତନ୍ତ୍ର ନିର୍ଦ୍ଦେଶନାମା ପହଞ୍ଚିଲା ପରେ ନିଲାମ ପ୍ରକ୍ରିୟା ବନ୍ଦ କରାଯାଇଛି ବୋଲି କହିଛନ୍ତି।

# ଉପଭୋକ୍ତାଙ୍କ ଅଧିକାର ସଙ୍କୁଚିତ କରିବାକୁ ଯୋଜନା

## ଯାଜପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା କମିଟିର ଗଣସମ୍ମିଳନୀ

ଯାଜପୁରରୋଡ୍,୪।୨ (ପବିତ୍ର ରଞ୍ଜନ ମହାନ୍ତି):




ଗଣସମ୍ମିଳନୀରେ ଯୋଗଦେଇଥିବା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର କର୍ମକର୍ତ୍ତା ଓ ଅନ୍ୟମାନେ ।

ବ୍ୟାସନଗର ସ୍ଥିତ ହୋଟେଲ ରୟାଲ କଳିଙ୍ଗଠାରେ ଯାଜପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା କମିଟି ପକ୍ଷରୁ ଏକ ଗଣସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଟାଟା ପାୱାରର ହେଉଥିବା ଜୁଲମ ଓ ସ୍ମାର୍ଟ ମିଟର ସଂଯୋଗକୁ ବିରୋଧକରି କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ଗଣସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସଭାପତି ପଞ୍ଚାନନ କାନୁନ୍‌ଗୋ, ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ଅନ୍ୟତମ ଉପଦେଷ୍ଟା ଶ୍ରମିକନେତା କିଶୋର ଜେନା ଯୋଗଦେଇ ଏ ସରକାର ସମସ୍ତ କ୍ଷେତ୍ରରେ ନିଜର ବିଫଳତା ପରେ ଶେଷରେ ବିଦ୍ୟୁତ୍ ଓ ପାଣିକୁ ଘରୋଇକରଣ କରି ସମ୍ବିଧାନରେ ଥିବା ୨୧ଧାରାକୁ ଉଲ୍ଲଂଘନ କରିବା ସହିତ ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅଧିକାରକୁ ସଂକୁଚିତ କରିବାକୁ ଯୋଜନା କରିଛନ୍ତି ବୋଲି କହିଥିଲେ। ପ୍ରତ୍ୟେକ ଡିଭିଜନରେ ସଂଗ୍ରାମ କମିଟି ଗଠନ କରି ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ସହିତ ଟିପିଏନ୍‌ଓଡିଏଲ ଅଧିକାରୀ ଗାଁରେ ପଶି ଜୁଲମ କଲେ ତୀବ୍ର ପ୍ରତିବାଦ କରିବାକୁ ମତ ରଖିଥିଲେ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କାହିଁକି ୩୦ ହଜାର କୋଟି ଟଙ୍କା ଟାଟା ପାୱାରକୁ ଦେଇଛନ୍ତି ତା'ର ଉତ୍ତର ଦେବା ସହ ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଶୁଳ୍କ ବୃଦ୍ଧି ନ କରି ୧ କୋଟି ୧୦ ଲକ୍ଷ ଉପଭୋକ୍ତାଙ୍କଠାରୁ ଠକି ନେଇଥିବା ଅର୍ଥ ଫେରସ୍ତ କରିବାକୁ ରାଜ୍ୟ କମିଟି ଦାବି କରିଥିଲା। ଯେଉଁମାନେ ସ୍ମାର୍ଟ ମିଟର ଲଗାଇବାକୁ ଯାଉଛନ୍ତି ସେମାନଙ୍କୁ ବିରୋଧକରିବା ସହିତ ଏହା ବିଦ୍ୟୁତ୍ ନିୟାମକ ଆୟୋଗ ନିୟମରେ ନାହିଁ ବୋଲି କହିବାକୁ ରାଜ୍ୟ ଉପଭୋକ୍ତା ମହାସଂଘ ଆହ୍ୱାନ ଦେଇଥିଲା। ସମ୍ମିଳନୀରେ କମିଟି ସମ୍ପାଦକ ଅଭିମନ୍ୟୁ ମିଶ୍ର, ମନୋରଞ୍ଜନ ନାୟକ, ବରିଷ୍ଠ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ମଧୁସୂଦନ ଜେନା, ନିରଞ୍ଜନ ପରିଡ଼ା, ବିଜୟ ବୋଇତାଇ, ଆସିତାନନ୍ଦ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ତାରିଣୀ ପଟ୍ଟନାୟକ, ମଦନ ଜେନା, ପ୍ରଶାନ୍ତ ସାହୁ, ପ୍ରଫେସର ଦୁଷ୍ମନ୍ତ ନାୟକ, ଭୁବନମୋହନ ମହାନ୍ତି, ବ୍ରଜକିଶୋର ପଟ୍ଟନାୟକ, ଆଇନଜୀ ବ୍ରଜକିଶୋର ପତି, ରବିନାରାୟଣ ନାୟକ, ଶରତ ଜେନା, ସେକ ଆତାରୁଦ୍ଦିନ ଅହମଦ ଓ ବିଦ୍ୟାଧର ଯେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଜିଲା ଓ ରାଜ୍ୟ କମିଟି ଆହ୍ୱାନରେ ଯାଜପୁରରୋଡସ୍ଥିତ ଟାଟା ପାୱାର ସର୍କଲ ଅଫିସ ଘେରାଉ କରିବାକୁ ପ୍ରସ୍ତାବ ଦେଇଥିଲେ। ବ୍ରଜେଶ୍ୱରୀ ସିଂ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କୁ ଭେଟିଲେ ବୃଦ୍ଧାବୃଦ୍ଧ

## ୪ମାସର ଭତ୍ତା ପାଇ ନ ଥିବାରୁ ଫେରାଦ

- ଖାଇବାକୁ, ଔଷଧ କିଣିବାକୁ ନାହିଁ ଅର୍ଥ
- ପ୍ରତିଶ୍ରୁତି ପରେ ହଟିଲା ବିକ୍ଷୋଭ

ନୟାଗଡ଼,୪।୨(ଲୋକନାଥ ମିଶ୍ର)

୪ମାସ ଧରି ଭତ୍ତା ନ ପାଇବାରୁ ନୟାଗଡ଼ ବ୍ଲକ ବାଲୁଗାଁ ଓ ଲାଠିପଡା ଗ୍ରାମର ବୃଦ୍ଧାବୃଦ୍ଧ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଖବରପାଇ ଜିଲାପାଳ ମଧୁମିତା ରଥ ବିକ୍ଷୋଭକାରୀଙ୍କ ପାଖରେ ପହଞ୍ଚି ବୃଦ୍ଧାବୃଦ୍ଧଙ୍କ ଅଭିଯୋଗ ଶୁଣିଥିଲେ। ଖାଇବାରେ ସମସ୍ୟା ଓ ଔଷଧ କିଣିବାରେ ସମସ୍ୟା ପରି ଦୁଃଖ ଶୁଣି ଯୁଦ୍ଧକାଳୀନ ଭିତିରେ ଫେବୃଆରୀ ଭିତରେ ୪ମାସର ଭତ୍ତା ଯୋଗାଇ ଦେବେବୋଲି ପ୍ରତିଶୃତି ଦେବାପରେ ପ୍ରାୟ ଅଧ ଘଣ୍ଟାଏ ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ବାଲୁଗାଁର ଦାଶରଥି ଜେନା ଓ ବସନ୍ତ ମିଶ୍ର କୁହନ୍ତି, ବୟସ ହୋଇଗଲେ ବୃଦ୍ଧା ବୃଦ୍ଧ ଘରେ ଆଲୋଡା ହୋଇ ପଡନ୍ତି। ଆମମାନଙ୍କର ଖର୍ଚ୍ଚ ଉଠାଇବାକୁ ପୁଅ ବୋହୂ କୁନ୍ଥକୁନ୍ଥ ହୁଅନ୍ତି। କିଛି ପୁଅ ବୋହୂ ଲୋକ ଦେଖାଣିଆ ପଚାରନ୍ତି ଆଉ ଅନେକ ପଚାରନ୍ତି ନାହିଁ। ଏଭଳି ସମୟରେ ସରକାର ବୃଦ୍ଧାବୃଦ୍ଧଙ୍କ ପାଇଁ ପେନସନ ଚଳିବା ପାଇଁ ସୁବିଧା ହୋଇଥାଏ। ତେବେ ଗତ ନଭେମ୍ବରରୁ-ଫେବୃଆରୀ ପର୍ଯ୍ୟନ୍ତ ଭତ୍ତା ଆମ୍ଭକୁ ମଳି ନାହିଁ। ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡି ଥିଲେ ମଧ୍ୟ ସୁଫଳ ପାଇଲୁ ନାହିଁ। ବ୍ୟାଙ୍କର ଆଇଏଫଏସ୍‌ସି କୋର୍ଡ ବଦଳି ଥିବାରୁ ଏପରି ସମସ୍ୟା ହୋଇଥିବା କୁହାଯାଉଛି। ତେବେ କଣ ୪ ମାସ ଧରି ସମସ୍ୟା ସମାଧାନ ହେଉ ନାହିଁ। ବ୍ଲକରେ କାଗଜାତ ଠିକ୍‌ରେ ହେଉ ନ ଥିବାରୁ ଭତ୍ତା ମିଳୁ ନ ଥିବା ଶୁଣିବାକୁ ପାଇଲୁ ନାହିଁ। ୪ମାସ ଅପେକ୍ଷା ପରେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ବାଧ ହୋଇ ଆସି ବିକ୍ଷୋଭ କରିଥିଲୁ। ହେଲେ ଆମ ବିକ୍ଷୋଭ ଖବର ଶୁଣି ଜିଲାପାଳ ଆପେ ଆପେ ଆସି ଆମ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହାର କରି ନେଲୁ।

ଲାଠିପଡାର ବିକ୍ରମ ସାହୁ କୁହନ୍ତି, ଆମ ଗାଁର ୨୦ରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧ ୪ମାସର ଭତ୍ତା ପାଇ ନ ଥିବାରୁ ନୟାଗଡ଼ ବିଡିଓଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିଲୁ। ହେଲେ ବହୁ ସମୟ ଧରି ଅପେକ୍ଷା ପରେ ବିଡିଓଙ୍କ ଦେଖାପାଇଲୁ ନାହିଁ। ଏଣୁ ଜିଲାପାଳଙ୍କୁ ଭେଟିବାକୁ ଆସି ଅଭିଯୋଗ କରି ଆଶ୍ୱସନା ପାଇ ଫେରିଛୁ ବୋଲି କହିଛନ୍ତି। ବାଲୁଗାଁର ଅନ୍ନପୂର୍ଣ୍ଣା ଜେନା କୁହନ୍ତି, ସରକାରଙ୍କର ଭତ୍ତା ଆମକୁ ଜୀବନ ଜୀବିକା ଦେଇଛି। ୪ମାସ ହେଲା ଭତା ନ ପାଇବାରୁ ଅଭିଶପ୍ତ ଜୀବନଯାପନ କରିଲୁଣି। ଆମ ପରି ଲୋକ ବିଡିଓ, ଜିଲାପାଳଙ୍କୁ ଆସି ଅଭିଯୋଗ କରିବାକୁ ଓ ଜିଲାପାଳ ଅଫିସରେ ଆସି ବିକ୍ଷୋଭ କରିବାକୁ ବୟସ ନାହିଁ। ତଥାପି ୪ମାସ ହେଲା ଭତ୍ତା ମିଳି ନ ଥିବାରୁ ବାଧ ହୋଇ ଅଭିଯୋଗ କରି ଆଶ୍ୱସନା ପାଇ ଫେରୁଛୁ। ଫେବୃଆରୀରେ ୪ମାସର ଭତ୍ତା ଅର୍ଥ ନ ମିଳିଲେ ପୁଣି ଜିଲାପାଳଙ୍କ ଅଫିସକୁ ଆସି ଦୁଃଖ ଜଣାଇବୁ ବୋଲି କହିଛୁ ବୋଲି କହିଛନ୍ତି।

ବାଲୁଗାଁ ସରପଞ୍ଚ ମନୋଜ ନାୟକ କୁହନ୍ତି, ବ୍ୟାଙ୍କର ଆଇଏଫଏସ୍‌ସି କୋର୍ଡ ବଦଳିଲେ ଦିନେ ଦୁଇ ଦିନ ଭିତରେ ଏଭଳି ସମସ୍ୟାର ସମାଧାନ ହୋଇଯିବ। ତେବେ ୪ମାସ ହେଲା କ'ଣ ଆଇଏଫଏସ୍‌ସି କୋର୍ଡ ସମସ୍ୟାର ସମାଧାନ ହୋଇ ପାରୁନି। ନୟାଗଡ଼ ବ୍ଲକ ସାମାଜିକ ଶିକ୍ଷା ସଙ୍ଗଠନ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ମୋ ପଞ୍ଚାୟତର ୪ ଶହରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ୪ମାସ ହେଲା ଭତ୍ତା ପାଇ ନାହାନ୍ତି। ଏଭଳି ସମସ୍ୟା ବ୍ଲକର ଅନ୍ୟ କୌଣସି ପଞ୍ଚାୟତରେ ଦେଖାଯାଇନି। କେବଳ ଲାଠିପଡାରେ ୧୦ରୁ ୧୫ ହିତାଧିକାରୀ ଭତ୍ତା ପାଇ ନ ଥିବା ଜଣାପଡିଛି। ସମ୍ପୃକ୍ତ ଘଟଣାର ତଦନ୍ତ ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଜିଲାପାଳ ମଧୁମିତା ରଥ କୁହନ୍ତି, ବୃଦ୍ଧାବୃଦ୍ଧଙ୍କ ୪ମାସର ଭତ୍ତା ଟଙ୍କା ଫେବୃଆରୀ ଭିତରେ ଯେପରି ପାଇବେ ସେନେଇ ପଦକ୍ଷେପ ନେବି। ବ୍ଲକର ବିଡିଓଙ୍କୁ ଡାକି ଏହାର ତୁରନ୍ତ ସମାଧାନ କରାଯିବ। ଭତ୍ତା ଦେବାରେ ଜାଣିଶୁଣି ହଇରାଣ କରାଯାଇଥିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବବୋଲି କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧା ବୃଦ୍ଧ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗୁରୁପ୍ରସାଦ


@ ନଳିନୀକାନ୍ତ


@ ତ୍ରିଲୋଚନ


@ ସୁମନ୍ତକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଧୁବାବୁଙ୍କ ଶ୍ରାଦ୍ଧ ଦିବସ

ନୟାଗଡ଼,୪।୨(ଲୋକନାଥ ମିଶ୍ର)

ନୟାଗଡ଼ର ଏକ ହୋଟେଲରେ ପୂଜ୍ୟପୂଜା କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ମଧୁ ବାବୁ କିଭଳି ଓଡିଆ ଜାତି ପାଇଁ ସମର୍ପିତ ଥିଲେ ସେ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମଧୁ ବାବୁଙ୍କ ରଚିତ ଓଡ଼ିଆ ସ୍ୱାର୍ଥ ସୁରକ୍ଷା ସମ୍ପର୍କିତ ପଦାବଳି ଗାନ କରାଯାଇଥିଲା। ପୂଜ୍ୟପୂଜା କମିଟିର ବରିଷ୍ଠ ସଦସ୍ୟ ଗୋଦାବରୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଖବରଦାତା ରାମକୃଷ୍ଣ ରଥ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବିପିନ କୁମାର ସାହୁ, ବସନ୍ତ କୁମାର ରାଉତ, ରଘୁନାଥ ବିଶୋଇ, ଗୋପବନ୍ଧୁ ଲେଙ୍କା ଓ ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଅମ୍ଳାନ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ମଧୁବାବୁଙ୍କ ଫଟୋ ନିକଟରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣରେ ହେରଫେର ଅଭିଯୋଗ


ଡିଇଓଙ୍କୁ ଫେରାଦ ହେବାକୁ ଆସିଥିବା ଶିକ୍ଷକ ସଂଘ କର୍ମକର୍ତ୍ତା।

## ଶିକ୍ଷକ ସଂଘର ଡିଇଓଙ୍କୁ ଫେରାଦ

ନୟାଗଡ଼, ୪।୨(ଲୋକନାଥ ମିଶ୍ର)

ଆସନ୍ତା ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟ ବଦଳି ସିଲାବସ୍ ଅନୁସାରେ ନୂତନ ପାଠ୍ୟପୁସ୍ତକ ପ୍ରକାଶିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ଶିକ୍ଷକମାନେ ପର୍ଯ୍ୟାୟ କ୍ରମେ ୫ ଦିନିଆ ଓସିଏଫ ପ୍ରଶିକ୍ଷଣ ନେଉଛନ୍ତି। ତେବେ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ଅର୍ଥ ରାଶିକୁ ଶିକ୍ଷା ବିଭାଗର କେତେକ କର୍ମଚାରୀ ହଡ଼ପ କରୁଥିବା ଜିଲାର ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟରେ ଫେରାଦ ହୋଇଛନ୍ତି। ଶିକ୍ଷକ ସଂଗଠନ ପକ୍ଷରୁ ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର, ବିପିନ ଦାସ,ପୀତବାସ ପ୍ରଧାନ, ଉମେଶ ସ୍ୱାଇଁ,ରବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିବା ବେଳେ ଶିକ୍ଷାଧିକାରୀ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି।

ଅଭିଯୋଗ ଅନୁସାରର ଓସେପା ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମଧ୍ୟାହ୍ନ ଭୋଜନ ପାଇଁ ୧ ଶହ ଟଙ୍କା, ଚାହା ବିସ୍କୁଟ ପାଇଁ ୨୦ଟଙ୍କା, ଖାତା କଲମ ପାଇଁ ୩୦ ଟଙ୍କା, କଣ୍ଟିଜେନ୍ସି ପାଇଁ ୨୦ ଟଙ୍କା,ଟିଏଲଏମ ପାଇଁ ୩୦ ଟଙ୍କା, ପ୍ରଶିକ୍ଷକମାନଙ୍କ ପାଇଁ ଦୈନିକ ୩ ଶହ ଟଙ୍କା ଏବଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଦିନକୁ ୭୦ ଟଙ୍କା ହିସାବରେ ଅନୁଦାନ ବ୍ୟବସ୍ଥା ରହିଛି। ତେବେ ଜିଲାର ଅନ୍ୟାନ୍ୟ ବ୍ଲକ ସମେତ ନୟାଗଡ଼ ବ୍ଲକରେ ଏହି ଅର୍ଥକୁ ବାଟମାରଣା କରାଯାଉଛି। ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ଶିକ୍ଷକମାନଙ୍କୁ ନ ଦେଇ ବ୍ଲକ ଶିକ୍ଷା ବିଭାଗର କେତେକ ଅଧିକାରୀ ସ୍ଥାନୀୟ ହୋଟେଲ ସହିତ ଯୋଗାଯୋଗ କରି ୫୦ ରୁ ୬୦ ଟଙ୍କାରେ ଅତିନିମ୍ନମାନର ଖାଦ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ଶିକ୍ଷକମାନଙ୍କୁ ଦେଉଛନ୍ତି। ସେହିପରି ଚା' ବିସ୍କୁଟ ଦିନକୁ ଦୁଇଥର ଦେବାର ବ୍ୟବସ୍ଥା ଥିବାବେଳେ ମାତ୍ର ଥରୁଟିଏ ଅତି ନିମ୍ନମାନର ଚା' ଏବଂ ୫ ଟଙ୍କିଆ ବିସ୍କୁଟ ଦିଆଯାଉଛି। ସେହିପରି ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଟିଏଲଏମ ଏବଂ କଣ୍ଟିଜେନ୍ସି ବାବଦ ଅର୍ଥକୁ ସମ୍ପୂର୍ଣ୍ଣ ହଡ଼ପ କରାଯାଉଛି ବୋଲି ଅଭିଯୋଗରେ ରହିଛି।

# ଜଳିଗଲା କୋଳଥ, ଧାନଗଦା

ଦଶପଲ୍ଲା, ୪।୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ପଞ୍ଚାୟତ କୁଟିରୀ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ଅଜୟ କହଁରଙ୍କ ବହୁ ଜିନିଷ କ୍ଷୟକ୍ଷତି ହୋଇଛି। ଖଳା ବାରିରେ ଅମଳ ହେବାକୁ ଥିବା ୩ ଏକର ଚାଷଜମିର ଧାନ ଏବଂ କୋଳଥ ପୋଡ଼ି ଯାଇଥିବା ଜଣାଯାଇଛି। ଅଗ୍ନିକାଣ୍ଡରେ ୨ ଟି ଗୋରୁ ପୋଡ଼ି ଆହତ ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଦଶପଲ୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମୋ ବସ୍‌ରେ ଭଡା ବୃଦ୍ଧି, ଯାତ୍ରୀଙ୍କ ଅସନ୍ତୋଷ

ନୟାଗଡ,୪।୨(ଲୋକନାଥ ମିଶ୍ର)

ମୋ ବସ୍‌ରେ ବୁଧବାରଠାରୁ ଭଡାବୃଦ୍ଧି ପରେ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନୂତନ ଭଡା ଲାଗୁ ପରେ ଅଣ ଏସି କିଲୋମିଟର ଭଡା ୮୮ ପଇସା, ଏସି କିଲୋମିଟର ୧.୫୫ ପଇସା ଲାଗୁ ହୋଇଛି। ତେବେ ନନ ଏସିରେ ସର୍ବନିମ୍ନ ଭଡା ୫ଟଙ୍କା ଓ ଏସିର ସର୍ବନିମ୍ନ ଭଡା ୧୩ ଟଙ୍କା ରହିଛି। ତେବେ ଛାତ୍ରମାନଙ୍କ ପାଇଁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବ ପରି ମାଗଣା ରହିଛି । ମହିଳା, କଲେଜ ଛାତ୍ର, ଟ୍ରାନ୍ସଜେଣ୍ଡର, ସ୍ୱତନ୍ତ୍ର ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କ ପାଇଁ ମୂଳ ଭଡାରେ ୫୦ ପ୍ରତିଶତ ରିହାତି ରହିଛି ।

# କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୪।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ମୁଖ୍ୟ ବକ୍ତା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ଼. ଗୋବିନ୍ଦ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି କୁମ୍ଭାରପଡା ସମିତି ସଭ୍ୟ ନରେନ୍ଦ୍ରନାଥ ଦାଶ, ଆଲୁମିନି କମିଟି ସଭାପତି ଅଖିଳ କୁମାର ପଣ୍ଡା, ସମ୍ପାଦକ ଅଜୟ କୁମାର ସେଠୀ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କୋସ୍କାର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିପିନ ବିହାରୀ ପଣ୍ଡା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଅରକ୍ଷିତ ଦାଶ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅର୍ଜୁନ କୁମାର ସାହୁ ପ୍ରମୁଖ ଯୋଗଦେଇ ପୂର୍ବ ଆୟୋଜିତ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ କୁମାର ନାୟକ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର

ନୂଆଗାଁ,୪।୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା, ଝଡ ତୋଫାନ, ଅଂଶୁଘାତ ଓ ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ସମସ୍ତଙ୍କର କର୍ତ୍ତବ୍ୟ।

ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗର ଆବଶ୍ୟକତା ରହିଛି। ତେଣୁ ଏହି ସମୟରେ ନିଜକୁ କିଭଳି ପ୍ରସ୍ତୁତ ରଖିବାକୁ ପଡିବ ଏବଂ କାହାର କେଉଁ କାର୍ଯ୍ୟ ରହିଛି ସେ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବାତ୍ୟା ସମୟରେ ବିଶେଷକରି ଚାଳ ଛପର ଘରେ ରହୁଥିବା ପରିବାର, ଗର୍ଭବତୀ, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧଙ୍କ ସହ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେଣୁ ଏଥିପାଇଁ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ ଗୁରୁତ୍ୱ ଦାୟିତ୍ୱ ରହିଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସଜାଗ ରହିବା ଲାଗି ସମସ୍ତ ତଥ୍ୟ ଯଥା ଗର୍ଭବତୀ, ଭିନ୍ନକ୍ଷମ ବ୍ୟକ୍ତି, ବୃଦ୍ଧାବୃଦ୍ଧ ତାଲିକା ପ୍ରସ୍ତୁତ ସହିତ ନିରାପଦ ସ୍ଥାନ, ପ୍ରାକୃତିକ ବିପର୍ଯ୍ୟୟ ଥିବା ସମ୍ଭାବ୍ୟ ସ୍ଥାନର ତାଲିକା ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିରେ ଡେପୁଟି କଲେକ୍ଟର ତଥା ଜିଲା ଜରୁରୀକାଳୀନ ଅଫିସର ତପତି ରାଜ, ଡିପିଓ ଅଶୋକ କୁମାର ରଥ, ବିଡିଓ ଅମୃତ କୁମାର ରାଉଳ, ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସିଡିପିଓ ଶୁଭ୍ରକେଶୀ ମଲିକ, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା, ସମାଜ ମଙ୍ଗଳ ଅଧିକାରୀ ଯଜ୍ଞେଶ୍ୱର ନାୟକ, ନୂଆଗାଁ ଅଗ୍ନିଶମ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ, ବ୍ଲକ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି, ଏବିଡିଓ ମୀନକେତନ ବେହେରା ଓ ହାମସ ସମ୍ପାଦକ ବିଜୟ କୁମାର ମହାପାତ୍ରଙ୍କ ସମେତ ପିଇଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନୂଆଗାଁ ଜିପିଡିଓ ମନୋରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମଚାରୀମାନେ।

## ସହ ନିର୍ଦ୍ଦେଶନାରୁ ଅଭିନୟ

ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। କିନ୍ତୁ ତାଙ୍କ ଭିତରେ ଲୁଚି ରହିଥିବା ଏକ ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ ପ୍ରଯୋଜକ କରନ୍ ଜୋହର। ତାଙ୍କ ଦ୍ୱାରା ପ୍ରଯୋଜିତ 'ମାଇଁ ନେମ୍ ଇଜ୍ ଖାନ୍'ର ସହ-ନିର୍ଦ୍ଦେଶକ ଭାବରେ ସେ କାହାକୁ ନେଇଥିଲେ ଜାଣନ୍ତି ? ସିଦ୍ଧାର୍ଥଙ୍କୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ନିଜ ଦାୟିତ୍ୱକୁ ବେଶ୍



ସିଦ୍ଧାର୍ଥ ମାଲହୋତ୍ରା

ସୁଚାରୁ ରୂପେ ତୁଲାଇଥିଲେ ସେ। କରନ୍ ତାଙ୍କର ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ସିଦ୍ଧାର୍ଥଙ୍କୁ ନାୟକ ଭାବରେ ବ୍ରେକ୍ ଦେଇଥିଲେ। ଏଥିରେ ନାୟିକା ଭାବରେ ପ୍ରଥମ ଥର ପାଇଁ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିଥିଲା। ତା'ସହ ଆଉ ଜଣେ ନବାଗତ ବରୁଣ ଧାୱନଙ୍କର ମଧ୍ୟ ଏହା ଥିଲା ପ୍ରଥମ ସିନେମା। ଏ ବିଷୟରେ ସିଦ୍ଧାର୍ଥ କହନ୍ତି, ''କରନ୍ ସାର୍‌ଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ସହ ମୁଁ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲି। ତା'ପରେ ସେ ଯେ ଦିନେ ମୋତେ ବଡ ପରଦାରେ ନାୟକ ଭାବରେ ବ୍ରେକ୍ ଦେବେ ତାହା ମୁଁ କେବେ ଚିନ୍ତା କରି ନ ଥିଲି। ତାଙ୍କର ଆଶୀର୍ବାଦରୁ ଆଜି ମୁଁ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛି।'' ଅନ୍ୟପକ୍ଷରେ ତାଙ୍କ ଅଭିନୀତ 'ଭାନ୍ : ଫୋର୍ସ ଅଫ ଦ ଫରେଷ୍ଟ'ର ଶୁଟିଂ ଚାଲୁ ରହିଛି।

## ମାତ୍ର ଆଠ ମାସରେ...

କିଆରା ଆଡଭାନୀ ଯେତେବେଳେ ପ୍ରଥମ ଥର ପାଇଁ କ୍ୟାମେରା ସାମନା କରିଥିଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ଆଠ ମାସ। ହେଲେ ଏତେ କମ୍ ବୟସରେ ସେ କ'ଣ ଅଭିନୟ କରିବା ଆରମ୍ଭ କରିଥିଲେ ? ନା। ସେତେବେଳେ ଟିଭି ପାଇଁ ପ୍ରସ୍ତୁତ ଏକ ବେବି କ୍ରିମ ବିଜ୍ଞାପନରେ ତାଙ୍କର ମା'ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ବଲିଉଡ୍ ସହ କିଆରାଙ୍କ ପରିବାର ସମ୍ପର୍କ ଥିଲା। ସେ ଥିଲେ ବିଶିଷ୍ଟ ଅଭିନେତା ଅଶୋକ କୁମାରଙ୍କର ଅଣ ନାତୁଣୀ। ତାଙ୍କର ସମ୍ପର୍କୀୟ ମାମୁ ଥିଲେ ସୟିଦ ଜାଫ୍ରି। ଖାସ୍ କଥା ହେଲା କିଆରାଙ୍କ ମା' ଜେନିଭିଭି ଆଡଭାନୀ ସଲମାନ୍ ଖାନ୍‌ଙ୍କ ସହ ଏକାଠି ବଢ଼ିଥିଲେ। ଏପରି କି କିଆରାଙ୍କୁ ଅଭିନୟରେ ଏଣ୍ଟ୍ରି କରାଇବାକୁ ସଲମାନ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗଲି' (୨୦୧୪)। କିନ୍ତୁ 'ଏମ.ଏସ. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ର ସାକ୍ଷୀ ରାୱତ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରା ଅଭିନୟ କରିଥିବା ପ୍ରମୁଖ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ରହିଛି 'ମେସିନ୍','ଲୁଷ୍ଟ ଷ୍ଟୋରିଜ', 'କଳଙ୍କ', 'କବୀର ସିଂ', 'ଗୁଡ୍ ନ୍ୟୁଜ', 'ଲକ୍ଷ୍ମୀ', 'ଭୁଲ ଭୁଲେୟାଁ ୨', 'ଗୋବିନ୍ଦା ନାମ ମେରା', 'ଗେମ୍ ଚେଞ୍ଜର' ଏବଂ 'ୱାର ୨'।



କିଆରା

## ଅତୀତରୁ...

➤ଓଡ଼ିଆ ସିନେମା 'ରାମ ବଳରାମ'ର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ଭି.। ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ଅନୀତା ଦାସ,ଦୀପା ସାହୁ ଏବଂ ବୀରେନ ରାଉତରାୟ ପ୍ରମୁଖ ଅଭିନୟ କରିଥିଲେ।

➤'ସୀତା ଲବକୁଶ' ଶୀର୍ଷକ ପୌରାଣିକ ସିନେମାରେ ରୋଜାରମଣି ଏବଂ ଚକ୍ରପାଣିଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅଶାନ୍ତ ଗ୍ରହ'ର ନିର୍ଦ୍ଦେଶନା ଦେବା ସହ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ। ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟ ମଧ୍ୟ କାଷ୍ଟିଂରେ ଥିଲେ।

### ଅପେରା ହାଲଚାଲ

## ସ୍ୱର୍ଣ୍ଣମହଲର ରୟାଲ ଯୋଡ଼ି

ଅପେରା ଜଗତର ଅନ୍ୟତମ ଆଗଧାଡିର ଅନୁଷ୍ଠାନ ହେଉଛି ଯାତ୍ରା ସ୍ୱର୍ଣ୍ଣମହଲ। ସ୍ୱାଇଁ ବ୍ରଦର୍ସ ପ୍ରଯୋଜନାରେ ଆସନ୍ତା ଯାତ୍ରା ଋତୁ ପାଇଁ ଏହି ପାର୍ଟି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସବୁଠାରୁ ଖାସ୍ କଥା ହେଲା ଗତ କିଛି ବର୍ଷ ଧରି ଏହାର ପ୍ରମୁଖ ମଙ୍ଗୁଆଳ ସାଜିଛନ୍ତି ଜଲିଉଡ୍‌ର ମୋଷ୍ଟ ଫେଭରାଇଟ୍ ଯୋଡି ସୁବାସ (ବେହେରା)-ଭାବନା। ୨୦୨୬-୨୭ରେ ମଧ୍ୟ ଏହି ରୟାଲ ଯୋଡ଼ିକୁ ପୁଣି ଥରେ ସ୍ୱର୍ଣ୍ଣମହଲ ରିପିଟ୍ କରିବାକୁ ଯାଉଛି। ଗତ ବର୍ଷ ଏହାର ସୁପରହିଟ୍ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି'ରେ ଏହି ଯୋଡି ବେଶ୍ ପ୍ରଶଂସା ସାଉଁଟି ଥିଲେ। ଏବର୍ଷ 'ଗୁହାରି ଶୁଣ ଦୀନବନ୍ଧୁ'ରେ ସୁବାସ-ଭାବନା ଯୋଡି ନିଜର ଅଭିନୟ ଦକ୍ଷତାର ପୁଣି ଥରେ ପ୍ରମାଣ ଦେଇଛନ୍ତି। ତେବେ ଏ ନେଇ ସୁବାସ କହନ୍ତି, ''ଆସନ୍ତା ଯାତ୍ରା ସିଜନରେ ସ୍ୱାଇଁ ବ୍ରଦର୍ସ ପୁଣି ଥରେ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ନୂଆ ସିଜନ୍‌ର ନୂଆ ନାଟକରେ କିପରି ଦର୍ଶକଙ୍କ ମନ ପୁଣି ଥରେ ଜିଣିପାରିବି ସେ ନେଇ ନିଶ୍ଚୟ ଉଦ୍ୟମ କରିବି। କାରଣ ସେମାନଙ୍କର ଭଲ ପାଇବା ଆଉ କରତାଳି ପାଇଁ ଆଜି ମୁଁ ଜଲିଉଡ୍‌ରେ ତିଷ୍ଠି ରହିଛି।'' ଏହି ଯୋଡି ଅଭିନୀତ ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ', 'ବଡ ଲୋକ ଛୋଟ ଲୋକ' ଏବଂ 'ଗରିବର ଦୁଃଖ ଦେଖିଛି କିଏ' ମଧ୍ୟ ଦର୍ଶକାଦୃତ ହୋଇସାରିଛି।



ସୁବାସ-ଭାବନା

### ପରଦାରେ..

## ମିଡ୍ ନାଇଟ୍

ରହସ୍ୟ ରୋମାଞ୍ଚଭରା କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ମିଡ୍ ନାଇଟ୍'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାହାଣୀ ଅନୁସାରେ ଅମିୟ ଦାଶ ଜଣେ ପୁଞ୍ଜିପତି ଏବଂ ଗୋଟେ ନିର୍ମାଣକାରୀ ସଂସ୍ଥାର ମାଲିକ। ତାଙ୍କର ଅନ୍ତରଙ୍ଗ ବନ୍ଧୁ ବିଜୁ ବଳିୟାର ସିଂ (ବିରେନ ମିଶ୍ର) ଓ ଚନ୍ଦ୍ରଶେଖର (ଅକ୍ଷୟ ବସ୍ତିଆ)ଙ୍କୁ ସେହି ସଂସ୍ଥାରେ କାମ କରିବାର ସୁଯୋଗ ଦିଅନ୍ତି। ହେଲେ ସଂସ୍ଥାର ଉନ୍ନତି ଓ ଲାଭାଂଶ ଦେଖି ସେମାନେ ଲୋଭ କରନ୍ତି। ମୋଟା ଅଙ୍କର ଅଂଶଧନ ଓ ଲାଭାଂଶ ମାଗନ୍ତି। ବାସ୍, ଏଇଠୁ କଳହର ସୂତ୍ରପାତ ହୁଏ। ସମୟକ୍ରମେ ନିଜ ସ୍ୱାର୍ଥ ସାଧନ ପାଇଁ ବିଜୁ ଏବଂ ଚନ୍ଦ୍ର ମିଶିକରି ଅମିୟଙ୍କୁ ହତ୍ୟା କରନ୍ତି। ପରବର୍ତ୍ତୀ ସମୟରେ ବାପାଙ୍କର ରହସ୍ୟମୟ ମୃତ୍ୟୁ ଉପରୁ ପରଦା ହଟାଇବାକୁ ପୂରାଦମ୍‌ରେ ଲାଗିପଡେ ଅନୀଲ। ଆଉ ଶେଷରେ କ'ଣ ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ମନୁ ଦ୍ୱିବେଦୀ ଏକାଧାରରେ ଏହାର ପ୍ରଯୋଜକ ସାଜିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତା' ସହ ବାପା (ଅମୀୟ ଦାଶ) ଏବଂ ପୁଅ (ଅନୀଲ) ଚରିତ୍ରରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ସଂଳାପ ରଚନା କରିଛନ୍ତି ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



'ମିଡ୍ ନାଇଟ୍' ଫିଲ୍ମର ଏକ ଦୃଶ୍ୟ

### ରିଲିଜ ଅପେକ୍ଷାରେ...

## ବର ବଧୂ



'ବର ବଧୂ' ଫିଲ୍ମରେ ଶୁଭାଶିଷ-ସୂର୍ଯ୍ୟମୟୀ

ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ନୂଆ ଓଡ଼ିଆ ସିନେମା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି। ରିଲିଜ ଅପେକ୍ଷାରେ ଥିବା ଏହି ନୂଆ ଓଡ଼ିଆ ଚିତ୍ରଟିର ଟାଇଟଲ ରହିଛି 'ବର ବଧୂ'। ଉକ୍ତ ଫିଲ୍ମରେ ଦୁଇ ବନ୍ଧୁ ଭୂମିକାରେ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ ଏବଂ ଶୈଳେନ୍ଦ୍ର ସାମନ୍ତରାୟ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ଭୂମିକାରେ ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ, ଭାସ୍ୱତୀ ବସୁ, ଜୟଶ୍ରୀ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଚିତ୍ରରେ ଶୁଭାଶିଷଙ୍କ ନାୟିକା ଭାବରେ ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ ସୂର୍ଯ୍ୟମୟୀ ସ୍କ୍ରିନ୍ ଶେୟାର କରିଥିବା ବେଳେ ଶୈଳେନ୍ଦ୍ରଙ୍କ ନାୟିକା ସାଜିଛନ୍ତି ଶିବାନୀ। ଅବଶ୍ୟ ଏହାପୂର୍ବରୁ ଶୈଳେନ୍ଦ୍ର-ଶିବାନୀ ଯୋଡି 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର' ଏବଂ 'ଛି ରେ ନନୀ ଛି'ରେ ଅଭିନୟ କରିସାରିଛନ୍ତି। ଆଉ ଏଥର ତୃତୀୟ ଥର ପାଇଁ ବଡ ପରଦାରେ ଦେଖାଦେବେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ତୁଲାଇଛନ୍ତି ବିଶ୍ୱରଞ୍ଜନ। କେବଳ ସେତିକି ନୁହେଁ, ସୁଶୀଲ କୁମାର ମିଶ୍ରଙ୍କ ସହ ସେ ମଧ୍ୟ ଏହାର ସହ-ପ୍ରଯୋଜନା କରିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ଯୁବ ସ୍ୱରକାର ଗୌରବ ଆନନ୍ଦ। ଯୁଜଫୁଲ ଗାର୍ବେଜ କ୍ରିଏସନ୍ସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।

## ଭୁଲି ପାରିବେନି ରାଣୀ

ଜଣେ କଳାକାର ଜୀବନରେ ଅନେକ ସ୍ମରଣୀୟ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକରେ ଖୁସିର ଫଲଗୁ ଝରୁଥିବା ବେଳେ ଆଉ କେତେକ ଘଟଣାରେ ବିଷାଦର ଛାୟା ଢ଼ାଙ୍କି ହୋଇ ରହିଥାଏ। ଠିକ୍ ସେମିତି ନିଜ ଅଭିନୟ କ୍ୟାରିୟର ପ୍ରାରମ୍ଭିକ ଅବସ୍ଥାରେ ଏକ ସିନେମାକୁ ଏବେ ବି ସେ ମନେ ପକାଇଥାଆନ୍ତି। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ରାଣୀ ମୁଖାର୍ଜୀ। ଆମୀର ଖାନ୍‌ଙ୍କ ସହ 'ଗୁଲାମ୍' ହିଟ୍ ହେବା ପରେ ତାଙ୍କୁ ଯଶ ଚୋପ୍ରାଙ୍କ 'ସାଥିୟା' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏହି ଚିତ୍ରଟି ଯେ ଏଭଳି ଆଶାତୀତ ଭାବରେ ସଫଳତା ଅର୍ଜନ କରିବ ତାହା ରାଣୀ କେବେ ଭାବି ନ ଥିଲେ। ''ଦିନେ ହଠାତ୍ ଯଶ ଚୋପ୍ରା ମୋତେ ଫୋନ୍ କରି କହିଲେ ଯେ ମୋତେ ସେ ତାଙ୍କର ଆଗାମୀ ଫିଲ୍ମ 'ସାଥିୟା'ରେ ସୁଯୋଗ ଦେଉଛନ୍ତି। ବଲିଉଡ୍‌ର ଏହି ବଡ ବ୍ୟାନରରେ ଅଭିନୟ କରିବାର ସୁଯୋଗ କେବଳ ଭାଗ୍ୟରେ ଥିଲେ ମିଳେ। ତେଣୁ ଅଫରଟିକୁ ଆଦୌ ହାତଛଡା କରି ନ ଥିଲି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ତା'ପରେ ମୋତେ ଅଫର ପରେ ଅଫର ମିଳି ଚାଲିଲା। ଏହି ଫିଲ୍ମଟିକୁ ମୁଁ କଦାପି ଭୁଲି ପାରିବି ନାହିଁ। 'ସାଥିୟା'ର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ଏହାର ଅନ୍ୟତମ ପ୍ରଯୋଜକ ଥିଲେ ମଣିରତ୍ନମ। ଗୁଲଜାର ଏହାର ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଥିଲେ ଏ.ଆର. ରହେମନ। ଏଥିରେ ରାଣୀଙ୍କର ନାୟକ ସାଜିଥିଲେ ବିବେକ ଓବରୟ।

## ସେହି ଛଅ ମାସ...

ଅଭିନୟ କ୍ଷେତ୍ରରେ ବିଦ୍ୟା ବାଲାନ କେତେ ଦକ୍ଷ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପରିଣିତା'। ଏହାର ପ୍ରଯୋଜନା କରିଥିଲେ ବିଧୁ ବିନୋଦ ଚୋପ୍ରା। ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେ ଏହାର ନାୟିକା ଚରିତ୍ରରେ ବିଦ୍ୟାଙ୍କୁ ସାଇନ୍ କରାଇବାକୁ ସ୍ଥିର କରିଥିଲେ। କିନ୍ତୁ ଭୂମିକାଟି କିପରି ଦମଦାର ହେବ ସେ ନେଇ ବିଦ୍ୟାଙ୍କୁ କିଛି ଥର ଅଡିଶନ ଦେବାକୁ ପଡିଥିଲା। ଆଉ ବିଦ୍ୟା ଲଗାତର ଛଅ ମାସ ଧରି ଅଡିଶନ ଦେବା ପରେ ଶେଷରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଗ୍ରୀନ୍ ସିଗନାଲ ଦିଆଯାଇଥିଲା। ଏ ବିଷୟରେ ବିଦ୍ୟା କହନ୍ତି, ''ମୋ ପ୍ରଥମ ସିନେମା ସାଇନ୍ କରିବା ପୂର୍ବରୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। କାରଣ ସେହି ସମୟରେ ପ୍ରଯୋଜକ ବିଧୁ ସାର୍ ଲଗାତର ଛଅ ମାସ ମୋର ଅଡିସନ୍ ନେଇଥିଲେ। ସେତବେଳକୁ ମୁଁ ଏକରକମ ଆଶା ଛାଡିଦେଇଥିଲି। କିନ୍ତୁ ବିଶ୍ୱାସ ଥାଏ ମୋର ଏହି ପରିଶ୍ରମ କେବେ ବୃଥା ଯିବନି। ଯାହାହେଉ ଶେଷରେ ମୋର ଆଶା ପୂରଣ ହେଲା। ୨୦୦୫ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ଭଲ ବିଜନେସ କରିଥିଲା।'' ବିଦ୍ୟାଙ୍କର ରୋଲ୍ ମଡେଲ କିଏ ଥିଲେ ଜାଣନ୍ତି ? ଉଭୟ ସବାନା ଆଜମୀ ଏବଂ ମାଧୁରୀ ଦିକ୍ଷୀତ।



ବିଦ୍ୟା ବାଲାନ୍



ରାଣୀ

# ଚିକିତ୍ସାଧୀନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ମୁଫିଙ୍କ ମୃତ୍ୟୁ

## ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣା

ଭୁବନେଶ୍ୱର, ୪।୨(ତ୍ରିନାଥ ମହାନ୍ତି)



ଏୟାରଫିଲ୍ଡ ଥାନା ସୁନ୍ଦରପଦା ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ସାହାନୱାଜ ମଲ୍ଲିକ ଓରଫ୍ ମୁଫିଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୁଫି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୁଫିଙ୍କ ବିରୋଧରେ ଏକାଧିକ ଅପରାଧ ମାମଲା ରହିଥିବାରୁ କୌଣସି ଆପରାଧିକ କାର୍ଯ୍ୟ ପାଇଁ ବେଆଇନଭାବେ ବୋମା ଭିଡୁଥିବା ସମୟରେ ବିସ୍ଫୋରଣ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ଏହି ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ୍ ରହିଛି ନା ନାହିଁ ତାର ଖୋଳତାଡ଼ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ତଦନ୍ତ କରୁଥିବାବେଳେ ମୁଫିଙ୍କ ମୃତ୍ୟୁ ଏବେ ଭିନ୍ନ ମୋଡ଼ ନେଇଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ମୁଫି, ତାଙ୍କ ମା’, ବାନ୍ଧବୀ ଏବଂ ୨ଜଣ ସହଯୋଗୀ ନ୍ୟୁ ଆଜାଦ କଲୋନିରେ ଥିବା ଏକ ୩ତାଲା ବିଶିଷ୍ଟ ଘର ଉପରେ ବୋମା ଭିଡୁଥିଲେ। ହେଲେ ଅସାଧାନତା କାରଣରୁ ତାହା ବିସ୍ଫୋରଣ ଘଟିଥିଲା। ଏଥିରେ ମୁଫିଙ୍କ ସମେତ ୫ ଜଣ ଆହତ ହୋଇଥିଲେ। ପ୍ରଥମେ ଏହି ମାମଲା ଏୟାରଫିଲ୍ଡ ପୋଲିସ ତଦନ୍ତ କରିଥିଲା, ପରେ ଏନ୍ଆଇଏର ଏକ ଟିମ୍ ବିସ୍ଫୋରଣସ୍ଥଳକୁ ଯାଇ ଖୋଳତାଡ଼ କରିଥିଲା। ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଏଥିସହ ହସ୍ପିଟାଲ୍‌କୁ ଯାଇ ଆହତମାନଙ୍କୁ ପଚରାଉଚରା କରିଥିଲା।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

- ■ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡ଼ିବାକୁ ଗ୍ରାମବାସୀଙ୍କ ଦାବି
- ■ଘର ସମ୍ମୁଖରେ ଦୀର୍ଘ ସମୟ ପଡ଼ି ରହିଥିଲା ମୃତଦେହ
- ■ଘଟଣାକୁ ନେଇ ଗ୍ରାମରେ ଲାଗିରହିଛି ଚାପା ଉତ୍ତେଜନା

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଜକରାପଲ୍ଲୀ ଗ୍ରାମରେ ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତା ମହିଳା ହେଉଛନ୍ତି ସନ୍ଧ୍ୟା ବିଶୋୟୀ। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡ଼ିବାକୁ ଗ୍ରାମବାସୀ ଦାବି କରିଥିଲେ। ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଦୀର୍ଘସମୟ ଧରି ଘର ସମ୍ମୁଖରେ ପଡ଼ିରହିଥିବା ମୃତଦେହ ସଂସ୍କାର ପାଇଁ ନିଆଯାଇଛି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଖବରରୁ ଜଣାପଡ଼ିଛି, ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ୨୦୨୧ରେ ଜକରାପଲ୍ଲୀ ଗ୍ରାମର ନିରାଜନ ବିଶୋୟୀଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ମୁତାବକ ବିବାହ ବେଳେ ସୁନା ଗହଣା, ଆସବାବପତ୍ର ଯୌତୁକ ରୂପେ ପ୍ରଦାନ କରାଯାଇଥିଲା। ବିବାହର କିଛି ଦିନ ଭଲରେ କଟିବା ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ସନ୍ଧ୍ୟା ଅଧିକାଂଶ ସମୟ ବାପଘରେ ରହୁଥିଲେ। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ତଳେ ନିଜ ଗାଁକୁ ଫେରିବା ପରେ ତାଙ୍କ ସ୍ତ୍ରୀ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକଙ୍କୁ ଅନୁରୋଧ କରିଥିଲେ। ଗତ ୧ ତାରିଖରେ ବାପ ଘର ଲୋକେ ସନ୍ଧ୍ୟାଙ୍କୁ ଜକରାପଲ୍ଲୀ ଗାଁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ। ତେବେ ପୁଣି ଥରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଇ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଜବରଦସ୍ତ ବିଷ ଖୁଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁଧବାର ପୂର୍ବାହ୍ନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା। ସେଠାରେ ଡାକ୍ତର ସନ୍ଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା’ ସବିତା ସ୍ୱାଇଁ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍ପି ପ୍ରଶାନ୍ତ ପାତ୍ର ନଂ. ୩୯/୨୬ରେ ମାମଲା ରୁଜୁ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ସନ୍ଧ୍ୟା ନିଜେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ବାପାଙ୍କୁ ଏସିଡ୍ ପିଆଇ, ଗଳାକାଟି ହତ୍ୟା କରିଥିଲେ ପୁଅ

## ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ବିଷମକଟକ, ୪।୨( ପ୍ରସନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ସହରର ବ୍ରାହ୍ମଣସାହି ଅଞ୍ଚଳରେ ଗତ ୩୦ ତାରିଖରେ ହୋଇଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ବାପା କୈଳାସ ଚନ୍ଦ୍ର ସାହୁଙ୍କୁ ପୁଅ ଶ୍ୟାମ ସୁନ୍ଦର ସାହୁ (୨୬) ପାଇଖାନା ସଫା କରିବା ଏସିଡ୍ ପିଆଇବା ପରେ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକାଟି ହତ୍ୟା କରିଥିବା ପୋଲିସ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫକରି ତାଙ୍କରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ମୃତ କୈଳାସ ସୁଧ କାରବାରକୁ ନେଇ ମୃତକଙ୍କ ସହ ୨ ପୁଅ ରାମଚନ୍ଦ୍ର ସାହୁ (୨୯) ଓ ଶ୍ୟାମସୁନ୍ଦର ସାହୁଙ୍କ ସମ୍ପର୍କ ଭଲ ନ ଥିଲା। ଗତ ୩୦ ତାରିଖରେ ଅଭିଯୁକ୍ତ ଶ୍ୟାମ ତାଙ୍କ ବାପାଙ୍କୁ ଏକାକୀ ଦେଖି ଘରେ ପାନୀୟରେ ଲାଟ୍ରିନ ସଫା କରିବାରେ ବ୍ୟବହୃତ ହେଉଥିବା ଏସିଡ୍ ମିଶାଇ ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ କୈଳାସ ଅସୁସ୍ଥ କରିବା ସହ ବାନ୍ତି କରିବାକୁ ଯାଉଥିବାବେଳେ ଅଭିଯୁକ୍ତ ପନିକି ଦ୍ୱାରା ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ପରେ ତାଙ୍କ ଗଳା କାଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବଚସାରୁ ବ୍ୟବସାୟୀଙ୍କୁ ହତ୍ୟା, ଜଣେ ଅଟକ

ଭଞ୍ଜନଗର,୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହର ଇଣ୍ଡିଆନ ଗ୍ୟାସ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ସାମାନ୍ୟ ବଚସାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବଡ଼କୋଦଣ୍ଡା ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୮)। ପୋଲିସ ମୃତଦେହ ଜବତକରି ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୦୦/୨୬) ରୁଜୁ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ, ହରେକୃଷ୍ଣ ଓ ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ବଚସା ହୋଇଥିଲା। ପରେ ଉଭୟେ ଧସ୍ତାଧସ୍ତି ହୋଇଥିଲେ। ଯୁବକ ଜଣଙ୍କ ହରେକୃଷ୍ଣଙ୍କୁ ଗୋଇଠା ପରେ ଗୋଇଠା ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ପହଞ୍ଚି ହରେକୃଷ୍ଣ ବଞ୍ଚିଥିବେ ଭାବି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ନ୍ୟାୟ ନ ମିଳିବାରୁ ଚାକିରି ଛାଡ଼ିଲେ ମହିଳା କର୍ମଚାରୀ

## ଯୌନ ନିର୍ଯାତନା ଅଭିଯୋଗ

ବାଲେଶ୍ୱର, ୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର କାଳିଦାସପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ପୋଲିସ୍, ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନର ପ୍ରୋଜେକ୍ଟ ମ୍ୟାନେଜରଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା କର୍ମଚାରୀ। ସେ ଏନେଇ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ (ସିଏମ୍‌ଡି)ରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ନ୍ୟାୟ ନ ମିଳିବାରୁ ସେ ବାଧହୋଇ ଚାକିରି ଛାଡ଼ିଛନ୍ତି।

